CMYK



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୨ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 02 JULY 2021

Vol.No. 32 ■ No. 166 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ଗର୍ଭବତୀଙ୍କୁ ଦିଆଯିବ ଟିକା : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୦୧/୦୭(ନି.ପ୍ର): ଗର୍ଭବତୀମାନଙ୍କୁ ଟିକାକରଣ ପାଇଁ ନିର୍ଦ୍ଦେଶ ଆସିଛି। ତାହା ଆରମ୍ଭ କରାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ରାଜ୍ୟରେ କୋଭିଡ କଟକଣା ଆଂଶିକ କୋହଳକୁ ନେଇ ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ ବି କାଟାଗୋରୀରେ ରଖାଯାଇଥିବା ଜିଲ୍ଲାଗୁଡ଼ିକରେ ସ୍ଥିତି ସଂପୂର୍ଣ୍ଣ ନିୟନ୍ତ୍ରଣକୁ ଆସିନଥିବା ବେଳେ ସେଠି କ୍ରମାଗତ ଭାବେ ଲକଡାଉନକୁ ବୃଦ୍ଧି କରାଯାଇଛି। ତେବେ ପୂର୍ବରୁ ବି କାଟାଗୋରୀରେ ଥିବା ଜିଲ୍ଲା ମଧ୍ୟରୁ କିଛି ଜିଲ୍ଲା ଏ କାଟାଗୋରୀକୁ ଯାଇଛି । ଜୀବନ ଜୀବିକାକୁ ଗୁରୁତ୍ୱ ଦେଇ ସରକାର କଟକଣା କୋହଳ କରିଛନ୍ତି। ସମସ୍ତେ କଟକଣା ମାନିଲେ ସଂକ୍ରମଣ କମିବ। ଆଶା କରାଯାଉଛି ଜୁଲାଇ ମାସରେ ସଂକ୍ରମଣ କମିବ। ଅପରପକ୍ଷରେ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି ଟିକାର ଅଭାବ ପରିଲକ୍ଷିତ ହୋଇଥିବାରୁ ଲକ୍ଷ୍ୟ ଅନୁଯାୟୀ ଟିକାକରଣ ହୋଇପାରୁନାହିଁ। ଗତକାଲି ମାତ୍ର ୪୯ ହଜାର ଲୋକଙ୍କୁ ଟିକା ଦିଆଯାଇଛି। କୋଭିସିଲ୍ଡ ଟିକା ୧୯ ହଜାର ରହିଛି କୋଭାକ୍ସିନ ଟିକା ୩ଲକ୍ଷ ଉପରେ ରହିଛି। ତେଣୁ ଆଜି ୧୧୪ ଟି ସ୍ଥାନରେ ଟିକା ଦିଆଯାଉଛି । ଏହା ଭିତରୁ ୭୨ଟି ସେସନ କେବଳ ଭୁବନେଶ୍ୱରରେ ହେଉଛି। ତୃତୀୟ ଲହର ପୂର୍ବରୁ ଟିକାକରଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି, କିନ୍ତୁ ଟିକା ମିଳିବା ଉପରେ ନିର୍ଭର କରୁଥିବା କହିଛନ୍ତି ବିଜୟ ପାଣିଗ୍ରାହୀ।

## ଭୁବନେଶ୍ୱର ଏମସ୍‌ରେ ପହଂଚିଲା ଇକମୋ ମେସିନ୍

ଭୁବନେଶ୍ୱର,୦୧/୦୭ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଏମସ୍‌ରେ ପହଂଚିଛି ଇକମୋ ମେସିନ। ଆସନ୍ତା ଜୁଲାଇ ୧୫ ସୁଦ୍ଧା ଭୁବନେଶ୍ୱରଏମସ୍ ରେ ଏହା କାର୍ଯ୍ୟକ୍ଷମ ହେବ। ଗତ ୨୯ ତାରିଖରେ ଇକମୋ ମେସିନ୍ ପହଂଚିଥିବା ଭୁବନେଶ୍ୱର ଏମସ୍ ଅଧୀକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ଏମସ୍ ରେ ଇକମୋ ମେସିନର ସଂସ୍ଥାପନ କାମ ଚାଲିଛି। ଖୁବ୍ ଶୀଘ୍ର ଏମ୍ କୁ ଦ୍ୱିତୀୟ ଇକମୋ ମେସିନ୍ ଆସିବ। ଓଡ଼ିଶାରେ ଏହି ମେସିନ୍ ନଥିବାରୁ ବହୁ ରୋଗୀ ହଇରାଣ ହେଉଥିଲେ। ଏପରିକି କୋଭିଡ୍ ସମୟରେ ଇକମୋ ଚିକିତ୍ସାର ଆବଶ୍ୟକତା ବଢ଼ିଥିବାରୁ ଓଡ଼ିଶାର ବହୁ ରୋଗୀ ଏୟାରିଲିଫ୍ଟିଂ ହୋଇ ବାହାରକୁ ସ୍ଥାନାନ୍ତର ହୋଇଛନ୍ତି। ଏହି ନେବା ଆଣିବା ଏକ ବ୍ୟୟବହୁଳ ହୋଇଥିବାରୁ ରୋଗୀଙ୍କ ସମ୍ପର୍କୀୟ ଆର୍ଥିକ ସହୟତା ପାଇଁ ନେହୁରା ହେଉଥିଲେ। ଫଳରେ ମେସିନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜୀବନ ରକ୍ଷାକାରୀ ଇକମୋ ମେସିନ ଏମ୍ସରେ ଲାଗିବ ବୋଲି ଏହାର ଅଧୀକ୍ଷକ ଡା.ସଚ୍ଚିଦାନନ୍ଦ ମହାନ୍ତି ସୂଚନା ଦେଇଥିଲେ ।

## କୋଭିସିଲ୍ଡ ଟିକା ନେଇଥିବା ଲୋକଙ୍କ ପାଇଁ ଖୁସି ଖବର

# ୟୁରୋପୀୟ ରାଷ୍ଟ୍ରର ୭ ଟି ଦେଶକୁ ମିଳିଲା ଯାତ୍ରା ଅନୁମତି



ନୂଆଦିଲ୍ଲୀ,୦୧/୦୭(ନି.ପ୍ର): କୋଭିଡ-୧୯ ଟିକା କୋଭିସିଲ୍ଡକୁ ନେଇ ୟୁରୋପୀୟ ଦେଶମାନଙ୍କରେ ଲାଗିରହିଥିବା ବିବାଦର ଅନ୍ତ ଘଟିଛି । ଶେଷରେ କୋଭିସିଲ୍ଡ ଟିକା ନେଇଥିବା ଲୋକମାନଙ୍କୁ ୟୁରୋପୀୟ ସଂଘର ୭ ଟି ଦେଶକୁ ଯାତ୍ରା ପାଇଁ ଅନୁମତି ମିଳିଛି । କହିରଖୁ କି ଗୋଟିଏ ଦିନ ପୂର୍ବରୁ ୟୁରୋପୀୟ ସଂଘର ସଦସ୍ୟଙ୍କୁ କୋଭିସିଲ୍ଡ ଭ୍ୟାକ୍ସିନକୁ ପାସପୋର୍ଟ ଲିଷ୍ଟରେ ସାମିଲ କରିବାକୁ ଭାରତ ଅନୁରୋଧ କରିଥିଲା । ଏହାସହ ବୁଧବାରଦିନ କେନ୍ଦ୍ର ତରଫରୁ କୁହାଯାଇଥିଲା କି ଯଦି ୟୁରୋପୀୟ ସଂଘ କୋଭିସିଲ୍ଡ ଓ କୋଭାକ୍ସିନ କୁ ପାସପୋର୍ଟ ଲିଷ୍ଟରେ ସାମିଲ ନକରେ ତେବେ ୟୁରୋପୀୟ ନାଗରିକଙ୍କ ପାଇଁ କ୍ୱାରେଣ୍ଟିନ ବାଧ୍ୟତାମୂଳକ କରାଯିବ । ଗୁରୁବାର ଦିନ ଅଷ୍ଟ୍ରିଆ, ଜର୍ମାନୀ, ଗ୍ରୀସ୍, ଆଇସଲ୍ୟାଣ୍ଡ, ଆୟରଲ୍ୟାଣ୍ଡ ଓ ସ୍ପେନ କୋଭିସିଲ୍ଡ ଟିକାକୁ ସ୍ୱିକାର କରିଛନ୍ତି । ଏହାସହ ଭାରତ ତରଫରୁ ୟୁରୋପୀୟ ଦେଶମାନଙ୍କୁ କୋ-ୱିନ୍ ଆପ୍ ଦ୍ୱାରା ପ୍ରାପ୍ତ ଭ୍ୟାକ୍ସିନ ସାର୍ଟିଫିକେଟକୁ ମଞ୍ଜୁରୀ ଦେବାକୁ ଅନୁରୋଧ କରିଥିଲା । ଭାରତୀୟ ଅଧିକାରୀ କହିଥିଲେ କି ସାର୍ଟିଫିକେଟକୁ କୋ-ୱିନ୍ ପୋର୍ଟାଲ ଜରିଆରେ ଅସଲି କି ନକଲି ପ୍ରମାଣ କରାଯାଇ ପାରିବ । ବର୍ତ୍ତମାନ ପର୍ଯ୍ୟନ୍ତ ୟୁରୋପୀୟ ମେଡିସିନ୍ସ ଏଜେନ୍ସି କେବଳ ୪ ଟି କୋଭିଡ-୧୯ ଟିକାକୁ ଅନୁମତି ଦେଇଛି । ଯାହା ମଧ୍ୟରେ ଫାଇଜର/ବାୟୋନଟେକର କାର୍ମୀନାଟୀ, ମଡର୍ଣ୍ଣା, ଏଷ୍ଟ୍ରାଜେନିକା-ଅକ୍ସଫୋର୍ଡର ଭ୍ୟାକ୍ସଜର୍ବୀୟା ଓ ଜନସନ ଆଣ୍ଡ ଜନସନ ସାମିଲ ରହିଛି । କେବଳ ଏହି ୪ ଟି କମ୍ପାନୀର ଟିକା ନେଇଥିବା ଲୋକଙ୍କୁ ସଂଘ ତରଫରୁ ଭ୍ୟାକ୍ସିନ ପାସପୋର୍ଟ ଦେବାକୁ ନିଷ୍ପତ୍ତି ନେଇଥିଲା ୟୁରୋପୀୟ ମହାସଂଘ । କୋଭିସିଲ୍ଡ ଟିକା ନେଇଥିବା ଲୋକଙ୍କୁ ୟୁରୋପୀୟ ଦେଶମାନଙ୍କର ପ୍ରବେଶ ନିଷେଧ କଟକଣା ଉପରେ ସୋମବାର ଦିନ ସେରମ୍ ଇନଷ୍ଟିଚ୍ୟୁଟର ସିଇଓ ଅଦାର ପୁନାୱାଲା ଟ୍ୱିଟ୍ କରିଥିଲେ । ସେ କହିଥିଲେ କି ୟୁରୋପୀୟ ଦେଶମାନଙ୍କ ଦ୍ୱାରା ଲଗାଯାଇଥିବା କଟକଣାକୁ ସେ ଦେଶର ଶୀର୍ଷ ଅଧିକାରୀ ମାନଙ୍କ ଆଗରେ ରଖିଛନ୍ତି ଓ ଏହାର ସମାଧାନ ଖୁବଶୀଘ୍ର ହୋଇଯିବ ।

## ଡାକ୍ତର ଦିବସରେ ସାରା ଦେଶର ଡାକ୍ତରଙ୍କୁ ପ୍ରଣାମ ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୦୧/୦୭(ନି.ପ୍ର): ଜାତୀୟ ଡାକ୍ତର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶର ଡାକ୍ତରଙ୍କୁ ସମ୍ବୋର୍ଦ୍ଧିତ କରିଛନ୍ତି । ଏହି କ୍ରମରେ ପ୍ରଧାନମନ୍ତ୍ରୀ କହିଛନ୍ତି କି କରୋନା କାଳରେ ଡାକ୍ତରମାନେ ଯେଭଳି ଭାବେ ସେବା କରିଛନ୍ତି ସେଥିପାଇଁ ଦେଶର ୧୩୦ କୋଟି ଲୋକଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରୁଛି । ଏହାସହ ଡାକ୍ତରଙ୍କୁ ଭଗବାନଙ୍କର ଦ୍ୱିତୀୟ ଅବତାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହୁରି କହିଛନ୍ତି କି ଯେତେବେଳେ ଦେଶ କରୋନା ବିରୋଧରେ ଏକ ବଡ ଲଢେଇ ଲଢୁଥିଲା ସେତେବେଳେ ଡାକ୍ତରମାନଙ୍କ ପାଇଁ ହଜାର ହଜାର ଲୋକଙ୍କ ଜୀବନ ରକ୍ଷା ହୋଇ ପାରିଛି । ଲୋକଙ୍କ ସେବା କରୁ କରୁ ପ୍ରାଣ ହରାଇଥିବା ଡାକ୍ତରଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ଏହାସହ କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଉଥିବା କଥା ପ୍ରଧାନମନ୍ତ୍ରୀ କହିଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବାର ଉନ୍ନତି ଉପରେ ଜାରି ରହିଥିବା କର୍ଯ୍ୟକ୍ରମ ଉପରେ ପ୍ରଧାନମନ୍ତ୍ରୀ କହିଛନ୍ତି କି ପୂର୍ବ ବର୍ଷ କରୋନାର ପ୍ରଥମ ଲହର ବେଳେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବାକୁ ୧୫ ହଜାର କୋଟି ଟଙ୍କା ଖର୍ଚ୍ଚର୍ କରାଯାଇଛି । ଏହାସହ ଚଳିତ ବର୍ଷ ବି ୨ ଲକ୍ଷ ୨୦ ହଜାର କୋଟି ଟଙ୍କା ମଞ୍ଜୁର ହୋଇଥିବା ସେ କହିଛନ୍ତି । ▶▶ପୃଷ୍ଠା ୭

## ୟୁପି ନିର୍ବାଚନକୁ ନେଇ ସମାଜବାଦୀ ପାର୍ଟିର ବଡ ଘୋଷଣା

# ଛୋଟ ଛୋଟ ଦଳମାନଙ୍କ ସହ ହେବ ମେଣ୍ଟ: ଅଖିଳେଶ



ନୂଆଦିଲ୍ଲୀ,୦୧/୦୭(ନି.ପ୍ର): ଦେଶର ସବୁଠାରୁ ବଡ ରାଜ୍ୟ କୁହାଯାଉଥିବା ଉତ୍ତରପ୍ରଦେଶରେ ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ହେଲେ ଏବେଠାରୁ ନେତା ମାନଙ୍କ ଭିତରେ ଆରୋପ ଓ ପ୍ରତ୍ୟାରୋପ ଆରମ୍ଭ ହୋଇଛି । ଏହି କ୍ରମରେ ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟିର ଅଧକ୍ଷ ଅଖିଳେଶ ଯାଦବ ଏକ ବଡ ବୟାନ ଦେଇଛନ୍ତି । ସେ କହିଛନ୍ତି କି ଆସନ୍ତା ବିଧାନସଭା ନିର୍ବାଚନରେ ଦଳ ଛୋଟ ଛୋଟ ରାଜନୈତିକ ଦଳମାନଙ୍କ ସହ ମେଣ୍ଟ କରିବ । କେବଳ ସେତିକି ନୁହେଁ ସେ ବିଜେପିକୁ ଟାର୍ଗେଟ କରି କହିଛନ୍ତି ଯେ ବିଜେପି ମୁଖ୍ୟ ସମସ୍ୟା ଉପରେ ଆଲୋଚନା କରୁନାହିଁ । ଦେଶରେ ବେରୋଜଗାରୀ ଓ ଦରବୃଦ୍ଧି ପ୍ରସଙ୍ଗ ଆସିଲେ ବିଜେପି ପଛଘୁଞ୍ଚା ଦେଉଛି । କହିରଖୁ କି ୟୁପିରେ ବିଧାନସଭା ନିର୍ବାଚନକୁ ଆଉ ୧ ବର୍ଷରୁ ▶▶ପୃଷ୍ଠା ୭

## ସୁକାନ୍ତ ପଣ୍ଡା ଓଏସଡି ନିଯୁକ୍ତ

ଭୁବନେଶ୍ୱର,୦୧/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ଲୋକସମ୍ପର୍କ ଅଧିକାରୀ ସୁକାନ୍ତ କୁମାର ପଣ୍ଡାଙ୍କୁ ଓଏସଡି ଭାବେ ନିଯୁକ୍ତ କରାଯାଇଛି। ଅବସର ପରେ ଶ୍ରୀ ପଣ୍ଡାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଆଜିଠାରୁ ଏକ ବର୍ଷ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟକରିବେ। ଏସମ୍ପର୍କରେ ଗୁରୁବାର ଦିନ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

## ୫୦% କର୍ମଚାରୀଙ୍କୁ ନେଇ ଚାଲିବ ସରକାରୀ ଅଫିସ୍

ଭୁବନେଶ୍ୱର,୦୧/୦୭ (ନି.ପ୍ର): ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ ଅଧସ୍ତନ କାର୍ଯ୍ୟାଳୟଗୁଡ଼ିକ ଜୁଲାଇ ୧୫ତାରିଖ ପର୍ଯ୍ୟନ୍ତ ଅତିକମରେ ୫୦% କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବ। ଉପସଚିବ ଓ ତଦୁର୍ଦ୍ଧ୍ୱ ପାହ୍ୟାର ଅଫିସରମାନେ ପ୍ରତିଦିନ ଅଫିସ ଆସିବେ। ଯେଉଁ କର୍ମଚାରୀମାନେ ଦୁଇଟି ଡୋଜ୍ କୋଭିଡ୍ ଟିକା ନେଇଥିବେ ସେମାନେ ଅଫିସ୍ ଆସିବା ବାଧ୍ୟତାମୂଳକ। ତେବେ ଭିନ୍ନକ୍ଷମ ଓ ଗର୍ଭବତୀ ମହିଳାଙ୍କୁ ଅଫିସ୍ ଆସିବା ଓ ୱାର୍କ ଫ୍ରମ ହୋମରୁ ବାଦ୍ ଦିଆଯାଇଛି। ଗୁରୁବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ▶▶ପୃଷ୍ଠା ୭

## ନାବାଳକ ଚା' ଦୋକାନୀଙ୍କୁ ଗୋଇଠା ମାରି ପୋଲିସ୍ କର୍ମଚାରୀ ନିଲମ୍ବିତ

ଭୁବନେଶ୍ୱର,୦୧/୦୭ (ନି.ପ୍ର): ନାବାଳକ ଚା' ଦୋକାନୀଙ୍କୁ ଗୋଇଠା ମାଡ ଘଟଣାରେ ଜଣେ ପୋଲିସ୍ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ନିଲମ୍ବିତ ହୋମଗାର୍ଡ ହେଲେ ଏ.କେ. ବିଶ୍ୱାଳ । ସେ ୨୯ ନମ୍ବର ପିସିଆରର ଡ୍ରାଇଭର ବୋଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସ ସୂଚନା ଦେଇଛନ୍ତି। ଏହା ଛଡ଼ା ଘଟଣା ଦିନ ପିସିଆର୍ ଡ୍ୟୁଟିରେ ଥିବା ଅନ୍ୟ କର୍ମଚାରୀଙ୍କ ଭୂମିକା ନେଇ ତଦନ୍ତ ହେବ ବୋଲି ଡିସିପି କହିଛନ୍ତି । ତଦନ୍ତ ଦାୟିତ୍ୱ ଅତିରିକ୍ତ ଡିସିପିଙ୍କୁ ଦିଆଯାଇଛି। ହୋମଗାର୍ଡ ଜଣଙ୍କ ନାବାଳକଙ୍କୁ ଲାତ ମାରିବା ବେଳେ ଅନ୍ୟ କର୍ମଚାରୀ କାହିଁକି ଅଟକାଇଲେ ନାହିଁ । ଓମଫେଡ୍ ବୁଥରୁ ବ୍ରେଡ୍ ଓ କ୍ଷୀର ସବୁ କିଏ ନେଲା ? ଏଭଳି ଅନେକ ଦିଗର ତଦନ୍ତ କରିବେ ଅତିରିକ୍ତ ଡିସିପି । ଏଥିସହ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଅନୁଧ୍ୟାନ କରାଯିବ ବୋଲି ଡିସିପି କହିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ▶▶ପୃଷ୍ଠା ୭

## ଭୁବନେଶ୍ୱରରେ ପହଞ୍ଚିଲା ୧ ଲକ୍ଷ କୋଭିସିଲ୍ଡ ଟିକା

### ଆସନ୍ତା କାଲି ଓଡିଶା ଆସିପାରେ ପ୍ରାୟ ୧୦ ଲକ୍ଷ ଟିକା



ଭୁବନେଶ୍ୱର,୦୧/୦୭(ନି.ପ୍ର): ଭୁବନେଶ୍ୱରରେ ପହଞ୍ଚିଲା ୧ ଲକ୍ଷ କୋଭିସିଲ୍ଡ ଟିକା । ଆସନ୍ତା କାଲି ଓଡିଶା ଆସିପାରେ ଆହୁରି ୧୦ ଲକ୍ଷ ଟିକା । ସେରମ ଇନଷ୍ଟିଚ୍ୟୁଟରୁ ଆସିପାରେ ୮ ଲକ୍ଷ କୋଭିସିଲ୍ଡ ଟିକା ବୋଲି ସୂଚନା ମିଳିଛି । ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟରେ ଟିକା ନଥିବାରୁ ଆଜି ଟିକାକରଣ ବନ୍ଦ ରହିଛି । କାଲି ରାଜ୍ୟକୁ ଟିକା ଆସିବାର ଥିଲା, ହେଲା ଆସିନଥିଲା । ଆଜି ୧ ଲକ୍ଷ ଟିକା ପହଞ୍ଚିଛି । ତେବେ ରାଜ୍ୟରେ ପୁଣି ଟିକାକରଣ ଆରମ୍ଭ ହେବ । କରୋନାକୁ ହରାଇବାକୁ ଏବେ ସାରା ଦେଶରେ ଟିକାକରଣକୁ ଜୋରଦାର କରାଯାଉଛି ।

# ଜୁଲାଇ ୩୦ରୁ ମାଟ୍ରିକ୍ ଅଫଲାଇନ୍ ପରୀକ୍ଷା

### ୫ରୁ ଅନଲାଇନ୍ ରେ ଫର୍ମ ପୂରଣ



ଭୁବନେଶ୍ୱର,୦୧/୦୭ (ନି.ପ୍ର): ମାଟ୍ରିକ ମୂଲ୍ୟାୟନରେ ଅସନ୍ତୁଷ୍ଟ ଥିବା ଛାତ୍ରଛାତ୍ରୀମାନେ ଅଫଲାଇନ୍ ପରୀକ୍ଷା ହେବେ। ସେଥିପାଇଁ ଜୁଲାଇ ୩୦ ତାରିଖରୁ ଅଗଷ୍ଟ ୫ ତାରିଖ ଯାଏଁ ଅଫ୍ ଲାଇନ୍ ପରୀକ୍ଷା ହେବ। ଅଫ୍‌ଲାଇନ୍ ପରୀକ୍ଷା ପାଇଁ ଅନ୍ ଲାଇନ୍‌ରେ ଫର୍ମ ପୂରଣ କରିବାକୁ ପଡ଼ିବ। ଜୁଲାଇ ୫ରୁ ଜୁଲାଇ ୧୪ ତାରିଖ ପର୍ଯ୍ୟନ୍ତ ଫର୍ମ ପୂରଣ ହେବ। ପରୀକ୍ଷା ନିମନ୍ତେ ସବୁ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଫିସ୍ ଛାଡ଼ କରାଯାଇଛି। ଉଲ୍ଲେଖ୍ୟଯୋଗ୍ୟ ଯେ ମହାମାରୀ କରୋନା ପାଇଁ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ହୋଇନଥିଲା। ସେଥିପାଇଁ ବିନା ପରୀକ୍ଷା ▶▶ପୃଷ୍ଠା ୭

## ୫ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୦୧/୦୭ (ନି.ପ୍ର): ରାଜ୍ୟରେ ମୌସୁମୀ ପ୍ରବାହ ଦୁର୍ବଳ ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଆସନ୍ତା ୨୪ ଘଂଟା ମଧ୍ୟରେ ୫ ଟି ଜିଲ୍ଲା ଯଥା ମାଲକାନଗିରି, କୋରାପୁଟ, ନୟାଗଡ , କଟକ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ସେହିପରି ୨୩ ଟି ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ ,ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ , ଢେଙ୍କାନାଳ, କନ୍ଧମାଳ, କୋରାପୁଟ, ମାଲକାନଗିରି, ରାୟଗଡା, ନବରଙ୍ଗପୁର, କଳାହାଣ୍ଡି , ବୌଦ୍ଧ ଓ ଅନୁଗୁଳ ଜିଲ୍ଲାରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୨ ତାରିଖ ସକାଳ ଠାରୁ ୩ ତାରିଖ ସକାଳ ମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ବରଗଡ, ଝାରସୁଗୁଡା, ସମ୍ବଲପୁର, ସୁବର୍ଣ୍ଣପୁର, ଅନୁଗୁଳ, ଢେଙ୍କାନାଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ମଣ୍ଡିରେ ଚାଷୀର ଧାନ ନଉଠିବାରୁ ବଢ଼ିଲା ଅସନ୍ତୋଷ

### ବିଜେପିର ୨ ଦିନିଆ ଆନ୍ଦୋଳନ ■ ବିଜେଡ଼ି କହିଲା ଦୋଷ ଲୁଚାଇବାକୁ ପ୍ରତିବାଦ କରୁଛନ୍ତି ବିରୋଧୀ; କେନ୍ଦ୍ର ବଢାଉନି ଧାନ କିଣା ଡ଼େଡଲାଇନ୍

ନୂଆଦିଲ୍ଲୀ,୦୧/୦୭(ନି.ପ୍ର): ସରକାରଙ୍କ ୧୨ ଦିନିଆ ଟୋକନ ଅବଧି ସାରା ରାଜ୍ୟରେ ଚାଷୀଙ୍କ ପାଇଁ ସମସ୍ୟାର କାରଣ ହୋଇଛି । ଟୋକନ ଅବଧି ସରିଯିବାରୁ ମଣ୍ଡିରେ ପଡ଼ି ରହିଛି ଚାଷୀଙ୍କ ଧାନ । ରାଜ୍ୟର ବିଭିନ୍ନ ଭାଗରୁ ଏଭଳି ଉଦବେଗଜନକ ଚିତ୍ର ଆସିବା ପରେ ରାଜନୈତିକ ପ୍ରସଙ୍ଗ କରି ରାସ୍ତାକୁ ଓହ୍ଲାଇଛି ବିଜେପି । ଦଳର ଅଭିଯୋଗ ରାଜ୍ୟ ଗତ ଖରିଫରେ ରାଜ୍ୟ ସରକାର କରିଥିବା ଟୋକନ ବ୍ୟବସ୍ଥା ବିଫଳ ହେଲା । ଅନେକ ଚାଷୀଙ୍କୁ ଟୋକନ ମିଳିନାହିଁ । ପଂଜିକୃତ ଚାଷୀଙ୍କୁ ଟୋକନ ଦିଆଯାଉନାହିଁ । କୃଷି ସଂଗଠନ ଗୁଡ଼ିକ ସହିତ ଆଲୋଚନା ପରେ ଜଣାପଡ଼ିଛି ମଣ୍ଡିର ସମୟ ବୃଦ୍ଧି ପାଇଁ ସମସ୍ତେ ଚାହୁଁଛନ୍ତି । ଏହାର ଜବାବ ରଖିଛି ବିଜେଡ଼ି । ମଣ୍ଡି ଅବ୍ୟବସ୍ଥା ପାଇଁ ଶାସକ ଦଳ କେନ୍ଦ୍ରକୁ ଦୋଷ ଠେଲିଛି । ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ କହିବା ହେଲା କେନ୍ଦ୍ର ସରକାର ଏହି ୩୦ ତାରିଖ ଯାଏଁ ଧାନ ସଂଗ୍ରହ ପାଇଁ ଡ଼େଡ଼ଲାଇନ୍ ଦେଇଥିଲେ । କେନ୍ଦ୍ର ଏହି ଡ଼େଡଲାଇନ୍ ବୃଦ୍ଧି କରୁନାହିଁ ଏବଂ ରାଜ୍ୟ ପାଖରେ ଡ଼େଡ଼ଲାଇନ୍ ବଢାଇବାର କ୍ଷମତା ନାହିଁ । ତେଣୁ ବିରୋଧି ନିଜ ଦୋଷ ଲୁଚାଇବାକୁ ପ୍ରତିବାଦ କରୁଥିବା କହିଛନ୍ତି ବିଜେଡ଼ି ମୁଖ୍ୟ ସଚେତକ ।

CMYK

## ବ୍ରହ୍ମପୁର ବିଧାୟକଙ୍କ ଫେସବୁକ୍ ଆକାଉଂଟ ହ୍ୟାକ୍

ଗଞ୍ଜାମ,୧/୭ (ନି.ପ୍ର): ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଫେସବୁକ୍ ଆକାଉଂଟକୁ କେହି ହ୍ୟାକ୍ କରିଥିବା ଅଭିଯୋଗ ହୋଇଛି । ସାଇବର ଅପରାଧୀ ମାନେ ଆକାଉଂଟକୁ ହ୍ୟାକ୍ କରି ତାଙ୍କ ପରିଚିତ ଲୋକଙ୍କୁ ଟଙ୍କା ମାଗୁଛନ୍ତି । ଏ ସମ୍ପର୍କରେ ବିଧାୟକ ଶ୍ରୀ ପଣ୍ଡା ଜାଣିବା ପରେ ବ୍ରହ୍ମପୁର ଏସପି ପୀନାକ ମିଶ୍ରଙ୍କୁ ଅବଗତ କରାଇଛନ୍ତି । ରାଜ୍ୟ ବାହାରର କୌଣସି ବ୍ୟକ୍ତି ଆକାଉଂଟକୁ ହ୍ୟାକ୍ କରି ଟଙ୍କା ମାଗୁଥିବା ଫେସବୁକ୍ ରୁ ଜଣାପଡିଛି । ତେବେ କେହି ଟଙ୍କା ନଦେବାକୁ ବିଧାୟକ ଶ୍ରୀ ପଣ୍ଡା ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

## ଧବଳେଶ୍ୱର ମନ୍ଦିର ପ୍ରତିଷ୍ଠା ଶୁଭାରମ୍ଭ

କୋରେଇ,୧/୭ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଂଚାୟତର ବରପଦା ଗ୍ରାମରେ ଓଁ ଶ୍ରୀ ଶ୍ରୀ ଧବଳେଶ୍ୱରାୟଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହସ୍ଥାପନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ମଙ୍ଗଳବାର ଠାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ୨ ତାରିଖ ଶୁକ୍ରବାର ପୂର୍ଣ୍ଣାହୂତି କରାଯିବା । ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡିପାଠ ଓ ଗୀତାପାଠ ଚାଲୁ ରହିଥିବା ବେଳେ ଆଜି କଳସ ଯାତ୍ରା ଶେଷ କରାଯାଇ ଯଜ୍ଞାରମ୍ଭ କରାଯାଇଛି । ଗୁରୁବାର ନ୍ୟାସ ଗ୍ରାମ ପରିକ୍ରମା ପରେ ଶୁକ୍ରବାର ସିଂହାସନାରୋହଣ ସହ ଯଜ୍ଞର ପୂର୍ଣ୍ଣାହୂତି କରାଯିବା । ପୂଜକଭାବେ ଲଛମନ ପଣ୍ଡା, ଶ୍ରୀଧର ପଣ୍ଡା, ବିଧୁଭୂଷଣ ମିଶ୍ର, ଶ୍ୟାମ ସୁନ୍ଦର ଦାସ, ଗୋକୁଳ ଚନ୍ଦ୍ର ପଣ୍ଡା, ସୁଧାଂଶୁ ପଣ୍ଡା, ନିରଂଜନ ପାଣିଗ୍ରାହୀ, ଧିରେନ୍ଦ୍ର କୁମାର ମିଶ୍ର, ଅନିରୁଦ୍ଧ ପାଣିଗ୍ରାହୀ, ବୈଷ୍ଣବ ପାଣିଗ୍ରାହୀ ଯୋଗଦେଇ ପୂଜାର୍ଚ୍ଚନା କରୁଥିବା ବେଳେ ବରପଦା ଗ୍ରାମର ଗ୍ରାମାବସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି ।

# ମେଟ୍ରିକ ରେଜଲ୍ଟରୁ ବଂଚିତ ଦୃଷ୍ଟିହୀନ ଛାତ୍ରଛାତ୍ରୀ : ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ପରେ ବି ନିରାଶରେ ଫେରିଲେ ତିନି ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀ

କେନ୍ଦୁଝର,୧/୭ (ନି.ପ୍ର): ସାରା ଦେଶ ଓ ରାଜ୍ୟ ରେ କରୋନା ମହାମାରୀ କାୟା ବିସ୍ତାରକୁ ଦୃଷ୍ଟିରେ ରଖି ମେଟ୍ରିକ ଛାତ୍ର ଛାତ୍ରୀ ମାନଙ୍କର ବିନା କାଗଜ କଲମରେ ପରୀକ୍ଷା ଫଳ ପ୍ରକାଶ ପାଇଲା । ଏଥିରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିଲେ ମଧ ଫଳକୁ ନେଇ ଅନେକ ସ୍କୁଲର ଛାତ୍ର ଛାତ୍ରୀ ସେମାନଙ୍କର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ହେଲେ ସମସ୍ତେ ଦୃଷ୍ଟିହୀନ ଛାତ୍ର ଛାତ୍ରୀଙ୍କ କଥା ଭୂଲି ଗଲେ ଓ ତାଙ୍କୁ ଅଣଦେଖା କଲେ । ଫଳରେ ମେଟ୍ରିକ ପରୀକ୍ଷା ଦେଇ ମଧ ସେମାନଙ୍କର ଫଳ ପ୍ରକାଶ ପାଇଲା ନାହିଁ । ଏହାକୁ ନେଇ କେନ୍ଦୁଝର ମନୋଜ ମଞ୍ଜରୀ ଶିଶୁ ଭବନ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଅନେକ ସରକାରୀ ଅଧିକାରୀଙ୍କୁ ଓ ମନ୍ତ୍ରୀଙ୍କୁ ଗୁହାରୀ କରିବା ପରେ ମଧ ଅଦ୍ୟାବଧି ଫଳ ଘର ଶୂନ । ଆମକୁ ସ୍ପେଶାଲ ପିଲା ବୋଲି କହୁଛନ୍ତି ହେଲେ ଆମ ଭବିଷ୍ୟତ ସହିତ ଖେଳୁଛନ୍ତି, ଆମକୁ ସାଧାରଣ ପିଲାଙ୍କ ଠାରୁ ହୀନ ଦୃଷ୍ଟିରେ ଦେଖାଯାଉଛି । ଆମେ ଦଶ ବର୍ଷ ଧରି ସ୍କୁଲରେ ପଢିଛୁ । ନବମ ଶ୍ରେଣୀରେ ପାଠ ପଢିଛୁ । ଭଲ ନମ୍ବର ମଧ ରଖିଛୁ । ଏପରିକି ନବେ ପ୍ରତିଶତ ନମ୍ବର ରଖିଛୁ । ସରକାର ଆମ କଥା ବୁଝିବାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସୃଷ୍ଟି କରିଛନ୍ତି ହେଲେ ସେ ଆମକଥା ବୁଝିଲେ ନାହିଁ । ସାଧାରଣ ପିଲାଙ୍କର ମେଟ୍ରିକ ରେଜଲ୍ଟ ବାହାରିଲା ହେଲେ ଆମର ଫଳ ବାହାରିଲା ନାହିଁ । ଏମିତି କିଛି କୋହଭରା କଣ୍ଠରେ କହିଛନ୍ତି କେନ୍ଦୁଝର ମନୋଜ ମଞ୍ଜରୀ ଶିଶୁ ଭବନର ଦୃଷ୍ଟୀ ହୀନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ । ସେମାନଙ୍କ କହିବାନୁଶାରେ, ପରୀକ୍ଷା ଦେବାକୁ ସେମାନେ ଫର୍ମ ପୂରଣ କରିଥିଲେ, ହେଲେ ସେମାନଙ୍କର ପରୀକ୍ଷା ବାତିଲ୍ ହେଲା । କିନ୍ତୁ, ସାଧାରଣ ପିଲାଙ୍କ ଭଳି ସେମାନଙ୍କର ପରୀକ୍ଷା ଫଳ ପ୍ରକାଶ ପାଇଲା ନାହିଁ । ସେମାନେ ଅନେକ ପଦାଧିକାରୀଙ୍କୁ ଗୁହାରୀ କରି କରି ଥକି ପଡିଲେଣି ହେଲେ ତାଙ୍କ କଥା କେହି ଶୁଣିବା ଦିଗରେ କେହି ଆଗ୍ରହ ପ୍ରକାଶ କରୁନାହାଁନ୍ତି । ସେମାନେ କରେସପଣ୍ଡେଟଂ କୋର୍ସରେ ପରୀକ୍ଷା ଦେଉଥିବାରୁ ତାଙ୍କୁ ସବୁଠାରୁ ନାସ୍ତି ବାଣୀ ଶୁଣିବାକୁ ମିଳୁଛି ବୋଲି ସେମାନେ କହୁଛନ୍ତି । ସେମାନଙ୍କ ବିଦ୍ୟାଳୟ ଗୁଡିକୁ କାହିଁକି ଶିକ୍ଷା ବିଭାଗ ଅଧିନକୁ ନିଆ ଯାଉନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ସବୁଆଡୁ ବିଫଳ ହୋଇ ଫେରିବା ପରେ ଶେଷରେ ସେମାନେ କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଭେଟି ଗୁହାରୀ ଜଣାଇଥିଲେ ସତ ହେଲେ ସେ ମଧ ତାଙ୍କୁ ସାହାଯ୍ୟ କରି ପାରିବେ ନାହିଁ ବୋଲି କହି ଫେରାଇ ଦେଇଛନ୍ତି ବୋଲି କହିଛନ୍ତି ଶର୍ମିଷ୍ଠା ମୁଣ୍ଡା , ପବିତ୍ର ମହାକୁଡ ପ୍ରମୁଖ । ଫଳରେ ସେମାନେ ସବୁଠାରୁ ନିରାଶ ହୋଇ ଫେରିବା ପରେ ଦୁଃଖରେ ମ୍ରିୟମାଣ ହୋଇ ପଡିଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠେ ଏହି ନୀରିହ ଅସହାୟ ଦୃଷ୍ଟିହୀନ ମାନଙ୍କ କଥା ବୁଝିବ କିଏ ? କିଏ ଦେବ ଏମାନଙ୍କୁ ନ୍ୟାୟ ? ଏହା ଏବେ ସମସ୍ତଙ୍କ ପାଇଁ ଏକ ବଡ ପ୍ରଶ୍ନ ହୋଇ ଛିଡା ହୋଇଛି । କିଏ ଦେବ ଏହାର ଉତର ? ଏହି ଦୃଷ୍ଟିହୀନ ସ୍କୁଲର ଜଣେ ଦୃଷ୍ଟିହୀନ ଶିକ୍ଷକଙ୍କର କହିବା କଥା ହେଉଛି ଏହି ମେଟ୍ରିକ ପରୀକ୍ଷା ଫଳ ପ୍ରକାଶ ନପାଇବାକୁ ନେଇ ଛାତ୍ର ଛାତ୍ରୀ ମାନେ ବିଶେଷ ମର୍ମାହତ । ତେଣୁ ସରକାର ଏଥିରେ ହସ୍ତକ୍ଷେପ କରି ସେମାନଙ୍କୁ ନ୍ୟାୟ ଦେବା ନିହାତି ଆବଶ୍ୟକ ବୋଲି କହିଛନ୍ତି ଦୃଷ୍ଟିହୀନ ଶିକ୍ଷକ ଅନନ୍ତ ନାଥ ଶର୍ମା । ଅବଶ୍ୟ ଏ ସମ୍ପର୍କରେ କିଛି ମତ ଦେବାକୁ ମନା କରିଦେଇଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ।

# ସମ୍ବଲପୁର ରେଳ ମଣ୍ଡଳରେ ନିରାପତ୍ତା ସେମିନାର ଆୟୋଜିତ

ସମ୍ବଲପୁର,୧/୭ (ନି.ପ୍ର): ପୂର୍ବତଟ ରେଳପଥ, ସମ୍ବଲପୁର ରେଳ ମଣ୍ଡଳର ନିରାପତା ବିଭାଗ ଦ୍ୱାରା ୨୯ ଜୁନ ୨୦୨୧ରେ ଭର୍ଚୁଆଲ ମୋଡ୍ ମାଧ୍ୟମରେ ସର୍ଟକର୍ଟ ପଦ୍ଧତି ରୋକିବା ଉପରେ ଏକ ନିରାପତା ସେମିନାର ଆୟୋଜିତ ହୋଇଥିଲା । ଉକ୍ତ ସେମିନାରରେ ପରିଚାଳନା ଓ ସଂକେତ ଓ ଦୂର ସଂଚାର ବିଭାଗର ୭୫ ସୁପରଭାଇଜର ଓ କର୍ମଚାରୀ ସହିତ ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ, ପ୍ରଦୀପ କୁମାର ସେମିନାରର ଅଧ୍ୟକ୍ଷତା କରି ନିରାପତା ନିୟମ ଗୁଡ଼ିକୁ ପ୍ରଭାବିତ କରୁଥିବା କୌଣସି ପ୍ରକାର ସର୍ଟକର୍ଟ ପଦ୍ଧତିକୁ ଗ୍ରହଣ ନ କରିବାକୁ ସମସ୍ତଙ୍କୁ ନିର୍ଦ୍ଦେଶକ ଦେଇଥିଲେ । ଶ୍ରୀ କୁମାର ନିରାପତା ପଦକ୍ଷେପ ଗୁଡ଼ିକର ଶୂନ୍ୟ ସହନଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଏଲ.ଭି.ଏସ.ଏସ ପାତ୍ରଡୁ ମଧ୍ୟ ତାଙ୍କର ମତାମତ ରଖିଥବବା ସହ ଟେକ୍ନୋଲୋଜିର ନବୀକରଣ ହେତୁ କର୍ମଚାରୀ ମାନଙ୍କ ତାଲିମ ଏବଂ ପରାମର୍ଶ ଉପରେ ଗୁରୁତ୍ୱାରୋପ କରିଥିଲେ । ବରିଷ୍ଠ ସଂକେତ ଓ ଦୂର ସଂଚାର ଯନ୍ତ୍ରୀ, ସି.ଏଚ. ଶ୍ରୀନିବାସ ଟ୍ରେନ୍ ପରିଚାଳନା ସର୍ଟକଟ ପଦ୍ଧତି ରୋକିବା ଉପରେ ଏକ ପାୱାର ପଏଂଟ ଉପସ୍ଥାପନା କରିଥିଲେ । ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ (ପରିଚାଳନା) କେ. ସନ୍ଦୀପ ମୂଲ୍ୟବାନ ନିରାପତା ଟିପ୍ସ ଉପରେ ଅଲୋକପାତ କରିଥିଲେ ଏବଂ ବରିଷ୍ଠ ନିରାପତା ଅଧିକାରୀ ଶ୍ରୀ ପୀତବାସ ପଣ୍ଡା ସର୍ଟକଟ୍ ପଦ୍ଧତି ରୋକିବା ଉପରେ ଏକ ପାୱାର ପଏଂଟ ଉପସ୍ଥାପନା କରିଥିଲେ ଏବଂ ଏହି ସେମିନାରର ସଂଯୋଜନା ମଧ୍ୟ କରିଥିଲେ ।

# ନିମୋକୋକାଲ କଞ୍ଜୁଗେଟ ଭ୍ୟାକସିନ (ପି.ସି.ବି) ଟିକାକରଣର ଶୁଭାରମ୍ଭ

ଖୋର୍ଦ୍ଧା,୧/୭ (ନି.ପ୍ର): ନିୟମିତ ଟୀକାକରଣ କାର୍ଯ୍ୟକ୍ରମ ଅଧୀନରେ 'ନିମୋକୋକାଲ' କଞ୍ଜୁଗେଟ ଭ୍ୟାକସିନ (ପି.ସି.ବି)୧ର ଶୁଭାରମ୍ଭ କରାଯାଇଛି । ଆଜି ଖୋର୍ଦ୍ଧା ଜିଲା ସଦର ମହକୁମା ଚିକିତ୍ସାଳୟ ପରିସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା ବିଶ୍ୱ ରଞ୍ଜନ ପତି ଏହି ଟୀକାକରଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ନିମୋକୋକସ ଜୀବାଣୁ ଜନିତ ନିମୋନିଆ ଓ ମସ୍ତିଷ୍କ ସଂକ୍ରମଣରୁ ବିଶେଷ କରି ପିଲାମାନଙ୍କୁ ସୁରକ୍ଷା ପ୍ରଦାନ କରିବ । ନିମୋକୋକସ ଜୀବାଣୁ ଜନିତ ନିମୋନିଆ ରୁ ୫ବର୍ଷ ରୁ କମ ବୟସର ପିଲାମାନଙ୍କୁ ଏହି ପିସିଭି ଟୀକା ସୁରକ୍ଷା ପ୍ରଦାନ କରିବାର ଏକ ସଫଳ ମାଧ୍ୟମ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ପତି ସୂଚନା ଦେଇଛନ୍ତି । ସେହିପରି ନିମକୋକାଲ କଞ୍ଜୁଗେଟ ଭ୍ୟାକସିନର ପ୍ରଥମ ଟୀକା ଦେଢ଼ ମାସ ବୟସରେ, ଦ୍ୱିତୀୟ ଟୀକା ସାଢେ ତିନି ମାସରେ ଓ ବୁଷ୍ଟର ଟୀକା ସାଢେ ନଅ ମାସରେ ଦିଆଯିବ । ତେବେ ପିଲାମାନଙ୍କୁ ପିସିଭି ଟୀକା ସହିତ ଅନ୍ୟ ଟୀକା ଗୁଡିକ ମଧ ଦିଆଯିବ । ଏହି ପରିପ୍ରେକ୍ଷୀରେ ଆଜି ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ଜଟଣୀ,ମେଣ୍ଢାଶାଳ,ବାଙ୍କୋଇ ଓ ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମୋଟ ୧୦୫ ଜଣ ପିଲାଙ୍କୁ ପିସିଭି ଟୀକା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦ୍ୱାରିକା ନାଥ ଶତପଥି,ଜିଲା ଜନସ୍ୱାସ୍ଥ ସଂଚାର ଅଧିକାରୀ ପ୍ରସନ୍ନ କୁମାର ମହାପାତ୍ର,ସହକାରୀ ଜନସ୍ୱାସ୍ଥ ସଂଚାର ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ର ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଟିପିଏସ ଓଡିଏଲ ଜୟପୁର ତରଫରୁ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନ

ଜୟପୁର ,୧/୭ (ନି.ପ୍ର): ଜୟପୁର ପାୱାର ହାଇସ ଠାରେ ଟାଟା ପାୱାର ଦକ୍ଷିଣାଂଚଳ ବିଦ୍ୟୁତ ବିତରଣ କମ୍ପାନିର ତାଲିମ କେନ୍ଦ୍ରରେ ଦ୍ୱିତିୟ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ ହୋଇଛି । ଅଧିକ୍ଷଣ ଯନ୍ତ୍ରୀ ମନ୍ମଥନାଥ ମିଶ୍ର ଦ୍ୱାରା ଉକ୍ତ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଟିପିଏସ ଓଡିଏଲ ଜୟପୁର, ମଣ୍ଡଳ ଅଧିନରେ କାର୍ଯ୍ୟରତ ବିଦ୍ୟୁତ ଶ୍ରମିକ ଓ କର୍ମଚାରି ମାନଙ୍କୁ ତାଲିମ ଦିଆଯାଉଛି । ବ୍ୟକ୍ତିଗତ ସୁରକ୍ଷା ଉପକରଣ, ନିୟନ ଟେଷ୍ଟର, ଡିସଚାର୍ଜ ରଡ, ବୈଦ୍ୟୁତିକ ହ୍ୟାଣ୍ଡ ଗ୍ଲୋଭସ, ସୁରକ୍ଷା ଯୋତା ଓ ହେଲମେଟ ଉପଯୁକ୍ତ ବ୍ୟବହାର ବିଷୟରେ ତାଲିମ ଦିଆଯାଉଛି । ଉକ୍ତ କାଯ୍ୟକ୍ରମକ ଏଚ୍ ୍ଓ.ଜି (ସୁରକ୍ଷା) ପ୍ରମୋଦ ବେହେରା ପରିଚାଳନା କରୁଛନ୍ତି । ଜୁନ ୨୨ ରୁ ଆରମ୍ଭ ହୋଇ ଜୁଲାଇ ୨ ତାରିଖ ଯାଏ ଏହି ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନ କରାଯିବ । ଏଣୁ ଏହି କାର୍ଯ୍ୟକ୍ରମ ମାଧମରେ ବିଦ୍ୟୁତ ଉପଭୋକ୍ତା ମାନଙ୍କୁ ବିଦ୍ୟୁତ ଚୋରି ରୋକିବା, ବୈଦ୍ୟୁତିକ ଉପକରଣ ଗୁଡିକର ସଠିକ ବ୍ୟବହାର ଓ ଆବଶ୍ୟକ ଠାରୁ ଅଧିକ ବ୍ୟବହାର ନକରି ବିଦ୍ୟୁତ ସଂଚୟ ଉପରେ ସୁରକ୍ଷା ରଥ ମାଧମରେ କର୍ମଚାରି ଓ ଉପଭୋକ୍ତା ମାନଙ୍କ ବିଦ୍ୟୁତ ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟୁତ ବିଭାଗର ଯନ୍ତ୍ରୀ, କର୍ମଚାରି ଓ ଉପଭୋକ୍ତା ଉପସ୍ଥିତ ଥିଲେ ।

## ବ୍ୟାସନଗର ତହସିଲଦାରଙ୍କ ଚଢ଼ାଉ: ୪ ପଥର ବୋଝେଇ ଗାଡି ଜବତ

କୋରେଇ,୧/୭ (ନି.ପ୍ର): ରାଜପଥରେ ବେଆଇନ ବାଲି ମାଙ୍କଡା, ଗ୍ରାନାଇଟ, ମେଂଟାଲ ଗାଡି ଆଦି ବ୍ୟାପକ ଭାବେ ଚାଲୁଥିବା ବେଳେ ଆଜି ସକାଳୁ ଅଚାନକ ବ୍ୟାସନଗର ତହସିଲଦାର ବିକ୍ରମ କୁମାର ମଲିକ ୧୬ ନମ୍ବର ଜାତୀୟ ରାଜପଥରେ ଯାଂଚ କରିଥିଲେ । ଯାଂଚ ସମୟରେ ବେଆଇନଭାବେ ଚାଲିଥିବା ଓ କାଗଜପତ୍ର ଦର୍ଶାଇପାରିନଥିବା ୪ଟି ମେଂଟାଲ ଗାଡିକୁ ( ଓଆର୦୯ଇ ୩୩୫୭, ଓଆର ୦୯ଏଫ ୬୯୩୭, ଓଆର୦୯ଏଫ ୬୬୫୭, ଓଆର୦୨ବିଏମ ୦୫୬୯) ଧରି ପାଣିକୋଇଲି ଥାନା ଜିମା ଦେଇଥିଲେ ଜବତ ଗାଡି ଗୁଡିକୁ ଫାଇନ ଆଦାୟ ପରେ ଛଡା ଯିବ ବୋଲି ଶ୍ରୀ ମଲ୍ଲିକ କହିଥିଲେ । ଏହି ଚଢାଉରେ ତହସିଲଦାରଙ୍କ ସମେତ ପାଣିକୋଇଲି ଆରଆଇ ସରୋଜ ମଲିକ, ସୁଧି ରଂଜନ ମଲିକ, ସୁବାସ ସାହୁ, ସୁଜିତ ସାହୁ, ବାବୁଲାଲ ସାମଡ ପ୍ରମୁଖ ସାମିଲ ହୋଇଥିଲେ ।

# ଦର ବୃଦ୍ଧି ବିରୋଧରେ ବାମପନ୍ଥୀ ଦଳ ମାନଙ୍କ ପକ୍ଷରୁ ଜିଲ୍ଲାପାଳ ଅଫିସ ଘେରାଉ

କେନ୍ଦ୍ରାପଡ଼ା,୧/୭ (ନି.ପ୍ର): ମହାମାରୀ କୋଭିଡ-୧୯ କାରଣରୁ ବର୍ଷାଧିକ କାଳ ହେଲା ଲକ୍ଷ ଲକ୍ଷ ପରିବାର ନିଜର ଜୀବନ ଜୀବିକା ହରାଇ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ ବିତାଉଥିବା ବେଳେ ସରକାରଙ୍କ ଜନ ବିରୋଧୀ ନୀତି ଦେଶର କୋଟି କୋଟି ଜନଗଣଙ୍କ ଆର୍ଥିକ ସ୍ଥିତିକୁ ତଳିତଳାନ୍ତ କରି ଦେଇଛି । ଏହା ସହିତ ପେଟ୍ରୋଲ , ଡିଜେଲର ଅହେତୁକ ଦର ବୃଦ୍ଧି, ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ସାଧାରଣ ଜନତାଙ୍କୁ ଗୁରୁତର ଭାବେ ଆର୍ଥିକ କ୍ଷତି ପହଁଚାଉଛି । କେନ୍ଦ୍ର ସରକାର ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବାରୁ ଏହି ପରିପ୍ରେକ୍ଷୀରେ ଗତ ଜୁନ ୧୭ ରୁ ୩୦ ତାରିଖ ମଧରେ ଦେଶବ୍ୟାପୀ ବାମପନ୍ଥୀ ଦଳ ମାନଙ୍କ ଆହ୍ୱାନ କ୍ରମେ ଆନ୍ଦୋଳନ ପରିପ୍ରେକ୍ଷୀରେ ବିଭିନ୍ନ ତହସିଲ ଅଫିସରେ ଆନ୍ଦୋଳନ ହୋଇଥିବା ବେଳେ ଆଜି କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ସିପିଆଇ(ଏମ୍ ), ସିପିଆଇ ଓ ସିପିଆଇ(ଏମ୍‌ଏଲ୍ ଲିବେରେସନ) ପକ୍ଷରୁ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି ।

# ଜଙ୍ଗଲରୁ ମହିଳାଙ୍କ ଶବ ଉଦ୍ଧାର : ସାଇଂଟିଫିକ ଟିମ୍‌ର ତଦନ୍ତ

ଜୟପୁର,୧/୭ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଭୁତନାଥ ମନ୍ଦିର ନିକଟସ୍ଥ ଦନ୍ତେଶ୍ୱରି ମନ୍ଦିର ପଛପଟ ଜଙ୍ଗଲରୁ ଜଣେ ମହିଳାଙ୍କ ମୃତଦେହ ଆଜି ଉଦ୍ଧାର କରିଛି ପୋଲିସ । ମୃତ ମହିଳା ଜଣକ ହେଉଛନ୍ତି ଜୟପୁର ସଦର ଥାନା ଅନ୍ତର୍ଗତ ପାଲ୍ଲିଗୁଡାର ଭଗବତି ଗାଦବା (୪୫) ବୋଲି ଜଣାପଡିଛି । ମହିଳା ଜଣକ ଜୟନଗର ଛକରେ ଶାଗ ବିକ୍ରି କରି ଚଳୁଥିବା ସ୍ଥାନୀୟ ବାସିନ୍ଦା ସୂଚନା ଦେଇଛନ୍ତି । ଜଙ୍ଗଲରେ ମହିଳାଙ୍କ ଶବ ଦେଖି ସ୍ଥାନୀୟ ବାସିନ୍ଦା ପୋଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ସଦର ପୋଲିସ , ସାଇଂଟିଫିକ ଟିମ, ସନ୍ଧାନି କୁକୁର ପହଂଚି ତଦନ୍ତ କରି ଫେରିଛି । ସନ୍ଦେହଜନକ ଅବସ୍ଥାରେ ମହିଳାଙ୍କ ଶବ ଜଙ୍ଗଲରୁ ଉଦ୍ଧାରକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି । ମହିଳା ଜଣକ ଅଜାତିରେ ବିବାହ କରିଥିବାରୁ ତାଙ୍କ ଭାଇ ଜଗନ୍ନାଥ ଗାଧବା ଶବକୁ ନେବାକୁ ମନା କରିଛନ୍ତି । ଏମିତିକି ଶବ ସତ୍କାର କରିବାକୁ ପୋଲିସ ଆଗରେ ମନା କରିଛି । ମହିଳାଙ୍କ ସ୍ୱାମି ନଥିବା ବେଳେ କେହି ପୁଅ ମଧ ନାହାଁନ୍ତି । ହତ୍ୟା କି ଅସ୍ୱାଭାବିକ ମୃତ ତାହା ପୋଲିସ ତଦନ୍ତ ପରେ ଜଣାପଡିବ ବୋଲି ଏସଡିପିଓ ଅରୁପ ଅଭଷେକ ବେହେରା ସୂଚନା ଦେଇଛନ୍ତି । ସେପଟେ ପରିବାର ଲୋକେ ଶବ ନେବାକୁ ମନା କରିବାରୁ ପ୍ରଶାସନ ତରଫରୁ ମହିଳାଙ୍କ ଶବସତ୍କାର କରାଯାଇଥିବା ଜଣାଯାଇଛି । ସଦର ପୋଲିସ ଶବ ଜବତ କରି ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜିଲା ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରି ଶବ ସତ୍କାର କରିଛି ।

## ବୈଦ ସମୂହ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର

କୋରେଇ,୧/୭ (ନି.ପ୍ର): ବୈଦ ସମୂହ ପକ୍ଷରୁ ଆଜି ପଥରପଦା ପଂଚାୟତର ଓଚିନ୍ଦା ଗ୍ରାମର ହନୁମାନ ଜୀଉ ପୀଠରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଯାଇଛି । କରୋନାର ତୃତୀୟ ଲହର ଆସିବା ପୂର୍ବରୁ ଲୋକମାନଙ୍କୁ ସଚେତନ କରିବା ଏହାର ମୂଳ ଲକ୍ଷ୍ୟ ଅଟେ । ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସମେତ ବିଭିନ୍ନ ଔଷଧ ବଂଟନ କରାଯାଇ କରୋନାରୁ ଦୂରେଇ ରହିବା ପାଇଁ ଆବଶ୍ୟକତା ପଦକ୍ଷେପ ସମ୍ପର୍କରେ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡା. ନିଳକଣ୍ଠ ପଣ୍ଡା, ଡା. ନୁପୁର ପଣ୍ଡା, ପଲ୍ଲବୀ ଲେଙ୍କା, ସନ୍ଧ୍ୟା ବାହାଲିଆ. ହୃଷିକେଶ ସୁର, ଦୟାନିଧି ମହାନ୍ତି ପ୍ରମୁଖ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଧର୍ମାନନ୍ଦ ସାହୁ, ନରୋତମ ଓଝା, ଦୟାନିଧି ସାହୁ, ଅଲେଖ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିମୋକୋକାଲ କଞ୍ଜୁଗେଟ ଟିକାର ଶୁଭାରମ୍ଭ ହେଲା

କେନ୍ଦୁଝର,୧/୭ (ନି.ପ୍ର): ଆଜି ସମଗ୍ର ଓଡିଶାରେ ନିମୋକୋକାଲ କଞ୍ଜୁଗେଟ ଟୀକା (ପି.ସି.ଭି.)ର ଶୁଭାରମ୍ଭ ହୋଇଥିବା ଅବସରରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏମ୍.ସି.ଏଚ୍. ବିଲଡିଂରେ ମଧ ବୁଧବାର ଦିନ ଶୁଭାରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ (ଲୋକସଭା) ଇଂ ଚନ୍ଦ୍ରାଣୀ ମୁର୍ମୁ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କମଳିନୀ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାଃ ପ୍ରଣତିନୀ ନାୟକ, ଏସ୍.ଏମ୍.ଓ. ଡାଃ ସନ୍ତୋଷ କୁମାର ସାହୁ ଏବଂ ଡି.ପି.ଏମ୍. ଏନ୍.ଏଚ୍.ଏମ୍. ଦିଲ୍ଲୀପ କୁମାର ଦୁବେଙ୍କ ଦ୍ୱାରା ସରକାରଙ୍କଠାରୁ ପ୍ରାପ୍ତ ହୋଇଥିବା ପୋଷ୍ଟର ଉନ୍ମୋଚନ କରାଯାଇଥିଲା । ପରେ ପରେ ସମସ୍ତଙ୍କ ଉପସ୍ଥିତିରେ ଟୀକା ପାଇଁ ଯୋଗ୍ୟ ଶିଶୁଙ୍କୁ ଏହି ଟୀକା ପ୍ରଦାନ କରାଯାଇଥିଲା । ଏହି ଅବସରରେ ସାଂସଦ ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ ଏବଂ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ପାତ୍ର ଆଗାମୀ ଦିନରେ ଏହି ଟୀକାକରଣର କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ । କେନ୍ଦୁଝର ଜିଲ୍ଲାର ସମସ୍ତ ପିଲାଙ୍କୁ ପି.ସି.ଭି.ର ୩ ଟି ଟୀକା ଯଥା- ପ୍ରଥମ ଟୀକା ଦେଢ ମାସରେ, ଦ୍ୱିତୀୟ ଟୀକା ସାଢେ ତିନିମାସରେ ଏବଂ ବୁଷ୍ଟର ଟୀକା ୯ ମାସରେ ଯେପରି ପାଇବେ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ପି.ସି.ଭି. ଟୀକାର ଶୁଭାରମ୍ଭ ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡି. ଟି . ୟୁ. ହଲ୍‌ରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗଣମାଧମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ ପ୍ରାରମ୍ଭରେ ଉପସ୍ଥିତ ଥିବା ଗଣମାଧମର ପ୍ରତିନିଧିମାନଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଇ ପିସିଭି ଟୀକା ସଂପର୍କରେରେ ବିଶଦ ଭାବେ ଅବଗତ କରାଇଥିଲେ । ସାଧାରଣତଃ ନିମୋନିଆ ୫ ବର୍ଷରୁ କମ୍ ପିଲାଙ୍କର ମୃତ୍ୟୁର କାରଣ ହୋଇଥାଏ । ତେଣୁ ଏହି ଟୀକା ପିଲାମାନଙ୍କ ନିକଟରେ ଦେଖାଯାଉଥିବା ନିମୋକୋକସ ଜୀବାଣୁ ଜନିତ ନିମୋନିଆ ଓ ମସ୍ତିଷ୍କ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିଥାଏ । ତେଣୁ ଏହି ଟୀକା ଭାରତ ସରକାରଙ୍କ ନିୟମିତ ଟୀକାକରଣ କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଛି, ଯାହାକି ନିୟମିତ ଟୀକାକରଣ କେନ୍ଦ୍ରମାନଙ୍କରେ ଉପଲବ୍ଧ ହେବା ସହିତ ବିନା ମୂଲ୍ୟରେ ପ୍ରଦାନ କରାଯିବ । ଡବ୍ଲୁ.ଏଚ୍.ଓ.ର ଏସ୍.ଏମ୍.ଓ. ଡାଃ ସନ୍ତୋଷ କୁମାର ସାହୁ ପାୱାରପଏଂଟ୍ ପ୍ରେଜେଂଟେସନ୍ ମାଧ୍ୟମରେ ସବିଶେଷ ତଥ୍ୟ ସଂପର୍କରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ଡିପିଏଚ୍‌ସିଓ ପିତବାସ ମିଶ୍ର ପରିଚାଳନା କରିଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଏଚ୍.ଏମ୍. ସଙ୍ଗୀତା ସ୍ୱାଇଁ, ଡିଭିଏଲ୍‌ଏମ୍ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଆଇସିଏ ଚିତରଞ୍ଜନ ଜେନାଙ୍କ ସମେତ ପିପିସିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ୧୪ଗୋଟି ଚୋରା ଗ୍ୟାସ୍ ସିଲିଣ୍ଡର ଜବତ : ପୁଲିସର ତଦନ୍ତ ଜାରି

ଧର୍ମଶାଳା,୧/୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ପୁଲିସ ଆକ୍ସନ ମୁଡରେ । ଆଜି ଏକ ବଡ ଧରଣର ଗ୍ୟାସ ସିଲିଣ୍ଡର ଲୁଟେରା ଦଳକୁ ଠାବ କରି ସେମାନଙ୍କ ନିକଟରୁ ବିଭିନ୍ନ ଜାଗାରୁ ଚଢାଉ କରି ୧୪ ଗୋଟି ଏଲପିଜି ସିଲିଣ୍ଡର ଜବତ କରିଛି । କୌଣସି ସୂତ୍ରରୁ ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ ସଦଳବଳେ ଚଢାଉ କରି ଧର୍ମଶାଳା ଅଂଚଳର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ । ତେବେ ଅଭିଯୁକ୍ତମାନେ ବିଭିନ୍ନ ଅଂଚଳରୁ ଗ୍ୟାସ ସିଲିଣ୍ଡର ଚୋରୀ କରି ଅନ୍ୟ ଜାଗାରେ ବିକ୍ରୀ କରୁଥିଲେ । ଥାନାରେ ୩୪୩/ ୨୧ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି । ତେବେ ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତମାନଙ୍କ ନାମରେ ଚୋରୀ ଭଳି ଅନେକ ମାମଲା ରହିଥିବା ଜାଣିବାକୁ ପାଇଛି । ମୁରରିପୁର ଅଂଚଳର ଜଣେ ଅଭିଯିକ୍ତକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି ।

# ସରକାରୀ ଜମି ଦଖଲକୁ ନେଇ ବିବାଦ

ମାଲକାନଗିରି,୧/୭ (ନି.ପ୍ର): ସରକାରୀ ଜମି ଦଖଲ ବିବାଦ କୁ କେନ୍ଦ୍ର କରି ଦୀର୍ଘ ଦିନ ହେଲା ଚିତ୍ରକୋଣ୍ଡା ବ୍ଲକ ଅଂଚଳର ଆଦିବାସୀ ମାନଙ୍କ ଭିତରେ ଚାଲିଛି ଛକା ପଂଝା ର ଶୀତଳ ଯୁଦ୍ଧ, ଆଗାମୀ ଦିନରେ ଆଦିବାସୀ ମାନଙ୍କ ଭିତରେ କେତେବେଳେ କି ପ୍ରକାର ଉଗ୍ର ରୂପ ନେବ ତାହା କହି ହେବ ନାହିଁ । ଦୀର୍ଘ ଦିନ ହେବ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ର ଚାରି ଗୋଟି ପଂଚାୟତ ର ବାରଗୋଟି ଗ୍ରାମ ର ୧ ୦୫ ଗୋଟି ପରିବାର ଚିତ୍ରକୋଣ୍ଡା ରାଜଲକୋଣ୍ଡା ନିକଟସ୍ଥ ଉଦ୍ୟାନ ବିଭାଗ ଫଳ ବଗିଚାର କେତେକ ସ୍ଥାନରେ ଜରି ବାନ୍ଧି,ଜମି ସଫା କରି ଜବର ଦଖଲ କରି ରହିବାକୁ ପ୍ରଥମେ ଉଦ୍ୟମ କରିଥିବା ବେଳ ଏବେ ସେମାନେ ନିକଟସ୍ଥ ଜଙ୍ଗଲ କୁ ସଫାକରି ସରକାରୀ ଗୋଚର ଜମି ଉପରେ ମାଟି କୁଡ଼ିଆ ବାନ୍ଧି ଜବର ଦଖଲ କରି ବସ୍ତି ବାନ୍ଧି ରହୁଛନ୍ତି । ଉକ୍ତ ବସ୍ତି ର ନାମ ତିରୁପତିପୁରମ ନାମ ରଖିଛନ୍ତି । ମାଲକାନଗିରି ଜିଲା ପ୍ରଶାସନ ସେମାନଙ୍କୁ ବାରମ୍ବାର ସମସ୍ତ ସୁବିଧା ଯୋଗାଇ ଦିଆଯିବ ନିଜ ଭିଟା ମାଟିକୁ ଫେରି ଯିବାକୁ ବୁଝାସୁଝା କରିଥିଲେ ମଧ ସେମାନେ ପ୍ରଶାସନ କଥା ହେୟ ଜ୍ଞାନ କରି ଆଜି ସୁଧା ଘୁଂଚି ନାହାନ୍ତି ବରଂ ଆହୁରି ଅଧିକା ଜାଗା ଦଖଲ କରିବାରେ ଲାଗିଛନ୍ତି । ପ୍ରଶାସନ ତରଫରୁ ସ୍ୱାଭିମାନ ଅଂଚଳରେ ବିକାଶ ଆଗେଇ ଚାଲିଛି ବହୁ ପରିବର୍ତନ ହେଉଛି ଆଗକୁ ମଧ ସମସ୍ତ ସୁବିଧା ହେବ ତେଣୁ ଉକ୍ତ ସ୍ଥାନକୁ ଛାଡି ନିଜ ଭିଟାମାଟିକୁ ଫେରିଯାଅ ସେଠି ପ୍ରଶାସନ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ସେମାନ ଙ୍କୁ ଫେରିଯିବାକୁ କହିଥିଲେ ମାତ୍ର ଆଜି ପର୍ଯ୍ୟନ୍ତ ସେହି ଜାଗା ଛାଡି ଯାଉନାହାନ୍ତି ।

# ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା : ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଅଫିସ ସମ୍ମୁଖରେ ଧାରଣା ଦେଲେ ଚାଷୀ

ଝାରସୁଗୁଡା,୧/୭ (ନି.ପ୍ର): ଟୋକନ ସମାସ୍ୟା ଯୋଗୁଁ ଚାଷୀ ନିଜର ଉତ୍ପାଦିତ ଫସଲ ବିକ୍ରି କରିବାରେ ସମସ୍ୟାର ସମ୍ମୁଖୀନ ହେଉଛି । କେତେବେଳେ ନାମ ପଞ୍ଜୀକରଣ ତ ଆଉ କେତେବେଳେ ଟୋକନ୍ ପ୍ରଦାନରେ ସମସ୍ୟା ଦେଖାଦେଇଛି । ଫଳରେ ଚାଷୀ ଉତ୍ପାଦିତ ଫସଲ ବିକ୍ରି କରୁଥିଲେ ମଧ ଉଚିତ ମୂଲ୍ୟ ପାଇପାରୁ ନାହିଁ । ଝାରସୁଗୁଡ଼ା ଜିଲାରେ ଏଭଳି ସ୍ଥିତିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଚାଷୀ । ଉତ୍ୟକ୍ତ ଚାଷୀ ଧାନ କିଣା ବିକା ଅବ୍ୟବସ୍ଥା କୁ ନେଇ ଆଜି ଜିଲା ଯୋଗାଣ ଅଧିକାରୀ ଅଫିସ ସମ୍ମୁଖରେ ଧାରଣା ଦେଲେ ଚାଷୀ । ଧାରଣା ସାମିଲ ହେଲେ ଜିଲ୍ଲା ବିଜେପି ସଭାପତି ମଙ୍ଗଳ ସାହୁ । ପରେ ଉତ୍ୟକ୍ତ ଚାଷୀଙ୍କ ସହ ଆଲୋଚନା କରିଛନ୍ତି ଜିଲ୍ଲାପାଳ,ଅତିରିକ୍ତ ଜିଲ୍ଲାପାଳ ଉପ-ଜିଲ୍ଲାପାଳ ଏବଂ ଜିଲ୍ଲା ଯୋଗାଣ ଅଧିକାରୀ । ଚାଷିଙ୍କ ସମସ୍ୟା ନେଇ ଜିଲ୍ଲା ପ୍ରଶାସନ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିବା ବେଳେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଜିଲ୍ଲା ବିଜେପି ସଭାପତି ମଙ୍ଗଳ ସାହୁ ରବି ଋତୁ ଧାନ ବିକ୍ରିକୁ ନେଇ ଏବେ ଚିନ୍ତାରେ ଚାଷୀ । ଚାଷୀଙ୍କ ନାମ ପଞ୍ଜୀକରଣ, ଟୋକନ୍ ଓ ଟାର୍ଗେଟ୍ ଆଦି ସମସ୍ୟା ଲାଗିରହିଥିବାବେଳେ ଚାଷୀମାନେ ନିଜର ଉତ୍ପାଦିତ ଫସଲ ବିକ୍ରି କରି ନ ପାରି କମ୍ ମୂଲ୍ୟରେ ଅସାଧୁ ବ୍ୟବସାୟୀଙ୍କୁ ଦେବାପାଇଁ ବାଧ ହେଉଛନ୍ତି । ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି ସାଙ୍ଗକୁ ଟୋକନ ବ୍ୟବସ୍ଥାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଭରି ରହିଛି । ହୀରାକୁଦ ଜଳଭଣ୍ଡାର ପାଶ୍ୱବର୍ତି ଜମିରେ ରବି ଋତୁରେ ଧାନ ଚାଷ କରିଥିବା ଚାଷୀଙ୍କ ଧାନ ବିକ୍ରିକୁ ନେଇ ମଧ ଅନିଶ୍ଚିତତା ଲାଗି ରହିଥିବାରୁ ଚାଷୀମାନଙ୍କ ମଧରେ ଅସନ୍ତୋଷ ଲାଗିରହିଛି । ଗତ ମେ ୧୮ ତାରିଖ ଠାରୁ ଝାରସୁଗୁଡା ଜିଲ୍ଲାରେ ରବି ଧାନ ସଂଗ୍ରହ ଆରମ୍ଭ ହୋଇଛି । ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି କାରଣରୁ ଚାଷୀମାନେ ଚଳିତ ରବି ଋତୁରେ ଧାନ ବିକ୍ରି କରିବା କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି । ଟୋକନ ବ୍ୟବସ୍ଥା କାରଣରୁ ଚାଷୀ ଭୋଗୁଥିବା ଦୁର୍ଦ୍ଦଶାର ଅନେକ ଉଦାହରଣ ବିଗତ ଦିନରେ ଦେଖିବାକୁ ମିଳିଛି । ସରକାରୀ ବ୍ୟବସ୍ଥାନୁଯାୟୀ ରବି ଋତୁ ପାଇଁ କେବଳ କେନାଲ, ଗଭୀର ନଳକୂପ ଏବଂ ଉଠା ଜଳସେଚନ ସୁବିଧା ଥିବା ଜମିର ତଥ୍ୟ ରହିଥିବା ବେଳେ ଅନ୍ୟାନ୍ୟ ପାରମ୍ପାରିକ ଉପାୟରେ ଚାଷୀ ଧାନ ଚାଷ କରିଥିଲେ ହେଁ ତାହା ହିସାବକୁ ନିଆଯାଉ ନାହିଁ । ଫଳରେ ସେସବୁ ଜମିର ଧାନ ବିକ୍ରି କରିବାରେ ଅସୁବିଧା ହେଉଛି । ଭାଗ ଚାଷୀମାନଙ୍କ ନାମ ପଞ୍ଜିକରଣ ମଧ ସଠିକ ଭାବେ ହୋଇ ପାରୁନାହିଁ । ଯାହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଉଛି । ଅନ୍ୟପଟେ କିଛି ଘଂଟା ପରେ ରାଜ୍ୟରେ ରବି ଧାନ ସଂଗ୍ରହ ଶେଷ ହେବ । ଚଳିତ ରବି ସିଜନରେ ୨ ଲକ୍ଷ ୨୪ ହଜାର ୫୪୪ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକୃତ କରିଥିବା ବେଳେ ୨ ଲକ୍ଷ ୩ ହଜାର ୮୫ଜଣ ଚାଷୀଙ୍କ ଠାରୁ ମୋଟ ୧୪.୪୩ ଲକ୍ଷ ମେଟ୍ରିକ ଟନ ଧାନ ଯୋଗାଣ ବିଭାଗ ସଂଗ୍ରହ କରିଛି । ଆଜି ସୁଦ୍ଧା ରବି ସିଜନ ରେ ୯୧.୭୫ ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିଛନ୍ତି । ୨୦ ହଜାର ୭୧୦ ପଞ୍ଜିକୃତ ଚାଷୀ ଭାଗ୍ୟ ଅନ୍ଧାର । ବାଲେଶ୍ୱର ରୁ ୪୭୨୧,ବରଗଡ଼ ୩୨୬୦,ପୁରୀ ୩୨୫୭,କଳାହାଣ୍ଡି ୨୭୮୭,ସୋନପୁର ୧୫୩୧,ସମ୍ବଲପୁର ୮୫୧,ଯାଜପୁର ୭୩୬ ଏବଂ କଟକ ରୁ ୫୨୧ ଜଣ ପଞ୍ଜିକୃତ ଚାଷୀ ଧାନ ବିକି ନାହାନ୍ତି । ରାଜ୍ୟରେ ଚଳିତ ବର୍ଷ ରବି ସିଜନରେ ଜଣେ ଚାଷୀ ହାରାହାରି ୭୦.୮୫ କ୍ୱିଂଟାଲ ଧାନ ବିକ୍ରି କରିଛନ୍ତି ।

# ଉଚ୍ଚ ସ୍ୱରରେ କହିବା ଦରକାର କି ?



**କାର୍ଯ୍ୟକ୍ଷେତ୍ରରେ ଅନେକ ସମୟରେ ଜଣେ ଅନ୍ୟ ଜଣଙ୍କୁ ଉଚ୍ଚ ସ୍ୱରରେ କଥା କହିଥାନ୍ତି । ପରିବାରରେ ବୟସରେ ବଡ଼ ବ୍ୟକ୍ତିମାନେ ସାନମାନଙ୍କୁ ଉଚ୍ଚ ସ୍ୱରରେ କହିଥାନ୍ତି ଯାହାକୁ ଧୀର ସ୍ୱରରେ ଓ ସହଜରେ କହିହେବ । ତଥାପି ଅଯଥାରେ ଉଚ୍ଚ ସ୍ୱରରେ କଥା କହି ନିଜ ଶକ୍ତିର ଅପଚୟ ସହିତ ଆମେ ପାରସ୍ପରିକ ସମ୍ପର୍କ ନଷ୍ଟ କରିଥାଉ ।**

ପରିବାରରେ ଅବା କାର୍ଯ୍ୟକ୍ଷେତ୍ରରେ ଅନେକ ସମୟରେ ଜଣେ ଅନ୍ୟ ଜଣଙ୍କୁ ଉଚ୍ଚ ସ୍ୱରରେ କଥା କହିଥାନ୍ତି । ସାଧାରଣତଃ କୌଣସି ଘଟଣାରେ ମତଭେଦ ହେଲେ ଯୁକ୍ତିତର୍କ ହୋଇ ଉଭୟେ ପରସ୍ପରଙ୍କୁ ଉଚ୍ଚ ସ୍ୱରରେ କଥା କହିଥାନ୍ତି । ଏହା ଏକ ସାଧାରଣ ଘଟଣା । କିନ୍ତୁ ଅନେକ ସମୟରେ କୌଣସି ପ୍ରକାରର ମତଭେଦ ନ ଥାଇ ବି ଅନେକ ଲୋକ ଉଚ୍ଚ ସ୍ୱରରେ କଥା କହିଥାନ୍ତି । ଉଦାହରଣ ସ୍ୱରୂପ କାର୍ଯ୍ୟକ୍ଷେତ୍ରରେ ଉପରିସ୍ଥ କର୍ମଚାରୀ ତାଙ୍କ ଅଧୀନରେ କାମ କରୁଥିବା ସହକର୍ମୀଙ୍କୁ କାମ ବିଷୟରେ ଉଚ୍ଚ ସ୍ୱରରେ କହିଥାନ୍ତି । ସେହିପରି ପରିବାରରେ ବୟସରେ ବଡ଼ ବ୍ୟକ୍ତିମାନେ ବି ସାନମାନଙ୍କୁ ଉଚ୍ଚସ୍ୱରରେ କହିଥାନ୍ତି ଯାହାକୁ ଧୀର ସ୍ୱରରେ ଓ ସହଜରେ କହିହେବ । ତଥାପି ଅଯଥାରେ ଉଚ୍ଚ ସ୍ୱରରେ କଥା କହି ନିଜ ଶକ୍ତିର ଅପଚୟ ସହିତ ଆମେ ପରସ୍ପରର ସମ୍ପର୍କକୁ ନଷ୍ଟ କରିଥାଉ। ଏହାର ବିଭିନ୍ନ କାରଣ ସମ୍ପର୍କରେ ଏ ସଂଖ୍ୟାରେ ଆଲୋଚନା କରିବା

### ଆତ୍ମବିଶ୍ୱାସର ଅଭାବ:

ଅନେକ ଲୋକଙ୍କର ନିଜ ଉପରେ ବିଶ୍ୱାସ ନଥାଏ । ସେମାନେ ନିଜ କଥାର ଗୁରୁତ୍ୱ ବା ମୂଲ୍ୟ ନିଜେ ଠିକ ରୂପେ ବୁଝି ନ ଥାନ୍ତି । ତେଣୁ ମନରେ ସନ୍ଦେହ ଥାଏ ଯେ ଅନ୍ୟମାନେ କାଳେ ତାଙ୍କ କଥାକୁ ଗୁରୁତ୍ୱ ଦେବେ ନାହିଁ । ଏଣୁ ସାଧାରଣ କଥାକୁ ବି ସେମାନେ ଉଚ୍ଚ ସ୍ୱରରେ କହିବାକୁ ପସନ୍ଦ କରନ୍ତି । ସେମାନଙ୍କର ଧାରଣା ଯେ ଉଚ୍ଚ ସ୍ୱରରେ କହିଲେ ହିଁ ଅନ୍ୟମାନେ ତାଙ୍କ କଥାକୁ ଗୁରୁତ୍ୱ ଦେବେ । କିନ୍ତୁ ଏହା ଏକ ଭ୍ରାନ୍ତ ଧାରଣା । ସେମାନେ ବୁଝି ପାରନ୍ତି ନାହିଁ ଯେ ଉଚ୍ଚ ସ୍ୱରରେ କହିବା ଦ୍ୱାରା ଶୁଣୁଥିବା ବ୍ୟକ୍ତିମାନଙ୍କର ମନ ଭିତରେ ଅସନ୍ତୋଷ ଭାବ ସୃଷ୍ଟି ହୋଇଥାଏ । ମନେ ମନେ ସେମାନେ ବିରକ୍ତ ହେଲେ ବି ସାଧାରଣ ଭଦ୍ରାମି ଦୃଷ୍ଟିରୁ କିଛି ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ । କିନ୍ତୁ ଉଚ୍ଚ ସ୍ୱରରେ କହୁଥିବା ବ୍ୟକ୍ତିଙ୍କ ପ୍ରତି ତାଙ୍କର ଆନ୍ତରିକ ସମ୍ମାନ ଆଦୌ ଆସେ ନାହିଁ । ଦୁର୍ବଳ ବ୍ୟକ୍ତିତ୍ୱ ସମ୍ପନ୍ନ ବ୍ୟକ୍ତିମାନେ ସବୁବେଳେ ନିଜକୁ ଅନ୍ୟମାନଙ୍କ ସହିତ ତୁଳନା କରିଥାନ୍ତି । ଓ ନିଜକୁ ନ୍ୟୁନ ମନେ କରିଥାନ୍ତି । ଏଥିରେ ସେମାନେ ନିଜେ ହିଁ ନିଜର ସମ୍ମାନ ନଷ୍ଟ କରିଥାନ୍ତି । ଫଳରେ ତାଙ୍କର ଆତ୍ମବିଶ୍ୱାସ ହ୍ରାସ ପାଇଥାଏ । ଅନେକ ଜ୍ଞାନ ଓ ଅଭିଜ୍ଞତା ଥାଇ ବି ସେମାନେ ଛୋଟ କଥାକୁ ଉଚ୍ଚ ସ୍ୱରରେ କହି ନିଜର ପ୍ରାଧାନ୍ୟ ଦେଖାଇବା ପାଇଁ ଚେଷ୍ଟା କରନ୍ତି । ଅନ୍ୟକୁ କଷ୍ଟ ଦେବା ବା ଅନ୍ୟର କ୍ଷତି କରିବା ସେମାନଙ୍କର ଉଦ୍ଦେଶ୍ୟ ନଥାଏ । ନିଜ ଉପରେ ନିଜର ଭରସା ନଥିବାରୁ ବ୍ୟକ୍ତିଗତ ତଥା କର୍ମମୟ ଜୀବନରେ ସେମାନେ ସମସ୍ତଙ୍କୁ ଏହିପରି ଉଚ୍ଚ ସ୍ୱରରେ କଥା କହିଥାନ୍ତି ।



### ପଦପଦବୀର ନିଶା:

କର୍ମକ୍ଷେତ୍ରରେ ଉଚ୍ଚ ପଦବୀରେ ଥିବା ବ୍ୟକ୍ତିମାନେ ତଳସ୍ତରରେ ଥିବା କର୍ମଚାରୀମାନଙ୍କୁ କାମ ବିଷୟରେ କହିଲାବେଳେ ଉଚ୍ଚ ସ୍ୱରରେ କହିଥାନ୍ତି । ସେମାନଙ୍କର ଧାରଣା ଯେ ଅନ୍ୟମାନଙ୍କୁ ଆଦେଶଦେବା ବେଳେ ଉଚ୍ଚ ସ୍ୱରରେ କହିଲେ ହିଁ କଥାର ଓଜନ ରହିବ । ସେମାନେ ଉଚ୍ଚ ପଦବୀରେ ଥିବାରୁ ଉଚ୍ଚ ସ୍ୱରରେ କଥା ଗମ୍ଭୀର ଭାବରେ କାମ ବିଷୟରେ କହିଲେ ହିଁ ତାଙ୍କର ଗୁରୁତ୍ୱ ବଢ଼ିବ । ପଦପଦବୀର ନିଶା ତାଙ୍କୁ ଏପରି ଘାରିଥାଏ । ଯେ ସେମାନେ ବିଭିନ୍ନ ସାମାଜିକ ଉତ୍ସବରେ ବି ସେହିଭଳି ଗମ୍ଭୀର ଭାବରେ କଥାବାର୍ତ୍ତା କରିଥାନ୍ତି । ତାଙ୍କ ବ୍ୟବହାରରରୁ ଜଣାପଡ଼େ ସତେ ଯେପରି ସେମାନେ ନିଜର ପଦପଦବୀକୁ ସାଙ୍ଗରେ ନେଇ ଘୂରି ବୁଲୁଛନ୍ତି । ଲୋକମାନଙ୍କ ସହିତ ଏକ ସାଧାରଣ ମଣିଷ ହିସାବରେ କଥା ହେବା ପାଇଁ ସେମାନେ କୁଣ୍ଠାବୋଧ କରନ୍ତି । ସେମାନଙ୍କ ମତରେ ହସିହସି ଧୀର ସ୍ୱରରେ କଥା କହିଲେ ଅନ୍ୟମାନେ ତାଙ୍କର ପଦଦପଦବୀକୁ ଗୁରୁତ୍ୱ ଦେବେ ନାହିଁ । କିନ୍ତୁ ଏହା ଆଦୌ ଠିକ ନୁହେଁ । ସେହିଭଳି ପରିବାରରେ ମଧ ଘରର ମୁରବୀମାନେ ଅଧିକାଂଶ ସ୍ଥଳରେ ପରିବାରର ଅନ୍ୟମାନଙ୍କୁ ଉଚ୍ଚ ସ୍ୱରରେ କଥା କହିଥାନ୍ତି । ବିଶେଷ କରି ଯେତେବେଳେ ପୁଅ, ଝିଅ, ବୋହୂ ଅବା ସ୍ତ୍ରୀଙ୍କ ସହିତ ମତଭେଦ ହୁଏ ଘରର ମୁଖିଆ ନିଜର ବ୍ୟକ୍ତିତ୍ୱକୁ ଜାହିର କରିବା ପାଇଁ ଚ୍ଚ ସ୍ୱରରେ କଥା କହିଥାନ୍ତି । ତାଙ୍କ ମତରେ ଏହିପରି କହିଲେ ଅନ୍ୟମାନଙ୍କର ତାଙ୍କ ପ୍ରତି ଭୟ ରହିବ । ପରିବାରରେ ସମସ୍ତେ ତାଙ୍କୁ ସମ୍ମାନ ଦେବା ସହିତ ତାଙ୍କ କଥା ମାନି ଚଳିବା ନିହାତି ଜରୁରୀ ବୋଲି ସେମାନଙ୍କର ଧାରଣା । ସେମାନଙ୍କର ଏହି ଭୁଲ ଭାବନା ଯୋଗୁଁ ପରିବାର ମଧ୍ୟରେ ମନାନ୍ତର ହୋଇ ଅଶାନ୍ତି ସୃଷ୍ଟି ହୋଇଥାଏ । ସେମାନେ ଏ କଥାକୁ ବହୁତ ଡେରିରେ ବୁଝି ପାରନ୍ତି ।

### ଅହଂକାର ମନୋଭାବ:

ଅନେକ ଲୋକ ଉଚ୍ଚ ପଦପଦବିରେ ନଥାଇ ମଧ ଉଚ୍ଚ ସ୍ୱରରେ କଥା କହିଥାନ୍ତି । ସେମାନଙ୍କର ଆତ୍ମବିଶ୍ୱାସର ଅଭାବ ବି ନଥାଏ । ବରଂ ମାତ୍ରାଧିକ ଆତ୍ମବିଶ୍ୱାସ ଯୋଗୁଁ ସେମାନଙ୍କ ଭିତରେ ଗର୍ବ ବା ଅହଂକାର ମନୋଭାବ ରହିଥାଏ । ସେମାନେ ଅନ୍ୟମାନଙ୍କୁ ନୀଚ ଦୃଷ୍ଟିରେ ଦେଖନ୍ତି । ନିଜକୁ ଅତି ଜ୍ଞାନୀ, ଗୁଣୀ ତଥା ଅଭିଜ୍ଞତାସମ୍ପନ୍ନ ବୋଲି ଭାବିଥାନ୍ତି । ଅନ୍ୟମାନେ ତାଙ୍କ ବିଷୟରେ କ'ଣ ଭାବୁଛନ୍ତି ସେଥିପ୍ରତି ତାଙ୍କର ନଜର ନଥାଏ । ସେମାନେ କେବଳ ନିଜ କଥାକୁ ଅନ୍ୟମାନଙ୍କ ଉପରେ ଲଦି ଦେଇଥାନ୍ତି । କିନ୍ତୁ ଅନ୍ୟମାନଙ୍କ କଥା ଶୁଣି ବୁଝିବାର ଇଚ୍ଛା ତାଙ୍କର ଆଦୌ ନଥାଏ । ଅନ୍ୟମାନେ ଯେ ମଣିଷ ଏବଂ ସେମାନଙ୍କର ବି ସ୍ୱାଭିମାନ ରହିଛି ସେଥିପ୍ରତି ଏହି ଅଂହକାରୀ ଲୋକଗୁଡ଼ିକଙ୍କର ନଜର ନଥାଏ । ସବୁବେଳେ ଖାଲି ଉଚ୍ଚ ସ୍ୱରରେ ବଡ଼ ବଡ଼ କଥା କହିବା ସେମାନଙ୍କର ପ୍ରକୃତି । ସେଭଳି ଲୋକଙ୍କୁ କେହି ବି ସମ୍ମାନ ଅବା ଗୁରୁତ୍ୱ ଦିଅନ୍ତି ନାହିଁ । ଏହିପରି ଉଚ୍ଚ ସ୍ୱରର କଥା ଯୋଗୁ ବିଜ୍ଞ ଲୋକମାନେ ଏମାନଙ୍କଠାରୁ ଦୂରେଇ ରହିବାକୁ ପସନ୍ଦ କରନ୍ତି । ପରିସ୍ଥିତି ଯାହା ହେଉ ପଛେ ଉଚ୍ଚ ସ୍ୱରରେ କାହା ସହିତ କଥା ହେବାର କିଛି ଆବଶ୍ୟକତା ନାହିଁ ଧୀରସ୍ଥିର ଭାବରେ କହିଲେ ହିଁ କଥାର ଗୁରୁତ୍ୱ ରହିବ । ସେହି କଥାକୁ ଅନ୍ୟମାନେ ଠିକ ଭାବେ ଶୁଣିବେ ଏବଂ ବୁଝିବେ । ଏହାଦ୍ୱାରା ପାରସ୍ପରିକ କଥୋପକଥନ ଫଳପ୍ରଦ ହେବ ଏବଂ ସମ୍ପର୍କ ଅତୁଟ ରହିବା ଏଣୁ ଉଚ୍ଚ ସ୍ୱରରେ କହିବା ଦରକାର ନାହିଁ ।

# କଦଳୀ ଦହିବରା

**ଦହିବରା ତ ସମସ୍ତେ ଖାଇଥିବେ । ଏବେ କଦଳୀରେ ଦହିବରା ପ୍ରସ୍ତୁତ କରି ସ୍ୱାଦ ଜାଣନ୍ତୁ । କଞ୍ଚା କଦଳୀକୁ ଡାଲମା, ଭଜାରେ ବ୍ୟବହାର କରାଯାଉଥିବାବେଳେ ଏପରି ଏକ ନୂଆ ଖାଦ୍ୟ ନିଶ୍ଚୟ ସ୍ୱାଦରେ ପରିବର୍ତ୍ତନ ଆଣିବ ।**

**ଆବଶ୍ୟକ ସାମଗ୍ରୀ:**

ପ୍ରସ୍ତୁତି କଦଳୀକୁ ସିଝାଇ ବାହାର କରିଦିଅନ୍ତୁ ମଟରଗୁଡ଼ିକୁ ଖଣ୍ଡ ଖଣ୍ଡ କରି ବାଟି ଦେବେ । କଞ୍ଚାଲଙ୍କା ଓ ଅଦାକୁ ଛୋଟଛୋଟ କରି କାଟି ରଖିବେ । କଦଳୀ ସିଝାରେ ଲଙ୍କା ଓ ଅଦା କଟା, ଲଙ୍କାଗୁଣ୍ଡ, ମଟର,



ଲୁଣ ଏବଂ କଟା ଧନିଆପତ୍ର ଭଲଭାବେ ମିଶାଇ ଚକଟି ଦିଅନ୍ତୁ । ଏହାର ପ୍ରାୟ ୨୦ଟି ଗୁଳା କରି ସାମାନ୍ୟ ଚେପଟା କରିଦେଇ ରଖନ୍ତୁ । କଡ଼େଇରେ ତେଲ ଗରମ କରି ଏହି ଗୁଳାଗୁଡ଼ିକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଛାଣିବେ । କଦଳୀ ବରା ପ୍ରସ୍ତୁତ ହୋଇଗଲା । ଏବେ ଦହିରୁ ପାଣି ଛାଣିଦେବା ପରେ ସେଥିରେ ସ୍ୱାଦନୁସାରେ ଲୁଣ ଏବଂ ଜିରାଗୁଣ୍ଡ ମିଶାଇ ରଖିବେ । ଖାଇବାର ୧୦ମିନିଟ ପୂର୍ବରୁ ଦହିରେ ଏହି ବରା ପକାଇ ଦିଅନ୍ତୁ । ଉପରେ ବି ଅଳ୍ପ ଦହି ପକାଇବା ସହ ଲଙ୍କାଗୁଣ୍ଡ ଜିରାଗୁଣ୍ଡ ଏବଂ ଧନିଆ ପତ୍ରରେ ସଜାଇ ପରିଷିଦେବେ ।

**ଆବଶ୍ୟକ ସାମଗ୍ରୀ:**

୬ଟି କଞ୍ଚା କଦଳୀ, ଛୋଟ ଚାମଚରେ ୨ଚାମଚ ଲଙ୍କାଗୁଣ୍ଡ ଏବଂ ୨ ଚାମଚ ଭଜା ଜିରାଗୁଣ୍ଡ ୧୨୫ ଗ୍ରାମ ଗ୍ରୀନ ମଟର, ଚାରୋଟି କଞ୍ଚାଲଙ୍କା, ଛୋଟ ଅଦା ଖଣ୍ଡେ, ୫୦ଗ୍ରାମ ଧନିଆପତ୍ର, ୫୦୦ ଗ୍ରାମ ଦହି ଏବଂ ସ୍ୱାଦନୁସାରେ ଲୁଣ ଓ ଛାଣିବା ଲାଗି ରିଫାଇନ ତେଲ ।

# ସାବଧାନ୍ !: ସ୍ୱାସ୍ଥ୍ୟ ପାଇଁ ବର୍ଷା ଋତୁ ଅଧିକ ଘାତକ



କିଛି ଲୋକଙ୍କୁ ବର୍ଷା ଋତୁ ବହୁତ ପସନ୍ଦ ଆସିଥାଏ ତ କିଛି ଲୋକଙ୍କୁ ଏହା ଭଲ ଲାଗେ ନାହିଁ। ହେଲେ ଅଧିକାଂଶ ଲୋକ ଏହି ଋତୁକୁ ବ୍ୟଗ୍ରତାର ସହ ଅପେକ୍ଷା କରି ରହିଥାନ୍ତି। ବର୍ଷା ଆସିବା ମାତ୍ରକେ ଥଣ୍ଡା ପବନ ଓ ଚାରିଆଡ଼େ ସବୁଜ ନଜର ଆସିଥାଏ। କିନ୍ତୁ ଏହା ସହ ଏହି ଋତୁ ବିଭିନ୍ନ ରୋଗ ମଧ ସାଙ୍ଗରେ ଆଣିଥାଏ। ଏହି ଋତୁରେ ଡେଙ୍ଗୁ, ମାଲେରିଆ, ଚିକେନଗୁନିଆ ଭଳି ରୋଗ ବ୍ୟାପିଥାଏ। ତେବେ କିଛି ଆୟୁର୍ବେଦିକ ଡାକ୍ତରଙ୍କ କହିବା ଅନୁସାରେ ବର୍ଷା ପାଗ ସବୁଠାର ଖରାପ।

ଆୟୁର୍ବେଦିକ ଡାକ୍ତରଙ୍କ କହିବା ଅନୁଯାୟୀ, ସବୁ ଋତୁ ଠାରୁ ବର୍ଷା ଋତୁ ଲୋକଙ୍କ ପାଇଁ ବହୁତ ଘାତକ ହୋଇଥାଏ। ଏହି ଋତୁକୁ ନେଇ ଆୟୁର୍ବେଦିକ ଡାକ୍ତର ରେଖା ରାଧାମଣି ଏକ ଭିଡିଓ ଜାରି କରିଛନ୍ତି, ଯେଉଁଥିରେ ସେ ଏହି ଋତୁରେ ହେଉଥିବା ରୋଗ ଏବଂ ଏହାର ଉପଚାର କଥା କରିଛନ୍ତି। ଡାକ୍ତରଙ୍କ କହିବା ଅନୁସାରେ, ପ୍ରାୟତଃ ସବୁ ଋତୁରେ ଆମର ଶରୀର ଠିକ୍ ରହିଥାଏ, କିନ୍ତୁ ବର୍ଷା ଋତୁରେ ଶରୀରର ସନ୍ତୁଳନ ଅଧିକ ବିଗିଡ଼ି ଯାଇଥାଏ। ବର୍ଷା ଋତୁରେ ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଦେଖା ଦେଇଥାଏ। ଡାକ୍ତର ଜଣକ କହିଛନ୍ତି, ପ୍ରାୟ ସବୁ ଋତୁରେ ଆମେ ଦୋଷ ଅର୍ଥାତ୍ ବାୟୋଫିଜିକାଲ୍ ଏନର୍ଜି ରଖିଥାଉ, ଯାହା ଦ୍ୱାରା ଆମ ସ୍ୱାସ୍ଥ୍ୟ ଠିକ୍ ରହିଥାଏ। କିନ୍ତୁ ବର୍ଷା ଋତୁରେ ଏହାର ସନ୍ତୁଳନ ବିଗିଡ଼ି ଯାଇଥାଏ, ଯେଉଁ କାରଣରୁ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଇଥାଏ।

# କୋଲେଷ୍ଟ୍ରୋଲ କମାଏ ଅଁଳା



ଶରୀର ପାଇଁ ଲାଭଦାୟକ ଅଁଳା । ଛୋଟ ଫଳ କିନ୍ତୁ ଲାଭ ଅନେକ । ଅଁଳା ପାଉଡରରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ଯାହା ଅନେକ ରୋଗକୁ ନିରାରକରଣ କରିବାରେ ସହାୟକ ହୋଇଥାଏ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ସହିତ କ୍ୟାଲସିୟମ, ମ୍ୟାଗ୍ନେସିୟମ, ପଲିଫେନୋଲ ଓ ଆଇରନ ଭଳି ପୋଷକ ତତ୍ତ୍ୱ ରହିଛି। ଛୋଟ ଛୁଆ ଓ ବୟସ୍କଙ୍କ ପାଇଁ ଅଁଳା ଖୁବ ଉପକାରୀ। ତେବେ ଆସନ୍ତୁ ଜାଣିବା, ଆଁଳା ଖାଇବା ଦ୍ୱାରା କ'ଣ ସବୁ ଲାଭ ମିଳିଥାଏ । ଅଁଳା ପାଉଡରରେ ଭିଟାମିନ-ଉ ଭରପୁର ମାତ୍ରାରେ ରହିଛି । ପ୍ରତିଦିନ ଅଁଳା ପାଉଡର ସେବନ କରିବା ଦ୍ୱାରା ଆମ ଶରୀରର ରକ୍ତ କଣିକା ସୁଦ୍ଧ ହେବା ସହ ଶକ୍ତାଶାଳୀ ହୋଇଥାଏ । ଏଥିସହ ରୋଗପ୍ରତିରୋଧକ ଶକ୍ତି ମଧ ବଢ଼ିଥାଏ । ଏହାଦ୍ୱାରା ସହଜରେ ସଂକ୍ରମଣ ସହ ଲଢ଼ି ହେବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅଁଳା ପାଉଡରର ଅନ୍ୟ ଏକ ଲାଭ ହେଉଛି ଏହା କୋଲେଷ୍ଟ୍ରୋଲ କମ କରିଥାଏ । ଶରୀରରେ ଖରାପ କୋଲେଷ୍ଟ୍ରୋଲକୁ ନିୟନ୍ତ୍ରଣ କରେ । ଏଥିସହ ହୃଦରୋଗ ଭଳି ଆଶଙ୍କା କମ କରିଥାଏ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ୍ କ୍ୟାନସର ସୃଷ୍ଟିକାରୀ କାର୍ସିନୋଜେନିକ୍ କୋଷର ବୃଦ୍ଧିକୁ ରୋକିଥାଏ ଏବଂ କ୍ୟାନସରଠାରୁ ରକ୍ଷା କରିଥାଏ। ଏଥିସହ ବ୍ଲଡ ସୁଗାର ମାତ୍ରା ନିୟନ୍ତ୍ରଣରେ ରହେ । ପ୍ରତିଦିନ ଅଁଳା ପାଉଡର ସେବନ କରିବା ଦ୍ୱାରା ତ୍ୱଚା ସଫା ହେବା ସହ ଏକ ଭିନ୍ନ ଚମକ ଆସିଥାଏ ।

# ଶାକାହାରରେ ଭାରତ ପ୍ରଥମ



ପ୍ରାଚୀନ ଭାରତରେ ଶୁଦ୍ଧ, ସାତ୍ତ୍ୱିକମମ ଓ ଶାକାହାର ଭୋଜନକୁ ସମସ୍ତ ବର୍ଗ ସାଦରେ ଗ୍ରହଣ କରୁଥିଲେ । ପରବର୍ତ୍ତୀ ସମୟରେ ଯେତେବେଳେ ଇଂରେଜ ଶାସନ ଆରମ୍ଭ ହେଲା, ଭାରତର ପ୍ରତ୍ୟେକ ପ୍ରାନ୍ତରେ ଆମିଷ ବ୍ୟଞ୍ଜନର ଲୋକପ୍ରିୟତା ବଢ଼ିଥିଲା ନିକଟରେ ହୋଇଥିବା ଏକ ଆଲୋଚନା ଅନୁସାରେ ଶରୀରକୁ ପୋଷକତତ୍ତ୍ୱ ଯୋଗାଇବା ନିମନ୍ତେ ଅଳ୍ପ ପରିମାଣର ଆମିଷ ଭୋଜନ କରିବା ଉଚିତ, କିନ୍ତୁ ଆବଶ୍ୟକତା ଠାରୁ ଅଧିକ ସେବନ କରିବା ମଧ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ବିଶେଷଜ୍ଞ ଦଳ ମଧ ପରାମର୍ଶ ଦେଉଛନ୍ତି ଯେ ସୁସ୍ଥ ଜୀବନ ଅତିବାହିତ କରିବା ନିମନ୍ତେ ଶାକାହାର ଭୋଜନ କରିବା ଉଚିତ । ଆୟରଲାଣ୍ଡରେ ହୋଇଥିବା ଅନୁଧାନ ଅନୁସାରେ ଶାକାହାର ତାଲିକାରେ ଭାରତ ଶୀର୍ଷରେ ଅଛି । ବର୍ତ୍ତମାନ ଭାରତର ୩୮% ରୁ ଅଧିକ ଲୋକ ପ୍ରତ୍ୟହ ଶାକାହାର ଭୋଜନ କରି ଏକ ସୁସ୍ଥ ଜୀବନ ଅତିବାହିତ କରୁଛନ୍ତି । ଏଇ ତାଲିକାରେ ଇସ୍ରାଏଲ ଦ୍ୱିତୀୟରେ ତୃତୀୟରେ ତାଇୱାନ, ଚତୁର୍ଥରେ ଇଟାଲୀ, ପଞ୍ଚମରେ ଅଷ୍ଟ୍ରିଆ, ଷଷ୍ଠରେ ଜର୍ମାନୀ ରହିଛି ।

# ମଧୁମେହର ତିନି ମହୌଷଧି



**ସାରାବିଶ୍ୱରେ ମଧୁମେହ ଏକ ସାଧାରଣ ସମସ୍ୟା ପାଲଟିଗଲାଣି । ଏଥିରେ ଶରୀରରେ ଏକାଧିକ ଏକାଧିକ ମେଟାବଲିକ ଡିଜଅର୍ଡର ଦେଖାଯାଇଥାଏ । ଯାହା ଫଳରେ ଶର୍କରା ସ୍ତର ସଠିକ୍ ରହେନାହିଁ । ଏହା ପାରିବାରିକ ତଥା ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଏବଂ ଖାଦ୍ୟଚାର ଯୋଗୁ ହୋଇଥାଏ । ଏହି ରୋଗର ସମ୍ପୂର୍ଣ୍ଣ ଆରୋଗ୍ୟ କଷ୍ଟସାଧ । ତବେ ଖାଦ୍ୟରେ କିଛି ପରିବର୍ତ୍ତନ କରି ଏହାକୁ ଯଥେଷ୍ଟ ନିୟନ୍ତ୍ରଣ କରାଯାଇପାରେ ଆୟୁର୍ବେଦ ଶାସ୍ତ୍ରରେ ମଧୁମେହ ନିୟନ୍ତ୍ରଣ ଲାଗି ତିନୋଟି ଚମତ୍କାରୀ ସୂତ୍ର ରହିଛି।**

**ତେଜପତ୍ର:** ମଧୁମେହ ରୋଗୀଙ୍କ ଲାଗି ତେଜପତ୍ର ଏକ ମହୌଷଧି ବୋଲି କୁହାଯାଇପାରେ । ନିୟମିତ ଖାଦ୍ୟ ପ୍ରସ୍ତୁତିରେ କିମ୍ବା ସିଝଝାଇ ଏହାର ପାଣିକୁ ବ୍ୟବହାର କଲେ ମଧୁମେହ ନିୟନ୍ତ୍ରଣରେ ରଖାଯାଇପାରିବ ।

**ହଳଦି:** ଯେକୌଣସି ବୟସରେ ହଳଦି ଖାଇପାରିବେ। ଏହା ରକ୍ତି ପରିଷ୍କାର କରିବା ସହ ମଧୁମେହ ରୋଗରେ କୌଣସି କ୍ଷତ ହେଲେ ଏହାର ତୁରନ୍ତ ଉପଚାର କରିବାରେ ସହାୟକ ହୋଇଥାଏ ।

**ଘିକୁଆଁରୀ:** ଏହା ମଧୁମେହ ରୋଗୀଙ୍କ ପାଇଁ ଖୁବ ଉପକାରୀ । କାରଣ, ରକ୍ତଶର୍କରା ପରିମାଣ ସଠିକ୍ ରଖିବାରେ ଏହା ସହାୟକ ହୋଇଥାଏ । ଏଥିରେ ଥିବା ଇମୋଡିନ ତତ୍ତ୍ୱ ଶରୀରରେ ବଢ଼ିଥିବା ଗ୍ଲୁକୋଜ ସ୍ତର କମ କରିବାରେ ସହାୟକ ହୋଇଥାଏ । ଏଇଥିସହିତ ଗ୍ଲୁକୋଜ ମାନନ ଏବଂ ମୁସିଲେଜ ତନ୍ତୁ ଓଜନ କମାଇବା ସହ ଭୋକ ଶାନ୍ତ କରେ । ଇନସୁଲିନ ସ୍ତର ନିୟନ୍ତ୍ରଣ କରିବା ସହ ମଧୁମେହରୁ ସୁରକ୍ଷା ଦିଏ ।

# ଅଧିକ ପିଆଜ ଖାଉଛନ୍ତି କି ? : ଜାଣନ୍ତୁ ଏହାର ସାଇଡ ଇଫେକ୍ଟ

ଘରେ ଘରେ ରହିଛି ପିଆଜର ଚାହିଦା। ବିନା ପିଆଜରେ ରୋଷେଇ ପାଇଁ ହାତ ଯାଏନି। ବିଭିନ୍ନ ବ୍ୟଞ୍ଜନର ସ୍ୱାଦ ବଢ଼ାଇ ଦେଇଥାଏ ପିଆଜ। ପୁଣି ଅଧିକାଂଶ ଲୋକ ଏହାକୁ କଞ୍ଚା ଖାଇବା ପାଇଁ ବେଶ୍ ଭଲ ପା'ନ୍ତି। ଦେଶରେ ପ୍ରତିଦିନ କୋଟି କୋଟି ଲୋକେ ପିଆଜର ବହୁଳ ବ୍ୟବହାର କରନ୍ତି। ତେବେ ପିଆଜିର ଯେତିକି ଭଲ ଗୁଣ ରହିଛି ସେତିକି ଖରାପ ଗୁଣ ମଧ ଅଛି। ଅଧିକ ପିଆଜ ଖାଇବା ଆମ ସ୍ୱାସ୍ଥ୍ୟ ପାଇଁ ବିପଦ ଡାକି ଆଣିପାରେ। ତେବେ ଅଧିକ ପିଆଜ ଖାଇଲେ କ'ଣ ସବୁ ସାଇଡ ଇଫେକ୍ଟ ବାହାରେ ଆସନ୍ତୁ ଜାଣିବା।



ପିଆଜରେ ଅଧିକ ମାତ୍ରାରେ ଫାଇଭର ରହିଛି। ଆବଶ୍ୟକତାଠାରୁ ଅଧିକ ଫାଇଭର ଆମ ଶରୀରର ପାଇଁ କ୍ଷତିକାରକ ହୋଇପାରେ। ଏହା ଆମ ପାଚନ ଶକ୍ତିକୁ ପ୍ରଭାବିତ କରିପାରେ। ଫଳରେ ଖାଦ୍ୟ ହଜମ ହୋଇପାରେ ନାହିଁ ଏବଂ ପେଟ ଜନିତ ସମସ୍ୟା ଉପୁଜେ। ଅଧିକ ଫାଇବର ଖାଇବା ଦ୍ୱାରା ପେଟରେ ଯନ୍ତ୍ରଣା ମଧ ହୋଇପାରେ। ଅଧିକାଂଶ ଲୋକ କଞ୍ଚା ପିଆଜ ଖାଇବା ପାଇଁ ପସନ୍ଦ କରନ୍ତି। ଏହାକୁ ସାଲାଡ ରୂପେ ବ୍ୟବହାର କରନ୍ତି। କିନ୍ତୁ ଏଭଳି ଖାଇବା ଦ୍ୱାରା ପିଆଜକୁ ହଜମ କରିବା କଷ୍ଟକର ହୁଏ। ଫଳରେ ଆସିଡିଟି ଏବଂ ଛାତି ଜଳାପୋଡା ଭଳି ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ଆସିଡିଟି ଗ୍ୟାସ ସମସ୍ୟା ଥିବା ଲୋକେ କଞ୍ଚା ପିଆଜ କମ୍ ମାତ୍ରାରେ ଖାଇବା ଉଚିତ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନିରାକରଣର ନୂଆ ମାର୍ଗ...

କରୋନା ମହାମାରୀ ଦେଶ ତଥା ବିଶ୍ୱସ୍ତରରେ ସାମାନ୍ୟ ମଉଳିବାକୁ ବସିଥିବା ବେଳେ ବିପର୍ଯ୍ୟସ୍ତ ଅର୍ଥନୀତିକୁ ସ୍ୱାଭାବିକ୍ କରିବା ସକାଶେ ବିଭିନ୍ନ ସ୍ତରରେ ଆରମ୍ଭ ହୋଇଛି ପ୍ରୟାସ । ସଂକ୍ରମଣ ଓ ମୃତ୍ୟୁହାରରେ ନିମ୍ନଗତି ଏଥିପାଇଁ ଉତ୍ସାହିତ କରୁଥିବାର ଲକ୍ଷ୍ୟ କରାଯାଉଛି । କେବଳ ଅର୍ଥନୀତି ନୁହେଁ, ତାହା ସମ୍ବନ୍ଧିତ ବିଭିନ୍ନ କ୍ଷେତ୍ରରେ ଦୁଇ ଦୁଇ ଥର କରୋନା ପ୍ରହାର ଯେଉଁ ଯନ୍ତ୍ରଣା ଦେଇଛି, ସେଥିରୁ ମୁକୁଳିବା ଏତେ ସହଜ ମନେ ହେଉନାହିଁ । ତଥାପି ମହାମାରୀ ବିରୋଧରେ ଲଢ଼ିବା ପାଇଁ ସାହସ ଜୁଟାଯାଉଥିବା ବେଳେ ବିପର୍ଯ୍ୟସ୍ତ ସ୍ଥିତିକୁ ସଜାଡ଼ିବା ସକାଶେ ଅଣ୍ଟା ଭିଡ଼ାଯାଇଛି । ଏହା ପୂର୍ବରୁ ଜାତୀୟ ସରକାର ଓ ରିଜର୍ଭ ବ୍ୟାଙ୍କ ସମେତ ବିଭିନ୍ନ ସଂସ୍ଥା ଏକାଧିକ ପ୍ୟାକେଜ୍ ଘୋଷଣା କରି ଡୁବିଯାଉଥିବା ନିର୍ମାଣ ଶିଳ୍ପ, ଅଣୁ ତଥା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ କେତେକ ରିହାତି ଓ ସହାୟତା ଘୋଷଣା କରିଛନ୍ତି । କରୋନା ସଂକ୍ରମଣ କାଳରେ ସେହି ପ୍ୟାକେଜ ଗୁଡ଼ିକର କାର୍ଯ୍ୟକାରିତାରେ ଏମିତିରେ ଗୁଡ଼ିଏ ବାଧକ ପରିଦୃଷ୍ଟ ହୋଇଛି । ନିର୍ମାଣ ଶିଳ୍ପ ଏବଂ ଏମ୍ଏସ୍ଏମ୍ ଇ ରୁଗ୍ଣ ସ୍ଥିତିକୁ ଚାଲିଆସିବା ପରେ ସେଗୁଡ଼ିକୁ ସଂଜୀବନୀ ଦେବାପାଇଁ ଉଦ୍ଦିଷ୍ଟ ଆର୍ଥିକ ପ୍ୟାକେଜ୍ ଦ୍ୱିତୀୟ ଲହର ଆସିଯିବା ଫଳରେ ବସ୍ତୁତଃ ଅକାଳି ହୋଇଗଲା । ଦୁଇଟିଯାକ ଲହରଜନିତ କ୍ଷତିକୁ ଦେଖାଗଲେ ତାହାର ଭରଣା ପାଇଁ ଯେତେ ଉଦ୍ୟମ ହେଉଛି, ତାହା ଗଭୀର ଗାତରେ ପଶିଯାଇଥିବା ଭଳି ହୋଇଛି । ମାତ୍ର ବ୍ୟାପକ ଟିକାକରଣ ଭଳି ଅଭିଯାନ ବିଭିନ୍ନ ଭାବରେ ଆସନ୍ନ ବିପଦକୁ କେତେକାଂଶରେ ରୋକିବା ଦିଗରେ ସହାୟକ ହେବାର ଆଶା କରାଯାଏ ।

ସୋମବାରର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏକ ମେଗା ବୁଷ୍ଟର ଡୋଜ୍ ଘୋଷଣା କରିଛନ୍ତି । ଅର୍ଥନୀତିକୁ କରୋନା କବଳରୁ ମୁକୁଳାଇବା ସକାଶେ ଏହି ପ୍ୟାକେଜ୍ ଉଦ୍ଦିଷ୍ଟ । ମହାମାରୀ ପାଇଁ ଆର୍ଥିକ ସହାୟତା ପରିମାଣ ୩,୭୬,୨୪୪ କୋଟି । ଜନସ୍ୱାସ୍ଥ୍ୟ ପାଇଁ ନୂତନ ଯୋଜନା ବାବଦ ରାଶି ୧୫,୦୦୦କୋଟି ହୋଇଥିବା ବେଳେ ଅଭିବୃଦ୍ଧି ଏବଂ ରୋଜଗାର ଲାଗି ୨,୩୭, ୭୪୯କୋଟି ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି । ମୋଟ୍ ୬,୨୮,୯୯୩ କୋଟିର ଘୋଷିତ ମେଗା ପ୍ୟାକେଜ୍ ଭିତରେ ମହାମାରୀ ପ୍ରଭାବିତ କ୍ଷେତ୍ରଗୁଡ଼ିକୁ ୧.୧ଲକ୍ଷ କୋଟି ଋଣର ପ୍ରାବଧାନ ରଖାଯାଇଛି । ସେହିଭଳି ସ୍ୱାସ୍ଥ୍ୟସେବା କ୍ଷେତ୍ର ୫୦ ହଜାର କୋଟିର ଋଣ ସୁବିଧା ରଖାଯାଇଛି । ୨୫ ଲକ୍ଷ କ୍ଷୁଦ୍ର ବ୍ୟବସାୟୀଙ୍କୁ ୭.୫୦୦କୋଟି ମାଇକ୍ରୋଫାଇନାନ୍ସ ଋଣ ବ୍ୟବସ୍ଥା ରଖାଯାଇଛି ଏହି ମେଗା ପ୍ୟାକେଜ୍‌ରେ । ପୂର୍ବଘୋଷିତ ଆତ୍ମନିର୍ଭର ଭାରତ ରୋଜଗାର ଯୋଜନା ଅବଧି ୨୦୨୨ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ମହାମାରୀଜନିତ କ୍ଷତ ଓ କ୍ଷତି ଭରଣା କରାଯିବା ଉଦ୍ୟମ ଏତିକିରେ ଶେଷ ହେଉନାହିଁ । କେନ୍ଦ୍ର ତଥା ରାଜ୍ୟ ସରକାରମାନେ ବିଭିନ୍ନ ବାଟରେ ପୀଡ଼ିତ ଓ ପ୍ରଭାବିତମାନଙ୍କ ପାଇଁ ପ୍ୟାକେଜ୍ ଘୋଷଣା କରି କାର୍ଯ୍ୟକାରୀ କରୁଛନ୍ତି । ଏପରିସ୍ଥଳେ କରୋନାର ପୂର୍ଣ୍ଣବିଲୋପ ପାଇଁ ଆଉ କିଛି କାଳ ଲାଗିବାର ସମ୍ଭବନା ଦୃଷ୍ଟିରୁ ଆସନ୍ନ ବିପଦର ମୁକାବିଲା କରିବା ସକାଶେ ବଳ ଜୁଟାଇବା ଉପରେ ଗୁରୁତ୍ୱ ଦିଆଯାଉଛି । ଋଣଗ୍ରହୀତାମାନଙ୍କ ପରିଶୋଧ କ୍ଷମତା କରୋନା ପାଇଁ ପ୍ରଭାବିତ ହୋଇସାରିଥିବାରୁ ସେମାନଙ୍କୁ ପୁନଃ ଋଣ ନେବା ସୁବିଧା ଯୋଗାଇବା ସକାଶେ ଏହି ମେଗା ପ୍ୟାକେଜ୍‌ରେ ସୁବିଧା ରଖାଯାଇଛି । ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବା ସାମାଜିକ ଗୋଷ୍ଠୀ ପାଇଁ ଏହା ଏକରକମର ସଂଜୀବନୀ ସଦୃଶ ହେବ ବୋଲି ବିଶେଷଜ୍ଞ ମହଲ ମତ ରଖୁଛନ୍ତି । କ୍ଷୁଦ୍ର ବ୍ୟବସାୟୀ ହୁଅନ୍ତୁ, ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ଲାଗି ସଂଘର୍ଷ କରୁଥିବା ମଜୁରିଆମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଏହି ଆର୍ଥିକ ପ୍ୟାକେଜ୍‌ରୁ ଉପକାର ପାଇବାର ଆଶା ରହିଛି । କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ ସମୟାନ୍ତରରେ ଯେଉଁସବୁ ଘୋଷଣା କରୁଛନ୍ତି, ତାହା ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ କିଭଳି ତାହାର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚିପାରିବ, ତାହା ଦେଖାଯିବା ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍ । ରାଜ୍ୟ ତଥା କେନ୍ଦ୍ର ସରକାର ଭିତରେ ଏଥିଲାଗି ଅଧିକ ସହଯୋଗ ଯେମିତି ହେଲେ ଦରକାର । ତାହା ବାଦ୍ ବୃହତ୍ତର ଜାତୀୟ ସ୍ୱାର୍ଥ ପାଇଁ ସମର୍ପିତ ହୋଇ ପ୍ରଶାସନ କରୋନା ବିରୋଧରେ ଯେମିତି ଲଢ଼େଇବାକୁ ତୀବ୍ର କରୁଛନ୍ତି, ସେହିଭଳି ଘୋଷିତ ପ୍ୟାକେଜ୍ ସମୂହର କାର୍ଯ୍ୟକାରିତା ଦିଗରେ ଆନ୍ତରିକତା ପ୍ରଦର୍ଶନ କରିବା ଅଧିକ ଜରୁରି ।



## ପୁରୀ ; ବିହଙ୍ଗୀ ଦୃଷ୍ଟି



**ବିଦ୍ୟୁତ ଲତା ପଣ୍ଡା**

ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ହିନ୍ଦୁସଂସ୍କୃତି ଯାହା ଜଗନ୍ନାଥ ସଂସ୍କୃତି ରୂପେ ବିଶ୍ୱର ଶ୍ରେଷ୍ଠ ସଂସ୍କୃତିର ସ୍ଥାନ ଅଧିକାର କରିଛି । ଜଗନ୍ନାଥଙ୍କ ଅବସ୍ଥାନ ସମସ୍ତ ସୌନ୍ଦର୍ଯ୍ୟର ପରିପୂର୍ଣ୍ଣ ଶ୍ରୀକ୍ଷେତ୍ରକୁ ଶ୍ରୀଜଗନ୍ନାଥଧାମ, ନୀଳାଚଳ, ଶଙ୍ଖକ୍ଷେତ୍ର, ଭୌମକ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର, ଯମନୀକ ତୀର୍ଥ, ଉଡ୍ଡ଼ୀୟାନ ପୀଠ, ମର୍ତ୍ତ୍ୟ ବୈକୁଣ୍ଠ ଆଦି ବହୁ ନାମରେ ନାମିତ କରାଯାଇଛି । ଏ ସମ୍ବନ୍ଧରେ ବିଭିନ୍ନ ପୁରାଣରେ ବିଭିନ୍ନ ଉପାଖ୍ୟାନ ଦେଖିବାକୁ ମିଳେ । ଏହିସବୁ ନାମର ଭିନ୍ନ ଭିନ୍ନ କାରଣ ମଧ୍ୟ ବିଦ୍ୟମାନ । ଏହି କ୍ଷେତ୍ର ବହୁ ପ୍ରାଚୀନ କାଳରୁ ପ୍ରସିଦ୍ଧି ଲାଭ କରିଅଛି । ଭାରତ ମଧ୍ୟରେ ଥିବା ଚାରିଧାମ ମଧ୍ୟରୁ ଏହି ଧାମକୁ ଶ୍ରେଷ୍ଠ ସ୍ଥାନର ମାନ୍ୟତା ଦିଆଯାଏ । ଭାରତର ଧର୍ମ ବ୍ୟବସ୍ଥା ଅନୁସାରେ ଭଗବାନ ବଦ୍ରିଧାମରେ ସ୍ନାନ, ଦ୍ୱାରିକାରେ ବେଶଲାଗି, ପୁରୀରେ ଅନ୍ନଭୋଗ ଗ୍ରହଣ ଏବଂ ରାମେଶ୍ୱରରେ ଶୟନ କରନ୍ତି । ଅନ୍ୟ କେତେକଙ୍କ ମତରେ ବିଷ୍ଣୁ ସତ୍ୟଯୁଗରେ ନାରାୟଣରୂପେ ବଦ୍ରିନାଥରେ, ଦ୍ୱାପରଯୁଗରେ ଶ୍ରୀକୃଷ୍ଣ ରୂପରେ ଦ୍ୱାରିକାରେ, ତ୍ରେତୟାରେ ରାମଚନ୍ଦ୍ରରୂପେ ରାମେଶ୍ୱରରେ ଓ ସର୍ବଶେଷରେ କଳିଯୁଗରେ ଶ୍ରୀଜଗନ୍ନାଥ ରୂପେ ପୂଜା ପାଉଛନ୍ତି । ଅନ୍ୟ ତିନି ଯୁଗରେ ପ୍ରଭୁ ରକ୍ତ ମାଂସର ଶରୀର ଧାରଣ କରିଥିବାରୁ କଳିଯୁଗରେ ଅନ୍ୟ ତିନିଧାମ ଅପେକ୍ଷା ପୁରୀଧାମକୁ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି । ଶ୍ରୀଜଗନ୍ନାଥଙ୍କ ଉତ୍ପତ୍ତି ସମ୍ପର୍କରେ ବହୁ ପୁରାଣରେ ବର୍ଣ୍ଣିତ କାହାଣୀ ଅନୁଯାୟୀ ସୂର୍ଯ୍ୟବଂଶର ରାଜା ଇନ୍ଦ୍ରଦ୍ୟୁମ୍ନ ବିଷ୍ଣୁ ମୂର୍ତ୍ତିଟିଏ ସ୍ଥାପନ କରିବାକୁ ମନସ୍ଥ କରି ଖବର ପାଇଲେ ଯେ, ନୀଳଗିରିରେ ବିଷ୍ଣୁ ପୂଜିତ ହେଉଛନ୍ତି । ତେଣୁ ରାଜା ବିଷ୍ଣୁମୂର୍ତ୍ତି ଖୋଜିବା ପାଇଁ ବ୍ରାହ୍ମଣମାନଙ୍କୁ ପ୍ରେରଣ କଲେ । ବିଦ୍ୟାପତି ନାମକ ବ୍ରାହ୍ମଣ ବିଷ୍ଣୁଙ୍କୁ ଶବରପଲ୍ଲୀର ନୀଳବନରେ ଦେଖି ଧନ୍ୟହେଲେ । ନୀଳବନ ବା ନୀଳଗିରିର ଉପରେ ଏକକ୍ରୋଶ ବ୍ୟାପୀ ଏକ କଳ୍ପବୃକ୍ଷର ପଶ୍ଚିମ ପାର୍ଶ୍ୱସ୍ଥ ରୋହିଣୀକୁଣ୍ଡର ଉତ୍ତର ଦିଗରେ ବିଷ୍ଣୁଙ୍କୁ ନୀଳମାଧବ ବିଗ୍ରହରୂପେ ବିଶ୍ୱାବସୁ ଶବର ପ୍ରଗାଢ ଭକ୍ତି ସହକାରେ ପୂଜା କରୁଥିଲେ । ବିଦ୍ୟାପତି ସେହି ଖବର ଆଣି ରାଜାଙ୍କୁ ଦେବାରୁ ରାଜା ସେହି ପବିତ୍ର ସ୍ଥାନକୁ ଯାତ୍ରାକଲେ ମାତ୍ର ସେଠାରେ ପହଞ୍ଚିବାବେଳକୁ ନୀଳମାଧବ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ରାଜା ନାରଦଙ୍କ ପରାମର୍ଶରେ ସହସ୍ର ଅଶ୍ୱମେଧ ଯଜ୍ଞ କରି ଦାରୁବିଗ୍ରହଙ୍କ ଦର୍ଶନ ପାଇ ପରବର୍ତ୍ତୀ ସମୟରେ ଭବ୍ୟ ମନ୍ଦିର ନିର୍ମାଣ ପୂର୍ବକ ଦିଅଁମାନଙ୍କୁ ପ୍ରତିଷ୍ଠା କରି ପୂଜାର୍ଚ୍ଚନାର ବନ୍ଦୋବସ୍ତ କରିଥିଲେ । ଅତଏବ ପୁରାଣର ବର୍ଣ୍ଣିତ ଏହି ନୀଳାଗିର ି(ନୀଳ +ଗିରି), ନୀଳବନ(ନୀଳ + ବନ), ନୀଳାଦ୍ରୀ (ନୀଳ +ଅଦ୍ରି), ନୀଳଶୈଳ( ନୀଳ + ଶୈଳ)ରେ ଭଗବାନ ବାସକରୁଥିବାରୁ ତାଙ୍କୁ ସେହି ସମ୍ପର୍କିତ ବହୁନାମ ଭକ୍ତ ପ୍ରଦାନ କରିଛି । ନୀଳ ଶବ୍ଦ ସହ ଜଡିତ ଗିରି, ବନ, ଶୈଳ, ଅଦ୍ରିର ଅର୍ଥ ପାହାଡ । ସମ୍ଭବତଃ ପୂର୍ବେ ଏ ସ୍ଥାନରେ ସବୁଜ ଗଛପତ୍ର ପରିପୂର୍ଣ୍ଣ ନୀଳରଙ୍ଗର ପାହାଡ ଥିଲା ଏବଂ ସେହି ପାହାଡରେ ଶ୍ରୀଜଗନ୍ନାଥ ପୂଜିତ ହେଉଥିଲେ । ଭକ୍ତ ତାର ପ୍ରିୟ ଭଗବାନଙ୍କୁ ଅଜସ୍ର ନାମରେ ସମ୍ବୋଧିତ କରେ । ସେହି ନାମମାନଙ୍କ ମଧ୍ୟରୁ ଏକ ନାମ ପୁରୀଆ ଯାହା ସମ୍ପର୍କରେ ସାମାନ୍ୟ ଆଲୋଚନା କରିବା ଉକ୍ତ ନିବନ୍ଧର ଉଦ୍ଦେଶ୍ୟ ।

ପୁରୀ, ଏହି ନାମ ଉଚ୍ଚାରଣ କଲାମାତ୍ରେ ଏକ ଦିବ୍ୟସ୍ଫୁରଣ ସମସ୍ତଙ୍କ ହୃଦୟରେ ସ୍ପନ୍ଦିତ ହୋଇଥାଏ । ସେ ନାମରେ ଉଚ୍ଚାରଣରେ କିମ୍ବା ସ୍ମରଣରେ ଶ୍ରୀଜଗନ୍ନାଥଙ୍କର ବିଗ୍ରହ ମାନସ ପଟଳରେ ସତେ ଅବା ଉଙ୍କିମାରେ । ଓଡିଶା ଅସ୍ମିତାର ପରିଚୟ ଶ୍ରୀଜଗନ୍ନାଥ ଏଠାରେ ମାନବୀୟ ଲୀଳା କରୁଥିବାରୁ କେବଳ ଭାରତବର୍ଷରେ କାହିଁକି ସମଗ୍ର ବିଶ୍ୱର ଦୃଷ୍ଟି ଏହି କ୍ଷେତ୍ର ଉପରେ ନିବଦ୍ଧ । ଶ୍ରୀଜଗନ୍ନାଥ ଓଡିଶାବାସୀଙ୍କୁ ତାଙ୍କର ପରିଚୟରେ ପରିଚିତ କେବଳ କରିନାହାନ୍ତି ବରଂ ଆଣିଦେଇଛନ୍ତି ଅଜସ୍ର ସମ୍ମାନ । ବାହାରେ ଯେଉଁଠି ବି ନିଜର ପରିଚୟ ଦେଲେ କେହି ବୁଝନ୍ତିନି ଅନ୍ୟକୌଣସି ଜିଲ୍ଲାରୁ କି କୌଣସି ସ୍ଥାନରୁ ଆସିଛନ୍ତି ବରଂ ଏତିକି ଯଥେଷ୍ଟ ଆମେ ସବୁ 'ଜଗନ୍ନାଥ କା ଦେଶ'ରୁ ଆସିଛୁ । ସ୍ୱତଃ ସେମାନଙ୍କର ମୁଣ୍ଡ ନଇଁ ଆସେ ସମ୍ମାନ ଦେବାକୁ; ଏ ସମ୍ମାନ ଓଡିଆକୁ ମିଳିଛି କେବଳ ଶ୍ରୀଜଗନ୍ନାଥଙ୍କ ପାଇଁ । ଜଗନ୍ନାଥଙ୍କ ସେବକ ପଣ୍ଡାମାନଙ୍କ ଆଦରତ ନ କହିବା ଭଲ । କେତେକ ରାଜ୍ୟରେ ତାଙ୍କୁ ଭଗବାନଙ୍କ ଚଳନ୍ତି ପ୍ରତିମା ମନେ କରାଯାଏ । ନିଜ ଠାକୁର ଘରେ ତାଙ୍କୁ ନୂଆ ଆସନରେ ବସିବାକୁ ଦିଆଯାଏ । ଜଗତର ନାଥ ଜଗନ୍ନାଥଙ୍କର ନିବାସ ସ୍ଥଳୀ ପୁରୀର ଅନେକ ପାରମ୍ପରିକ ନାମ ମଧ୍ୟରୁ ଶ୍ରୀକ୍ଷେତ୍ର, ଶ୍ରୀଜଗନ୍ନାଥଧାମ, ନୀଳାଚଳ, ଶଙ୍ଖକ୍ଷେତ୍ର, ଭୌମକ୍ଷେତ୍ର, ପୁରୁଷୋତ୍ତମ କ୍ଷେତ୍ର, ପୁରୁଷୋତ୍ତମଧାମ, ଯମନୀକ ତୀର୍ଥ, ଉଡ଼୍ଡ୍ରୀୟାନ ପୀଠ, ମର୍ତ୍ତ୍ୟ ବୈକୁଣ୍ଠ ପୁରୁଷୋତ୍ତମ-ପୁରୀ , ନୀଳାଦ୍ରୀ ଇତ୍ୟାଦି । କେତେକ ବିଦ୍ୱାନଙ୍କ ମତରେ 'ପୁରୀ' ଶବ୍ଦ 'ପୁରୁଷୋତ୍ତମ-ପୁରୀ' ବା ଅପଭ୍ରଂଶରେ 'ପୁରସ୍ତମ-ପୁରୀ'ରୁ ହ୍ରାସ ହୋଇ ଆସିଅଛି । ଲୋକମୁଖରେ ଏହି ପୁରୁଷୋତ୍ତମ ଶବ୍ଦଟା 'ପୁରୀଆ' ହୋଇ କ୍ରମେ ପୁରୀଆରୁ 'ପୁରୀ' ହୋଇଛି । ମାତ୍ର ଏହି ମତ ଅପେକ୍ଷା ଭିନ୍ନ ଏକ ମତ ଅଧିକ ଯୁକ୍ତିଯୁକ୍ତ ମନେହୁଏ । ଏହି କ୍ଷେତ୍ର ପ୍ରଥମେ ପୁରୁଷୋତ୍ତମ ପୁରୀ ଅଥବା ଜଗନ୍ନାଥ ପୁରୀ ନାମରେ ନାମିତ ଥିଲା । 'ପୁରୀ' ଶବ୍ଦର ଅର୍ଥ ନଗରୀ ବା ଖୁବ୍ ବଡ ସହର । ପୁର ଓ ପୁରୀ ଶବ୍ଦର ଅନେକ ଅର୍ଥ ରହିଛି । ପୁର ଅର୍ଥ ଗୃହ, ଦେଶ, ନଗର, ଦେହ ଇତ୍ୟାଦି । ଆତ୍ମା ସମସ୍ତ ପ୍ରାଣୀମାନଙ୍କର ପୁରରେ ଅର୍ଥାତ୍ ଦେହରେ ଅବସ୍ଥାନ କରେ ବା ତାହାକୁ ପୂର୍ଣ୍ଣ କରି ରହେ ବା ସେଥିରେ ଶୟନ କରେ । ତେଣୁ ଆତ୍ମାକୁ ପୁରୁଷ କୁହାଯାଏ । ପୁରୁଷ ଉତ୍ତମ, ପୁରୁଷୋତ୍ତମ- ଜଗନ୍ନାଥ ପୁର ହେତୁ ଏହି ଧାମର ନାମ ପୁରୁଷୋତ୍ତମ-ପୁରୀ ବା ସଂକ୍ଷେପରେ ପୁରୀ! କାଳକ୍ରମେ, ଲୋକମୁଖରେ ପୁରୁଷୋତ୍ତମ ଶବ୍ଦ କଟିଗଲା ଏବଂ ଲୋକେ କେବଳ 'ପୁରୀ' ବୋଲି କହିଲେ । ଏହାର ଇଂରାଜୀ ବନାନ ଚଙ୍କସ୍ବସ ଲେଖା ଯାଉଥିବାରୁ ଓଡିଆରେ 'ପୁରି' ହେବ ବୋଲି ଲୋକେ ଭାବୁଥିଲେ ମଧ ଏହାର ବନାନ ହେବ ପୁରୀ (Puree) । ବ୍ରିଟଶ ଶାସନର ନଥିପତ୍ରରେ ଠାଏଁ ଠାଏଁ 'ପୁରୀ' ଜାଗାରେ 'ଜଗନ୍ନାଥ' ଶବ୍ଦ ବ୍ୟବହୃତ ହୋଇଛି । ଉଭୟ ଶବ୍ଦ ହୋଇଯାଇଛି ସମାର୍ଥକ । ଶ୍ରୀକ୍ଷେତ୍ରକୁ ପୁରୀ କହିବା ମୂଳରେ ଭିନ୍ନ ଏକ କାରଣ ଏହି ଯେ ଏଠାରେ ସମସ୍ତ ଦ୍ରବ୍ୟ ପରିପୂର୍ଣ୍ଣ ହୋଇ ରହିବା ସଙ୍ଗେ ସଙ୍ଗେ ଏହା ଚତୁର୍ବର୍ଗ ଫଳ ପ୍ରଦାନ କରେ । ଏଣୁ ସବୁକିଛି ପୂର୍ଣ୍ଣ ଥିବାରୁ ଏବଂ ମନୋରଥ ପୂର୍ଣ୍ଣ ହେଉଥିବାରୁ ଏହାର ନାମ 'ପୁରୀ' ।

ବିଶିଷ୍ଟ ଆଦିବାସୀ ଭାଷାତତ୍ତ୍ୱବିତ୍ ପଞ୍ଚାନନ ମହାନ୍ତି ଆଦିବାସୀ ଭାଷା ତତ୍ତ୍ୱଦୃଷ୍ଟିରୁ 'ପୁରୀ' ଶବ୍ଦର ବ୍ୟାଖ୍ୟା କରିଛନ୍ତି । ସେ କହିଛନ୍ତି "ଓଡିଶା ଗୋଟିଏ ମୁଣ୍ଡାଭାଷୀ ଅଧ୍ୟୁଷିତ ରାଜ୍ୟ । ଏଠାରେ ପ୍ରାୟ ୧୬ଟି ମୁଣ୍ଡାଭାଷା ମଧ୍ୟରୁ ଅନ୍ୟୁନ ୧୦ଟି ଭାଷା ବିଭିନ୍ନ ଅଞ୍ଚଳରେ କଥିତ ହୁଏ । ଜଗନ୍ନାଥ ମୁଖ୍ୟତଃ ଶବର ଦେବତା । ଶବରମାନେ ମୁଣ୍ଡା ଗୋଷ୍ଠୀର ଅନ୍ତର୍ଭୁକ୍ତ । ସାରଳା ମହାଭାରତ ଅନୁଯାୟୀ ନୀଳାଚଳ ଥିଲା ଗୋଟିଏ ଶବର ଅଧ୍ୟୁଷିତ ସ୍ଥାନ । ଐତିହାସିକମାନେ ମଧ ପୁରୀରେ ଶବରମାନେ ରାଜତ୍ୱ କରୁଥିଲେ ବୋଲି ମତପୋଷଣ କରନ୍ତି । ଏ ମତକୁ ଗ୍ରହଣ କଲେ ଶବରମାନେ ଏ ସ୍ଥାନଟିର ଗୋଟାଏ ନାମ ଦେଇଥିବେ ଓ ସେହି ନାମଟିର ମୁଣ୍ଡା ଶବ୍ଦ ହୋଇଥିବ, ଏହା ସ୍ୱୀକାର କରିବାକୁ ପଡିବ । ଆମର ବିଶ୍ୱାସ ଏହି ପ୍ରାଚୀନ ନାମଟି 'ପୁରୀ' । କାରଣ ମୁଣ୍ଡାଗୋଷ୍ଠୀର ବିଭିନ୍ନ ଭାଷାରେ ଏହି ଶବ୍ଦଟି ଜଳାଶୟ ଓ ସମୁଦ୍ର ସହିତ ସଂପୃକ୍ତ । ବଣ୍ଡା ଭାଷାରେ ପୁର(pur) ର ଅର୍ଥ Flood ଓ ସାନ୍ତାଳୀରେ ପୁରୀରେ ଚାରୋଟି ଅର୍ଥ ଅଛି- World,sea,place,abode ଆମର ଯୁକ୍ତ ହେଲା- ପୁରି(ପୁରୀ) ଗୋଟିଏ ମୁଣ୍ଡାଶବ୍ଦ ଓ ଏହା ସମୁଦ୍ର ପାଇଁ ବ୍ୟବହୃତ ହୋଇ ପରେ ସମୟକ୍ରମେ ସମୁଦ୍ରକୂଳସ୍ଥ ସ୍ଥାନଟିର ନାମରେ ପରିଣତ ହୋଇଯାଇଛି ।" ସେହିଭଳି ବିଶିଷ୍ଟ ଗବେଷକ ଆଶୁତୋଷ ପ୍ରସାଦ ପଟ୍ଟନାୟକ 'ପୁରୀ' ନାମକରଣ ପଛରେ ଏକ ଯୁକ୍ତି ରଖୁଛନ୍ତି । ତାଙ୍କ ମତରେ ଖ୍ରୀଷ୍ଟ ପ୍ରଥମ ଶତାବ୍ଦୀ ଭିତରେ ଭାରତୀୟ ସାଧବମାନେ ବିଶେଷତଃ ଓଡିଆ ବଣିକମାନେ ବଣିଜ ଉଦ୍ଦେଶ୍ୟରେ ବିଭିନ୍ନ ଦ୍ୱୀପ ସହ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲେ । ତନ୍ମଧ୍ୟରୁ ବାଲିଦ୍ୱୀପ ସହିତ ଓଡିଆମାନଙ୍କର ବିଶେଷ ସମ୍ପର୍କ ଥିଲା । ସମ୍ଭବତଃ ସେଠାକାର ସାଂସ୍କୃତିକ ପ୍ରଭାବ ଉତ୍କଳରେ ପଡିଛି । ବାଲିଦ୍ୱୀପର ଲୋକମାନେ ମନ୍ଦିରକୁ 'ପୁର' କହନ୍ତି । ଏହି 'ପୁର' ନାମଟି ପ୍ରାଚୀନତମ ଦେବାଳୟରୁ ଆରମ୍ଭ ହୋଇଥିବା ଜଣାଯାଏ । ଏହାଛଡା ମନ୍ଦିରକୁ ପ୍ରାସାଦ (Palace) ମଧ କୁହାଯାଏ । ବାଲିର 'ପୁରବୈଶାଖୀ' ମନ୍ଦିରକୁ ଠିକ୍ ପୁରୀର ଜଗନ୍ନାଥ ମନ୍ଦିର ଭଳି 'ପ୍ରାସାଦ' କୁହାଯାଏ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ଏକଦା ଆମ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରକୁ ଲୋକେ 'ପୁର' କହୁଥିଲେ ଓ କାଳକ୍ରମେ ଏହାର ନିକଟବର୍ତ୍ତୀ ଅଞ୍ଚଳ 'ପୁରୀ' ନାମରେ ବିଖ୍ୟାତ ହେଲା ।

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
ମୋ. ୯୯୩୮୧୨୨୮୨୬

## ସୁନ୍ଦର ଓଡ଼ିଶାରେ 'ଫଟୋ ରାଜନୀତି'



**ଦୀପ୍ତିମୟୀ ବେହେରା**

ସର୍ବଦା ରାଜ୍ୟରାଜନୀତି ବେଶ ଚଳଚଞ୍ଚଳ । ଛୋଟବଡ଼ ଘଟଣା ବା ଦୁର୍ଘଟଣାକୁ ନେଇ ଟଣାଓଟରା ଚାଲେ ଓଡ଼ିଶାର ରାଜନୀତି । ଦେଖୁନାହାଁନ୍ତି ଟୀକାକରଣ କେନ୍ଦ୍ରରେ ଫଟୋ ଲଗାଯିବାକୁ ନେଇ ରାଜନୈତିକ ଦଳଗୁଡିକ ମଧ୍ୟରେ ଯେଉଁ ଆକ୍ଷେପ ଓ କୁତ୍ସାରଟନା ଚାଲିଛି ତାହା ସୂଚାଇ ଦେଉଛି ଯେ କେତେ ଅହଂଭାବ ରହିଛି ପ୍ରତ୍ୟେକଙ୍କ ମଧ୍ୟରେ । ନିଜର ବା ନିଜଦଳର ବଡ଼ିମାପଣକୁ ଦେଖାଇହେବା ଯେପରି ହୋଇପଡ଼ିଛି ଏକମାତ୍ର ଉଦ୍ଦେଶ୍ୟ ।

ପୂର୍ବରୁ ବହୁ ବଡ଼ବଡ଼ ରାଜନେତା ଯେପରିକି ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ ହୁଅନ୍ତୁ କି ଜାନକୀ ବଲ୍ଲଭ ପଟ୍ଟନାୟକ, ବିଜୁ ପଟ୍ଟନାୟକ, ହରେକୃଷ୍ଣ ମହତାବ, ନନ୍ଦିନୀ ଶତପଥୀଙ୍କ ପରି ଅନେକ ମନ୍ତ୍ରୀ ଓ ନେତା ଅଛନ୍ତି ଶାସନ କ୍ଷମତାକୁ ଆସି ବା ବିରୋଧୀ ଦଳର ସଦସ୍ୟ ଥାଇ କାର୍ଯ୍ୟ କରିଯାଇଛନ୍ତି ଯାହାକି ଏବେବି ତାଙ୍କୁ ଜନସାଧାରଣ ଝୁରୁଛନ୍ତି ଓ ତାଙ୍କ ମହତକାର୍ଯ୍ୟଗୁଡ଼ିକ ଲିପିବଦ୍ଧ ହୋଇ ରହିଯାଇଛି ଇତିହାସ ପୃଷ୍ଠାରେ । ଠିକ ସେହିପରି ମନପ୍ରାଣ ଦେଇ କାର୍ଯ୍ୟକରି ଚାଲ ଯାହାକି ସମୟ ଆସିବ ଚିରସ୍ମରଣୀୟ ହୋଇ ରହିଯିବ ତୁମନାମ ଯୁଗଯୁଗକୁ ।

ଜାଣିଥିଲୁ ପୁରାଣଶାସ୍ତ୍ରରୁ ସତ୍ୟ ଯୁଗ, ତ୍ରେତୟା ଯୁଗ..... , ସାହିତ୍ୟରୁ ପଢ଼ିଅଛୁ ସାରଳା ଯୁଗ, ପଞ୍ଚସଖା ଯୁଗ.... କିନ୍ତୁ ଅତ୍ୟାଧୁନିକ ଯୁଗରେ ଦେଖୁଛୁ ଫଟୋ ଯୁଗ । ଜଳପଥ, ସ୍ଥଳପଥ ଓ ଆକାଶପଥ ଯେଉଁଠି ଦେଖିବ ଫଟୋଟିଏ ଉଠାଇବା ବା ସେଲ୍ଫି ନେବା ଯେପରି ହୋଇଗଲାଣି ଏକ ଅଭ୍ୟାସଗତ ଅଭ୍ୟାସ। ଫଟୋ ଉଠାଇ ନ ପାରିଲେ ଜୀବନ ଯେପରି ବୃଥା । ଫଟୋ ଉଠାଉ ଉଠାଉ କିଏ ନଦୀରେ ବୁଡିଗଲାଣି ତ କିଏ ପୋଲଉପରୁ ତଳକୁ ଖସିପଡ଼ିଲାଣି । ତଥାପି ଫଟୋ ନିଶା ଛାଡୁନି । ଏସବୁ ଯୁବପିଢ଼ିଙ୍କ କ୍ଷେତ୍ରରେ ବହୁଳ ମାତ୍ରାରେ ଲକ୍ଷ୍ୟ କରାଯାଉଛି ।

ରାଜନୀତି ଅବସ୍ଥା ମଧ ଠିକ ସେମିତି । ଫଟୋ ନ ରହିଲେ ଯେମିତି ସବୁ ବିକାଶ ଅଧାପନ୍ତରିଆ ହେଇରହିଯିବ । ନା... ସେକଥା ନୁହେଁ ବରଂ ଈର୍ଷାନ୍ୱିତ ହୋଇ ଦୁନିଆକୁ ହାତମୁଠିରେ ରଖି ମସୁଧା ଚଳାଇବା ହେଉଛି ରାଜନୀତି ପ୍ରସଙ୍ଗ । ପ୍ରତ୍ୟେକ ଜାଣନ୍ତି କେନ୍ଦ୍ର ସରକାର ଯୋଗାଉଛନ୍ତି ଟୀକା ଓ ତାହାକୁ ସୁରକ୍ଷିତ ଭାବେ ରଖି ରାଜ୍ୟ ସରକାର ଟୀକା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଛନ୍ତି । ଦୁଇ ସରକାରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ପୂର୍ଣ୍ଣମାତ୍ରାରେ ରହିଥିବାବେଳେ ପୁଣି କାହିଁ ସୃଷ୍ଟି ହେଉଛି ଦ୍ୱନ୍ଦ୍ୱ ।

ବିଜେପି ବିଜେଡି ଫଟୋକନ୍ଦଳ ମଧ୍ୟରେ କଂଗ୍ରେସ ଆଉ ଟିକେ ପାଦ ଆଗକୁ ଯାଇ ଶ୍ମଶାନ ଘାଟରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲଗାଇବା କେତେ ଯୁକ୍ତିଯୁକ୍ତ ; ବିଚାର ଆପଣମାନଙ୍କ ହାତରେ । ରାଜନୈତିକଦଳ ଯଦି ଏହିପରି ହିଂସ୍ରମୁଖା ହୋଇ କାର୍ଯ୍ୟ କରିବେ ଜନସାଧାରଣ ଏଥିରୁ କି ଶିକ୍ଷା ପାଇବେ ? ମହାତ୍ମାଗାନ୍ଧୀ ଯଦି ଅହିଂସା ନୀତିରେ ଭାରତବର୍ଷକୁ ସ୍ୱାଧୀନତା ଦେଇପାରିଥିଲେ, ମଧୁସୂଦନଙ୍କ ଅଦ୍ୟମ ନିଷ୍ଠା ଓ ସାହସ ଯୋଗୁ ଯଦି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇପାରିଥିଲା, ସାହିତ୍ୟ ମହାରଥୀଙ୍କ ମାତୃଭାଷାପ୍ରୀତି ପାଇଁ ଓଡ଼ିଆ ଭାଷା ଯଦି ବଞ୍ଚି ରହିପାରିଛି, ତା'ହେଲେ ସେହି ନୀତିଆଦର୍ଶକୁ ନେଇ କାହିଁକି ସୁଶାସନ ଚାଲିପାରିବ ନାହିଁ? ଅତୀତର ଏହି ରାଜନୀତିଜ୍ଞଙ୍କ ଜୀବନାଦର୍ଶକୁ ନେଇ ବର୍ତ୍ତମାନ ପିଢ଼ି ଯଦି ଉତ୍ତମ ଶିକ୍ଷା ଲାଭ କରନ୍ତେ ହୁଏତ ଭବିଷ୍ୟତ ପିଢ଼ି ଉଚିତ ଶିକ୍ଷା ପାଇ ସୁସ୍ଥ ସୁନ୍ଦର ସମାଜ ଗଠନ କରିବା ଦିଗରେ ବ୍ରତୀ ରୁହନ୍ତେ । ଈଶ୍ୱରଙ୍କ ସୃଷ୍ଟିରେ ସବୁଠୁ ବୁଦ୍ଧି ବିବେକବାନ ହେଉଛି ମନୁଷ୍ୟ ଜାତି । ବାଦବିବାଦ ଭିତରକୁ ଠେଲି ହେବା ପୂର୍ବରୁ କାହିଁକି ଭଲମନ୍ଦ ବିଚାର ନ କରିବା ? ପ୍ରଥମେ କର୍ତ୍ତବ୍ୟ କରି ଜନସେବା କରିଚାଲ, ଲୋକଙ୍କ ମୁଖେ ହସ ଫୁଟାଅ, ଦେଶ ପାଇଁ ଆତ୍ମୋତ୍ସର୍ଗ କର ଦେଖିବ ସେଥିରେ ଯେଉଁ ସୁଖଶାନ୍ତି ମିଳିବ ତାହା ମିଳିବ ନାହିଁ କଳିକନ୍ଦଳ କରି । ଅହଂଭାବକୁ ପରିତ୍ୟାଗ କରି ପ୍ରଶଂସାନିନ୍ଦାକୁ ବେଖାତିର କରି କର୍ତ୍ତବ୍ୟ କରିଚାଲ ସମୟ କହିବ ଦୁନିଆ ଶୁଣିବ ; କିଏ କରୁଛି ଆଉ କିଏ ନକରୁଛି ? ଏହାହିଁ ନିରାଟ ସତ୍ୟ ।

ଦୃଷ୍ଟାନ୍ତ ଦେବାକୁ ଚାହିଁବି ପ୍ରକୃତି ଉପରେ ଯଦି ଦୃଷ୍ଟି ନିବଦ୍ଧ କରିବା ତେବେ ସହଜସତ୍ୟକୁ ଉପଲବ୍ଧି କରିପାରିବା ଯାହାକି କୌଣସି ପ୍ରତ୍ୟାଶା ନରଖି କାର୍ଯ୍ୟକରି ଚାଲୁଛନ୍ତି ଅହରହ । ଯେପରିକି ସୂର୍ଯ୍ୟ କିରଣ ଦେବା, ବୃକ୍ଷ ଛାଇଦେବା, ମେଘ ବାରିଦେବା ଇତ୍ୟାଦି । ଠିକ ସେହିପରି ସାଧାରଣ ଜନତାଙ୍କ ମଙ୍ଗଳକାମନା କରି କର୍ତ୍ତବ୍ୟ କରିଯିବା ହିଁ ଉତ୍ତମ ଶାସକଙ୍କର ଲକ୍ଷ୍ୟ ରହିବା ଉଚିତ । ଉତ୍ତମ କର୍ତ୍ତବ୍ୟ କେବେ ନିଷ୍ଫଳ ହୁଏନାହିଁ ବରଂ ଏଥିପାଇଁ ଯେଉଁ ଯଶ, ଖ୍ୟାତି, ସୁନାମ ମିଳେ ତାହା ବ୍ୟକ୍ତିକୁ ଚିରଞ୍ଜିବୀ କରି ରଖେ ।

ମନୁଷ୍ୟ ପାଇଁ ଜୀବନ ମୂଲ୍ୟବାନ । ମହାମାରୀ କରୋନାର ଦ୍ୱିତୀୟ ଲହର ଯେଉଁପରିଭାବେ ଗୋଟେଗୋଟେ ପରିବାରକୁ ମୂଳପୋଛ କରିଦେଇଯାଉଛି ବାସ୍ତବଦୃଶ୍ୟକୁ ଦେଖିଲେ କୋହରେ ହୃଦୟ ଫାଟିପଡୁଛି । ସଂକ୍ରମଣ ସଂଖ୍ୟା ସିନା କମିବାରେ ଲାଗିଛି ହେଲେ ମୃତ୍ୟୁସଂଖ୍ୟା ଯେପରି ବୃଦ୍ଧି ପାଇପାଇ ଚାଲିଛି ତାହା ଚିନ୍ତାର ବିଷୟ ପାଲଟିଛି । ତାଲାବନ୍ଦ ସାଙ୍ଗକୁ ଦରଦାମ ଅହେତୁକ ବୃଦ୍ଧି ଯୋଗୁ ଲୋକେ କି କି ଅସୁବିଧାର ସମ୍ମୁଖୀନ ହେଉଛନ୍ତି, କେତେଲୋକ ଖାଇବା ବିନା ଅଇଁଠା ପତ୍ର ଚାଟୁଛନ୍ତି, କେତେ ବଡ଼ବଡ଼ କଳାକାର ପରିବା ବିକୁଛନ୍ତି ତ କିଏ ଚା' ବିକି ପେଟ ପୋଷୁଛନ୍ତି, ବେକାରୀ ସମସ୍ୟା କଥା ନ କହିଲେ ଭଲ ସେସବୁକୁ ହୃଦୟଙ୍ଗମ ନ କରି ବରଂ କରୋନାଠାରୁ ବଞ୍ଚିବାର ମହୋଷଧି ଟିକାକୁ ନେଇ ଚାଲିଛି ଫଟୋ ରାଜନୀତି । ଯାହାକି ବିବାଦ ତୃଣମୂଳସ୍ତରରୁ ଯାଇ ଜାତୀୟ ସ୍ତରରେ ପାଲଟିଗଲାଣି ଚର୍ଚ୍ଚାର ବିଷୟ । ମନରେ ସୃଷ୍ଟି ହେଉଛି ସବୁଠୁ ବଡ଼ପ୍ରଶ୍ନ.... ଟୀକାକରଣ କେନ୍ଦ୍ରରେ ଫଟୋ ଲଗାଯିବାକୁ ନେଇ ଯଦି ଏତେ ପାଲା ତେବେ ଟୀକା ନେଇ କି ଯାହାର ମୃତ୍ୟୁ ହେଉଛି ସେଠି କାହା ଫଟୋ ଲଗାଯିବ ? ଏହାର ଜବାବ ବି ଦିଅନ୍ତୁ....

କର୍ତ୍ତବ୍ୟ, ଆଦର୍ଶ ଓ ମୂଲ୍ୟବୋଧକୁ ଭିତ୍ତିକରି ରାଜନୀତି ହେବା ଉଚିତ । ଅଯଥା ଅଯୁକ୍ତି ପ୍ରସଙ୍ଗକୁ ନେଇ ଡିଣ୍ଡିମ ପିଟି ରାଜନୀତିକୁ ସରଗରମ କରିବା ଅର୍ଥ ବାହାସ୍ଫୋଟ ମାରି ଲୋକହସା ହେବା ହିଁ ସାର । ଯେପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ହୃଦୟରେ ସକାରାତ୍ମକ ଚିନ୍ତାଧାରା, ଉତ୍ତମ ବୁଝାମଣା, ସତକର୍ମ, ସତଚିନ୍ତା ଓ ଚେତନା ମଧ୍ୟରେ ସୁଖାନୁଭୂତି ନ ଆସିଛି ସେପର୍ଯ୍ୟନ୍ତ ମନୁଷ୍ୟ ଏମିତି ହୀନ ରାଜନୀତି କରି ଚାଲୁଥିବ ; ଏହା ନିଃସନ୍ଦେହରେ କୁହାଯାଇପାରେ ।

+ କୋଏଲ ନଗର,
ରାଉରକେଲା




### ମହତ...

**ଆନନ୍ଦ କୁମାର ମାଇତି**



ତୁମ ସହଯାତ୍ରାରେ ଏତେ ସୁଖ ଥିଲା
ନିଜକୁ ପାଶୋରି ଆଣିଲା ପରେ ବୁଝିଛି
ଖାଁ ଖାଁ ଗୁମୁ ଭିତରେ କୁଡିର
ପ୍ରସବ ଯନ୍ତ୍ରଣା ପରି
ମୋ ଯନ୍ତ୍ରଣା ଯେ କେତେ କଦାରକ
ଏକଥା ତମ ପାଖେ ଅଛପା ନାହିଁ
ସବୁ କଦାକାର କୁ ଲୁଚେଇ ରଖିଛି
କେବେ ଭେଟ ହେଲେ ଦେଖେଇବି
ଅଥଚ ପୃଥିବୀଟା ଏତେ ଛୋଟଯେ
ମୋ ଅମହତ ଗୁଡାକୁ ଲୁଚେଇବାକୁ ଚାହିଁ
ବି ଲୁଚେଇ ପାରୁନି
ଟିକିଏ ହକାଳି ହେବାରୁ ଦୃଶ୍ୟ ହେଇ
ଯାଉଛି ମଇଦାନରେ ।
ଏବେ ଏବେ ଅହଂକାରର
ସାତକୋଶିଆ ହସଟିଏ ହସି ଉଠିଲେ
ଅଜରା ଧୂମକେତୁ ଅତଡାଏ
ଝଡ଼େଇ ପକାଏ ମୋତେ
ପକେଇବନି ବା କେମିତି
ତୁମକୁ ଦୂର୍ ଦୂର୍ କଲା ପରେ
ମୁଁ ଆଉ ସେ ପାଖାପାଖି ହୋଇ ପରା
ସେ ହିଂସା କୁ ଜନମ ଦେଇଛୁ ।
ତମେ କଣ ଜାଣିଛ ?
ଯେଉଁ ହିଂସା ର ସହଯାତ୍ରୀ ପାଇଁ
ତୁମକୁ ଦୂର କଲି
ସେ ଆଜି ପର୍ଯ୍ୟନ୍ତ ଖୋଜି
ପାଇବାରେ ବିଫଳ
ମୋ କପାଳର ଇଜ୍ଜତ ରେଖାକୁ,
ଯାହା ତମେ ନିଜ ତର୍ଜନୀରେ
ଉନ୍ମୋଚନ କରିଥିଲ
ପ୍ରଥମ ଦିନରୁ ବିଦାୟ ପର୍ଯ୍ୟନ୍ତ
ପ୍ରତିଟି ସନ୍ଧି ମୂହୁର୍ତ୍ତରେ ।
ତୁମ ଆଙ୍ଗୁଠିରେ ନିଆରା ଯାଦୁ ଅଛି ।
ଏକଥା ହୁଏତ ତମେ ଜାଣିନ
ସେ ଯାଦୁରେ ହଠାତ୍ ଗର୍ଜି ଉଠିଥିଲା
ନିକସ ଅଧରାତିରେ
ଅଚାନକ ଠିପି ଖୋଲି ଲୋତକ
ଭଣ୍ଡାରୁ ବହି ଆସୁଥିଲା ଲୁହ,
ଏ କଥା କ'ଣ ଅମହତ ବୁଝେ !
ସେ ଭାବେ ନିଆଁରେ ବି ସହନ ତରଳେ
ମୁଁ ଜାଣେ ତମେ ବି ଜାଣିଥିବ
ବରଫଠୁ ଅଧିକ ଶୀତଳ ନହେଲେ
ଉତାର ତରଳେନି ବୋଲି,
ସେଦିନ ଏମିତି ତମେ ତରଳି ଯିବାରୁ
ମୁଁ ନିଜେ ଉଦ୍ଭାବନ କରିଥିଲି
ତୁମ ଛାତିରେ
ଦୟା କ୍ଷମା ଭଳି ହଳେ
କୋମଳ ପୃଥିବୀକୁ
ସେ ବିଷୟରେ ଅମହତର କ'ଣ
ସାମାନ୍ୟ ଅଭିଜ୍ଞତା ଅଛି
ସେ ତ ଚିରଦିନ ଲାଗି ମହତ ଭଳି
ପବିତ୍ର ଜ୍ଞାନରୁ ମୂର୍ଖ ।

+ ସଭାପତି - ଅନ୍ତରୀକ୍ଷ
ଚାରିଟେବୁଲ ଟ୍ରଷ୍ଟ, ଏରସମା,
ଜଗତସିଂହପୁର
ମୋ -୯୪୩୯୦୭୭୩୯୫

### ମରୀଚିକା...

**ସୁବ୍ରତ ମଲିକ**



ରୂପ ରାଇଜର ରାଜକୁମାରୀ ଗୋ
ତୁମକୁ ଦେଖିଲା ପରେ,
ମନ ଉପବନେ ତୁମରି ପ୍ରେମର
ମୃଦୁ ସମୀରଣ ବହେ ।
ଉଡ଼ିବୁଲେ ଆଜି ପ୍ରେମ ପକ୍ଷୀ ସାଜି
ଯେମିତି ଆକାଶେ ଗୁଡ଼ି,
ତୁମ ଭାବନାରେ ସକାଳରୁ ସଞ୍ଜ
ନିଇତି ରହୁଛି ବୁଡ଼ି ।
ଦିନ ହେଲେ ଖୋଜେ ରାତି ଆକାଶକୁ
ରାତି ହେଲେ ଖୋଜେ ଦିନ,
ତୁମ ପ୍ରତିରୂପ ଭାବି ନିଜ ଛାଇ
କଥା ହୁଏ ମୋର ମନ ।
ବିନା ଶ୍ରାବଣରେ ଭିଜାଇ ଦେଇଛ
ଯଦିଓ ହାତରେ ଛତା,
ବୈଶାଖି ଆକାଶେ ଇନ୍ଦ୍ରଧନୁ ଦିଶେ
ଯେବେ ଭାବେ ତୁମ କଥା ।
ବାଟେ ଅବା ଘାଟେ ତୁମ ପରିଚୟ
ମାଗେ ଯିଏ ଦେଖା ହୁଏ
କୁହନ୍ତି ସଭିଏଁ ମୁଁ ବୋଧେ କାଳେ
ମରୀଚିକା ପଛେ ଧାଏଁ ।

+ ମଙ୍ଗଳପୁର, ଅସୁରାଳି, ଭଦ୍ରକ
୭୦୦୮୩୧୫୯୧୬




### ଶେଷ ପ୍ରେୟସୀ...

**ପ୍ରତିମା ମେହେର**

ସମ୍ପର୍କ'ର ଦୂରତାଟା ମନେ ହୁଏ
ବିରାଟ ପ୍ରଶ୍ନବାଚ୍ଚୀ !!
ଦି'ପଦ କଥା କହିବାକୁ, ମାଗିବାକୁ ପଡ଼େ
ଅନୁମତି ପତ୍ର, ଥରିଲା କଣ୍ଠରେ
କହିବାକୁ ହୁଏ
ସୁପ୍ରଭାତ, ଶୁଭସନ୍ଧ୍ୟା

ବ୍ୟସ୍ତ ଜୀବନଟା ଅସ୍ତ ବ୍ୟସ୍ତ
କରେ ମନକୁ
ଅଯାଚିତ ପ୍ରେମଟା ମୋର
କୁହୁଳୁ କୁହୁଳୁ ଶୋଇପଡ଼େ ନିଃଶବ୍ଦେ
ସମୟ କୋଳରେ
ପ୍ରତୀକ୍ଷା'ର ଦିନ ହୁଏ ଆରମ୍ଭ
ସୁରୁଜ'ର ନାଲି ମୁରୁଜରେ

ଦିଗ ବାରି ବାରି ଆପଣା ଛାଏଁ
ସାଲିସ୍ କରି
ଅସ୍ତ ହୁଏ ନିତିଦିନ ଭଳି ସ୍ୱପ୍ନିଳ ଆଶା

ଫେଣ୍ଟା ଫେଣ୍ଟି ହୃଦୟ'ର ବ୍ୟଥା,
ମୁହୂର୍ତ୍ତ ମୁହୂର୍ତ୍ତ ଚାହିଁ ରହେ
ଅଫେରା ମଣିଷକୁ..
ପ୍ରତିଶ୍ରୁତି ର ସୁନେଲି ମୁହୂର୍ତ୍ତ
ଏମିତି ପଡ଼ିରହେ..
ଓଠ ତଳେ ଚାପି ହୋଇ
ନିତି ପ୍ରତି ଆତ୍ମହତ୍ୟା କରେ

ଅନେ..କ ଶବ୍ଦ

ମନ କଥା ଗାରେଇବାରେ ସିଦ୍ଧ ହସ୍ତ
ମୋ ସିଦ୍ଧପୁରୁଷ
କିନ୍ତୁ ନୀରବ ନିଶ୍ଚଳ,
ଅଭିଯୋଗ ନାହିଁ ମୋ ଶବ୍ଦକୋଷେ
କରିବି କିପରି ମାନ ଅଭିମାନ !!

ରାମ୍ପି ରୁମ୍ପି ଚିପୁଡ଼ି ଚରିତ୍ର ର ମନସ୍ତତ୍ତ୍ୱକୁ
ବିଦାରି ପକାଉଥିବା ସୃଷ୍ଟିକର୍ତ୍ତା
ଖୋଜିବୁଲେ ସମ୍ଭାବନା'ର
ନୂତନ କାହାଣୀ
ଗଢ଼ାହେଉ ସୁନାର ସୌଧ
ଫଳକଟି ଚକ୍ ଚକ୍ କରୁ
ତୁମ ହାତ ପାପୁଲିରେ..

ବନ୍ଧା ପଡ଼ିଥିବା ସ୍ମୃତି ସବୁ
କରିବାକୁ ମୁକୁଳିତ
କରିବି କରାଘାତ ବାରମ୍ବାର ହୃଦୟେ
ନୁହେଁ କି ତୁମ ଯୋଗ୍ୟ
ସାଜିବାକୁ ଶେଷ ପ୍ରେୟସୀ !!

+ ପାଟଣାଗଡ଼
ଜି-ବଲାଙ୍ଗିର

# ସୁଦକ୍ଷା ଶ୍ରଦ୍ଧା



'ଆଶିକ୍-୨'ର ନାୟିକା ଶ୍ରଦ୍ଧାଙ୍କୁ କିଏବା ଭୁଲିପାରିବ। 'ତିନ୍ ପତି'ରୁ ଆରମ୍ଭ ହେଇଥିଲା ଶ୍ରଦ୍ଧାଙ୍କ ଅଭିନୟ ଯାତ୍ରା। ଏହାପରେ ଲଭ୍ କା ଦ ଏଣ୍ଡ, ଗୋରି ତେରେ ପ୍ୟାର ମେ, ଏକ୍ ଭିଲିଆନ୍, ହାଇଦର, ଏବିସିଡି-୨, ବାଘୀ, ରକ୍ ଅନ୍-୨, ହାଫ୍ ଗାର୍ଲଫ୍ରେଣ୍ଡ, ନୱାବ୍‌ଜାଦେ, ସାହୋ, ଛିଛୋରେ ପରି ପ୍ରାୟ କୋଡ଼ିଏଟି ସଫଳ ସିନେମାର ନାୟିକା ଶ୍ରଦ୍ଧା। ଏବେ ପୁଣି ଶ୍ରଦ୍ଧାଙ୍କ ହାତରେ ରହିଛି ପାଞ୍ଚଟି ଭିନ୍ନସ୍ୱାଦର କାହାଣୀ ଏବଂ ବିଗ୍ ବଜେଟର ସିନେମା। ଜ୍ୟାକି ବାଗନାନୀ ପ୍ରଡକ୍ସନ୍ ପ୍ରସ୍ତୁତ ମୁଦାସର ଅଜିଜ୍‌ଙ୍କ ନୂଆ କମେଡି ଡ୍ରାମାର ନାୟିକା ଭାବେ ଶ୍ରଦ୍ଧା କପୁରଙ୍କୁ ଚୟନ କରାଯାଇଛି। ଲଭ୍ ରଞ୍ଜନଙ୍କ ମୁଭିର ନାୟିକା ସାଜିଥିବା ଶ୍ରଦ୍ଧା ଏହା ପୂର୍ବରୁ 'ଚାଲ୍‌ବାଜ ଇନ୍ ଲଣ୍ଡନ'ର ନାୟିକା ସାଜିଛନ୍ତି। ନୂଆ ମୁଭି 'ଖବରି ଆଡ୍‌ସ'ରେ ମଧ୍ୟ ରାଜକୁମାର ରାଓଙ୍କ ବିପକ୍ଷର ନାୟିକା ସାଜିଛନ୍ତି ଶ୍ରଦ୍ଧା। ଏବେ ପୁଣି ସମୀର ବିଦ୍ୱାନଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁଯାଉଥିବା 'ସତ୍ୟନାରାୟଣ କୀ କଥା'ର ନାୟିକା ଭାବେ ଶ୍ରଦ୍ଧାଙ୍କୁ ମନୋନୀତ କରାଯାଇଛି। ଷ୍ଟାର୍ ଡଟର୍ ହେଇଥିଲେ ବି ଦକ୍ଷତା ନ ଥାଇ ଶ୍ରଦ୍ଧା କ'ଣ ଏତେ ସୁଯୋଗ ହାତମୁଠାକୁ ଆଣିଛନ୍ତି ତାଙ୍କ ସମୟରେ ଯେଉଁମାନେ ସିନେ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିଥିଲେ, ସେମାନଙ୍କ ମଧ୍ୟରୁ ଅନେକ ହାତବାନ୍ଧି ବସିଥିବା ବେଳେ ଶ୍ରଦ୍ଧା ଏତେ କମ୍ ଦିନରେ ପଚିଶରୁ ତିରିଶଟି ସିନେମା ହାତେଇ ପାରିଛନ୍ତି। ଏଥିରୁ ସ୍ୱଷ୍ଟ ହେଉଛି ଯେ ଶ୍ରଦ୍ଧା ସୁଦକ୍ଷା।

# ବୁଲେଟ୍‌ରେ ପଇଁତରା ମାରୁଛନ୍ତି ଜୁନିଅର୍ ଏନ୍‌ଟିଆର୍ ଓ ରାମ ଚରଣ!



ସାଉଥ ସୁପରଷ୍ଟାର ରାମ ଚରଣ ଓ ଜୁନିଅର ଏନ୍‌ଟିଆର। ଏକାଠି ହୋଇଛନ୍ତି ଏବେ ଏହି ଦୁଇ ଷ୍ଟାର। ସେ ପୁଣି ଗୋଟିଏ ବୁଲେଟରେ। ଗୋଟିଏ ବୁଲେଟରେ ବସି ପଇଁତରା ମାରୁଛନ୍ତି ଏମାନେ। ଯାହାର ଫଟୋ ଏବେ ସାମ୍ନାକୁ ଆସିଛି।

ପ୍ରକୃତରେ ରିଲିଜ ହୋଇଛି ଅପ୍‌କମିଂ ମଲ୍ଟି ଷ୍ଟାରର ଫିଲ୍ମ "ଆରଆରଆର"ର ଆଉ ଏକ ପୋଷ୍ଟର। ଏହି ପୋଷ୍ଟରରେ ଜୁନିଆର ଏନ୍‌ଟିଆର୍ ଓ ରାମ ଚରଣଙ୍କୁ ଗୋଟିଏ ବୁଲେଟ୍ ଉପରେ ବସି ବୁଲୁଥିବା ଦେଖିବାକୁ ମିଳିଛି। ଆଗରେ ଜୁନିଅର ଏନ୍‌ଟିଆର୍ ବସିଥିବା ବେଳେ ତାଙ୍କ ପଛରେ ବସିଛନ୍ତି ରାମ ଚରଣ। ଆରଆରଆର ଅଫିସିଆଲ୍ ମୁଭି ଟ୍ୱିଟର ହ୍ୟାଣ୍ଡେଲରେ ଏହି ପୋଷ୍ଟରକୁ ସେଆର କରାଯାଇଛି।

ବାହୁବଳୀ ଫେମ୍ ନିର୍ଦ୍ଦେଶକ ଏସ୍ ଏସ୍ ରାଜାମୌଲିଙ୍କ ନିର୍ଦ୍ଦେଶନାରେ ତିଆରି ଏହି ଫିଲ୍ମର ସୁଟିଂ ଲାଷ୍ଟ ଷ୍ଟେଜରେ ଅଛି। ଏହାର ଡବିଂ ପାର୍ଟ ମଧ୍ୟ ପ୍ରାୟ ଶେଷ ହେବାକୁ ବସିଲାଣି। ଫିଲ୍ମର ଦୁଇଟି ଗୀତ କେବଳ ସୁଟିଂ ହେବାକୁ ବାକି ଅଛି । ଏଥିସହ ଏହାର ପୋଷ୍ଟ ପ୍ରଡକ୍ସନ ମଧ୍ୟ ଆରମ୍ଭ ହୋଇସାରିଲାଣି।

ଭାରତୀୟ ସ୍ୱତନ୍ତ୍ରତାର ପ୍ରମୁଖ ଯୋଦ୍ଧା କୋମାରାମ ଭୀମ ଓ ଅଲ୍ଲୁରୀ ସୀତାରାମ ରାଜୁଙ୍କ ଜୀବନ ଉପରେ ଆଧାରିତ ହୋଇଥିବା ଏକ କାଳ୍ପନିକ କାହାଣୀକୁ ନେଇ ଏହି ଫିଲ୍ମଟି ତିଆରି ହୋଇଛି। ଆରଆରଆରକୁ ହାଇଦ୍ରାବାଦର ଅନେକ ସ୍ଥାନରେ ସୁଟ୍ କରାଯାଇଛି। ସୁଟିଂ ବେଳେ କୋଭିଡ ପ୍ରଟୋକଲ ଯେପରି ଭଙ୍ଗ ନହେବ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି।

୪୫୦ କୋଟି ଟଙ୍କାରେ ତିଆରି ଏହି ବିଗ୍ ବଜେଟ୍ ଫିଲ୍ମର ଲିଡ୍ ରୋଲରେ ଜୁନିଅର ଏନ୍‌ଟିଆର, ରାମ ଚରଣ, ଆଲିଆ ଭଟ୍ଟ ଓ ଅଜୟ ଦେବଗନ ଅଛନ୍ତି। ଫିଲ୍ମଟି ତେଲୁଗୁ, ତାମିଲ, ହିନ୍ଦୀ, କନ୍ନଡ, ମାଲୟାଲମ ସମେତ ଅନେକ ଭାଷାରେ ରିଲିଜ କରାଯିବ। କରୋନା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ଅକ୍ଟୋବର ୧୩ ତାରିଖରେ ବଡ଼ ପରଦାକୁ ଆସିବ ଏହି ଫିଲ୍ମ।




# ଶାହାରୁଖ୍‌ଙ୍କ ଫିଲ୍ମରେ ଡେବ୍ୟୁ କରିବେ ନୟନତାରା !

ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଅଭିନେତ୍ରୀ ନୟନତାରା ଖୁବ୍‌ଶୀଘ୍ର ବଲିଉଡ୍‌ରେ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ ସେ ପୁଣି ବଲିଉଡ୍ ଅଭିନେତା ଶାହାରୁଖ୍‌ଙ୍କ ବିପକ୍ଷରେ ପ୍ରମୁଖ ଭୂମିକାରେ ନଜର ଆସିବେ। ନିର୍ଦ୍ଦେଶକ ଅଟ୍‌ଲୀଙ୍କ ସହ ଶାହରୁଖ ଖାନ୍‌ଙ୍କ ଏହି ଫିଲ୍ମରେ ଫିମେଲ୍ ଲିଡ୍‌ରେ ଅଭିନୟ କରିବେ ନୟନତାରା। ଏ ନେଇ ଫିଲ୍ମ ନିର୍ମାତା ନୟନତାରାଙ୍କ ସହ ଆଲୋଚନା ଆରମ୍ଭ କରିଥିବା ଜଣାପଡ଼ିଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ହୋଇନାହିଁ। ପ୍ରକାଶ ଥାଉ କି ଏହି ଚଳଚ୍ଚିତ୍ର ଚଳିତ ବର୍ଷ ଶେଷ କିମ୍ବା ଆସନ୍ତା ବର୍ଷ ଆରମ୍ଭରେ ରିଲିଜ୍ ହେବାର ଯୋଜନା ରହିଛି।

# 'ଇଣ୍ଡିଆନ୍ ଆଇଡଲ'ର ଗୁମର ଖୋଲିଲେ ସିଙ୍ଗର ସଲିମ୍

ଗତ କିଛି ଦିନ ହେବ ଲୋକପ୍ରିୟ ରିଆଲିଟି ଶୋ' ଇଣ୍ଡିଆନ୍ ଆଇଡଲ ସିଜିନ୍-୧୨ ବିବାଦ ଘେରରେ ରହିଛି। ଏଠାକୁ ଗେଷ୍ଟମାନଙ୍କୁ ଡାକି ଜୋରଜବରଦସ୍ତ ପ୍ରତିଯୋଗୀମାନଙ୍କ ପ୍ରାଶଂସା କରିବାକୁ କୁହାଯାଉଥିବା ଅଭିଯୋଗ ଉଠିଛି। ଏହି ବିବାଦ ଏବେ ଗୋଟିଏ ଗୋଟିଏ ପରେ ଗୋଟିଏ ଖୁଲାସା ହେଉଛି। ଏବେ ଏହି ଶୋ'କୁ ନେଇ ଗୁମର ଖୋଲିଛନ୍ତି ପୁଣି ଜଣେ ଜଣାଶୁଣା ସିଙ୍ଗର। ପ୍ରସିଦ୍ଧ ସିଙ୍ଗର ତଥା କମ୍ପୋଜର ସଲିମ୍ ମର୍ଚ୍ଚେଣ୍ଟ ଇଣ୍ଡିଆନ୍ ଆଇଡଲ୍ ଶୋ'ର ପୋଲ୍ ଖୋଲ୍ କରିଛନ୍ତି। ପୂର୍ବରୁ ଏହି ଶୋ'ର ଜଜ୍ ରହିସାରିଥିବା ସଲିମ୍ ନିକଟରେ ଏକ ସାକ୍ଷାତକାରରେ କହିଛନ୍ତି, ସେ ଯେତେବେଳେ ଏହି ଶୋ'ର ଜଜ୍ କରୁଥିଲେ ସେତେବେଳେ ତାଙ୍କୁ ମଧ୍ୟ ପ୍ରତିଯୋଗୀଙ୍କ ପ୍ରଶଂସା କରିବାକୁ ବାଧ କରାଯାଇଥିଲା। କିନ୍ତୁ ସେ ଏଭଳି କରିନଥିଲେ। ପ୍ରଶଂସା କରିବାକୁ ସେ ସଫା ସଫା ମନା କରିଦେଇଥିଲେ। ଏଥିଲାଗି ଆଜି ସେ ଏହି ରିଆଲିଟି ଶୋ'ର ବିଚାରକ ସିଟ୍‌ରେ ଆଉ ବସୁ ନାହାନ୍ତି ବୋଲି କହିଛନ୍ତି। ସଲିମ୍ ଆହୁରି କହିଛନ୍ତି, ଏହି ରିଆଲିଟି ଶୋ'କୁ ଜଜ୍ କରିବା ସମୟରେ ଏଭଳି ମୋ ସହ ଅନେକଥର ଘଟିଛି। ଶୋ'ର ନିର୍ଦ୍ଦେଶକ ଦୟାକରି ନେଗେଟିଭ୍ କମେଣ୍ଟ ନଦେବା ପାଇଁ ମୋତେ କହିଥିଲେ। କିନ୍ତୁ ମୁଁ କିଛି ଶୁଣି ନଥିଲି। ବେଶ୍ ସ୍ମାର୍ଟ ଅନ୍ଦାଜରେ ମୁଁ ପ୍ରତିଯୋଗୀଙ୍କ ଭୁଲ୍ ବାହାର କରୁଥିଲି ବୋଲି କହିଛନ୍ତି। ସୂଚନା ମୁତାବକ ଇଣ୍ଡିଆନ୍ ଆଇଡଲ-୧୨ରେ ଦିବଙ୍ଗତ ଗାୟକ କିଶୋର କୁମାରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଏପିସୋଡ ପରେ ଏହି ସବୁ ବିବାଦ ଆରମ୍ଭ ହୋଇଥିଲା। ସେତେବେଳେ ଏହି ଶୋ'କୁ କିଶୋର କୁମାରଙ୍କ ପୁଅ ଅମିତ କୁମାର ସ୍ପେଶାଲ ଗେଷ୍ଟ ରୂପେ ଆସିଥିଲେ। ଶୋ' ସରିବା ପରେ ମେକର୍ସମାନେ ପ୍ରତିଯୋଗୀଙ୍କୁ ପ୍ରଶଂସା କରିବାକୁ ଚାପ ପକାଇଥିଲେ ବୋଲି ସେ ହିଁ ଅଭିଯୋଗ କରିଥିଲେ। ଏହାକୁ ନେଇ ବିବାଦ ବଢ଼ିଥିଲା।

# ସାହାଯ୍ୟ ମାଗି ଟ୍ରୋଲ ହେଲେ ରିୟା



ରିୟା ଚକ୍ରବର୍ତ୍ତୀ। ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ପରେ ଲଗାତର ରିୟାଙ୍କୁ ନେଇ ଜୋରଦାର ଟ୍ରୋଲ ହେଉଛି। ସୁଶାନ୍ତଙ୍କ ମୃତ୍ୟୁ ପାଇଁ ରିୟାଙ୍କୁ ଦାୟୀ କରୁଛନ୍ତି ଫ୍ୟାନ୍। ଏଥିପାଇଁ ସୋସିଆଲ ମିଡିଆରେ ଆଜିକାଲି କମ୍ ଆକ୍ଟିଭ ଅଛନ୍ତି ରିୟା। ନା କିଛି ପୋଷ୍ଟ କରୁଛନ୍ତି ନା କେଉଁ ପୋଷ୍ଟର ଉତ୍ତର ରଖୁଛନ୍ତି। ତେବେ ନିକଟରେ ରିୟା କରିଥିବା ଏକ ଭିଡିଓ ପୋଷ୍ଟକୁ ନେଇ ପୁଣି ତାଙ୍କୁ ଟ୍ରୋଲର ଶୀକାର ହେବାକୁ ପଡିଛି। ବୁଧବାର ରିୟା ଚକ୍ରବର୍ତ୍ତୀ ଏକ ଶିଶୁର ଭିଡିଓ ସେୟାର କରିଥିଲେ। ଅସୁସ୍ଥ ଥିବା ଏହି ଶିଶୁର ଚିକିତ୍ସା ପାଇଁ ଟଙ୍କା ଡୋନେଟ୍ କରିବାକୁ ତାଙ୍କ ଫ୍ୟାନଙ୍କୁ ଅପିଲ କରିଥିଲେ। ତେବେ କିଛି ଲୋକଙ୍କୁ ରିୟାଙ୍କ ଏହି ବଦାନ୍ୟତା ହଜମ ହୋଇପାରିନି। ଜୋରଦାର ଟ୍ରୋଲ କରି ସେମାନେ କହିଛନ୍ତି, ଇମେଜ୍ ସୁଧାରିବାକୁ ରିୟାଙ୍କ ଏହି ଟ୍ରିକ୍ କାମ କରିବନି। ବର୍ଷକର ଏହି ଶିଶୁ ବିରଳ ଜିନ୍‌ଗତ ରୋଗରେ ଆକ୍ରାନ୍ତ। ଶିଶୁକୁ ୨ ବର୍ଷ ହେବା ଭିତରେ ଯଦି ତାର ଚିକିତ୍ସା କରାନଯାଏ ତେବେ ତାର ଜୀବନ ଚାଲିଯିବ। ଶିଶୁର ଚିକିତ୍ସା ପାଇଁ ଏକ ବିଶେଷ ଔଷଧ ଜୋଲଗେନ୍ସମା ଦରକାର। ଯାହାର ମୂଲ୍ୟ ୧୬ କୋଟି ଟଙ୍କା। ଏହି ଔଷଧ କିଣିବାକୁ ରିୟା ନିଜ ଫ୍ୟାନ୍ ଓ ଫଲୋଅର୍ସଙ୍କୁ ଟଙ୍କା ସାହାଯ୍ୟ ମାଗିଥିଲ। ଶିଶୁର ଭିଡିଓ ସେୟାର କରିବା ସହ କ୍ୟାପସନରେ ଲେଖିଥିଲେ ' ପ୍ଲିଜ୍ ହେଲ୍ପ କାନିଶ'। ତେବେ ରିୟାଙ୍କ ଏହି ପୋଷ୍ଟ ଭିଡିଓ ଭାଇରାଲ ହେବା ସହ ଜୋରଦାର ଟ୍ରୋଲ ହୋଇଛି। କିଏ ରିୟାଙ୍କୁ ସିମ୍ପାଥୀ କୁଇନ୍ କହିଛି ତ ଆଉ କିଏ ଲେଖିଛି, ତମେ ଅଧିକା ପଇସା ଲୁଟିଛ ତେଣୁ ତୁମେ ହିଁ ସାହାଯ୍ୟ କର।

# ଗର୍ଜିଅସ୍ ଗୁଞ୍ଜନ୍



'ଧଡକ୍' ଚଳଚ୍ଚିତ୍ରରୁ ବଡ଼ ପରଦାରେ ପାଦ ଦେଇଥିବା ଜାହ୍ନବୀଙ୍କୁ ଏହା ଭିତରେ 'ଘୋଷ୍ଟ ଷ୍ଟୋରିଜ୍', 'ଅଙ୍ଗ୍ରେଜି ମିଡିଅମ୍', 'ଗୁଞ୍ଜନ ସକ୍ସେନା: ଦ କାର୍ଗିଲ ଗାର୍ଲ', 'ରୁହି' ଆଦିରେ ଫିଲ୍ମରେ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିଛି। ଆଗକୁ ଆସୁଛି ଜାହ୍ନବୀଙ୍କ ଅଭିନୀତ 'ଦୋସ୍ତାନା-୨' ଓ 'ଗୁଡ୍ ଲକ୍ ଜେରି'। ସୁନ୍ଦରୀ ଅଭିନେତ୍ରୀ ଶ୍ରୀଦେବୀଙ୍କ ଝିଅ ଜାହ୍ନବୀ। କିଛିଦିନ ତଳେ ସେ ସୂର୍ଯ୍ୟାସ୍ତ ବେଳେ ସମୁଦ୍ର ତଟରେ ନିଜର କିଛି ଫଟୋସୁଟ୍ କରିଛନ୍ତି। ସେ ହ୍ୱାଇଟ୍ ଟପ୍ ଓ ପ୍ରିଣ୍ଟେଡ୍ ସର୍ଟସ ପିନ୍ଧିଥିବାର ଦେଖିବାକୁ ମିଳିଛି। ବିନା ମେକ୍‌ଅପ୍‌ରେ ସେ ହାତରେ ଚୁଡ଼ି ପିନ୍ଧି ବେଶ୍ ଆକର୍ଷକ ଲାଗୁଛନ୍ତି। କେବଳ ନିଜର ନୁହେଁ, ବେଳାଭୂମିରେ କେତେଜଣ ବାନ୍ଧବୀଙ୍କ ମେଳରେ ଛିଡ଼ାହେଇ ଜାହ୍ନବୀ ଯେଉଁ ଫଟୋସୁଟ୍ କରିଥିଲେ, ସେଗୁଡ଼ିକ ମଧ୍ୟ ଆକର୍ଷକ ଲାଗୁଛି।

# କେଉଁଠି ରିଲିଜ୍ ହେବ 'ବେଲ୍ ବଟମ୍'



ଅକ୍ଷୟ କୁମାରଙ୍କ ଅଭିନୀତ ସ୍ପାଇ ଥ୍ରିଲର୍ ଫିଲ୍ମ 'ବେଲ୍ ବଟମ୍'କୁ ନେଇ ଏବେ ଟଣାଓଟରା ଆରମ୍ଭ ହେଇଯାଇଛି। ପ୍ରଥମେ ଏହା ସିନେମା ଘରେ ମୁକ୍ତିଲାଭ କରିବ ବୋଲି ଶୁଣାଯାଉଥିଲା। ଏହା ସାଙ୍ଗକୁ ଅଗଷ୍ଟ ପନ୍ଦର ୱିକେଣ୍ଡ୍ ବେଳକୁ ଏହି ମୁଭିଟି ଡିଜିଟାଲ ପାର୍ଟନର ଆମାଜନ ପ୍ରାଇମ୍ ଭିଡିଓରେ ମଧ୍ୟ ରିଲିଜ୍ କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ତେବେ ପ୍ରଥମେ ସିନେମା ଘରେ ମୁକ୍ତିଲାଭ କରିଥିଲେ ୧୪ରୁ ୧୭ ଦିନ ମଧ୍ୟରେ ଏହା ବକ୍ସ ଅଫିସ୍‌ରୁ ଭଲ ଆୟ କରିପାରିଥାନ୍ତା। କିନ୍ତୁ ସିନେମା ଘର ଓ ଆମାଜନ ମଧ୍ୟରେ ଚାଲିଥିବା ଏଇ ଗଣିତକୁ ହଠାତ୍ ଏକଜିବିଟର୍ସମାନେ ଜାଣିପାରିଥିଲେ।

ଏ ସମ୍ପର୍କରେ ଏକଜିବିଟର୍ସଙ୍କୁ ପଚାରିବାରୁ ସେମାନେ କହିଛନ୍ତି ଆମେ ଏ ବାବଦରେ ପ୍ରଯୋଜକ ତଥା ତାଙ୍କର ପୂରାଟିମ୍ ସହିତ ସବିଶେଷ ଆଲେଚନା କରିବୁ। ସିନେମା ଘରେ ମୁକ୍ତିଲାଭ କଲେ ପ୍ରେକ୍ଷାଳୟ ଭଳି ବ୍ୟବସାୟିକ ଲାଭ ମିଳିବନି। କାରଣ ସିନେମା ଘରର ଅବସ୍ଥା ଭଲନାହିଁ। ଯଦି କୌଣସି ସିନେମା ଦୁଇ ସପ୍ତାହ ମଧ୍ୟରେ ଡିଜିଟାଲ ପ୍ରିମିୟର୍ ହେଇଯାଏ ତେବେ ଦର୍ଶକ ଆଉ ସିନେମା ହଲକୁ କାହିଁକି ଆସିବେ ଯଦି ସିଙ୍ଗଲ ସ୍କ୍ରିନରେ ସିନେମାଟି ରିଲିଜ୍ କରିବ, ତେବେ କୌଣସି ଆପତ୍ତି ନାହିଁ। ଏଥିରେ ପୁଣି ଜାତୀୟ ସ୍ତରରେ ବିତରଣ ଦାୟିତ୍ୱରେ ଥିବ ମଲ୍ଟିପ୍ଲେକ୍ସ କମ୍ପାନିମାନେ 'ବେଲ୍ ବଟମ୍' ଟିମ୍ କରିଥିବା ଚୁକ୍ତି ଆଗରେ ମଧ୍ୟ ମୁଣ୍ଡ ନୁଆଉଁନାହାନ୍ତି। ସେମାନେ ମାତ୍ର ୨୦ ଦିନ ଭିତରେ ସିନେମାଟିକୁ ଓଟିଟି ପ୍ଲାଟଫର୍ମକୁ ଛାଡ଼ିଦେଉଛନ୍ତି। ସେମାନେ ପୁଣି ସିନେମାଟିକୁ ଅତି କମରେ ୨୮ ଦିନ ପର୍ଯ୍ୟନ୍ତ ଓଟିଟି ପ୍ଲାଟଫର୍ମରେ ରଖିବାକୁ ବାଧ କରୁଛନ୍ତି। ଯଦି 'ବେଲ୍ ବଟମ୍' ଟିମ୍ ସେମାନଙ୍କ ଚୁକ୍ତି ସହ ଏକମତ ନ ହୁଅନ୍ତି ତେବେ ଏଇ ଚଳଚ୍ଚିତ୍ରଟିକୁ ମଲ୍ଟିପ୍ଲେକ୍ସରେ ରିଲିଜ୍ କରିବାର ସୁଯୋଗ ମିଳିବନି। ପୂର୍ବରୁ ମଲ୍ଟିପ୍ଲେକ୍ସ ଓ ବେଲ୍ ବଟମ୍ ଟିମ୍ ମଧ୍ୟରେ ଭଲ ବୁଝାମଣା ହେଇଥିଲା ବୋଲି ଶୁଣାଯାଉଥିଲା, ହେଲେ ଏବେ ଉଭୟଙ୍କ ମଧ୍ୟରେ କଥା କଟାକଟି ଚାଲିଛି। ଅଶି ଦଶକର ଏକ ବାସ୍ତବ କାହାଣୀ ଉପରେ ଅଧାରିତ 'ବେଲ୍ ବଟମ୍' ଚଳଚ୍ଚିତ୍ରରେ ଅକ୍ଷୟ କୁମାରଙ୍କ ବ୍ୟତୀତ ବାଣୀ କପୁର, ଲାରା ଦତ୍ତା ଏବଂ ହୁମା କ୍ୟୁରେସିଙ୍କ ଭଳି କଳାକାର ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବେ।

# ପ୍ରଥମ ଥର ପାଇଁ ବିଗ୍-ବି'ଙ୍କ ସହ ଅଭିନୟ କରିବେ ନୀନା

ଉତ୍ତରାଖଣ୍ଡର ମୁକ୍ତେଶ୍ୱରସ୍ଥିତ ନିଜ ଘରେ ପ୍ରାୟ ଦୁଇ ମାସ ରହିବା ପରେ ମୁମ୍ବାଇ ଫେରି ଆସିଛନ୍ତି ଅଭିନେତ୍ରୀ ନୀନା ଗୁପ୍ତା। ଏହା ସହିତ ସେ ତାଙ୍କ ଆଗାମୀ ଫିଲ୍ମ 'ଗୁଡ୍‌ବାଏ' ପାଇଁ ସୁଟିଂ ମଧ୍ୟ ଆରମ୍ଭ କରି ଦେଇଛନ୍ତି। କରୋନ ଯୋଗୁଁ ଏହି ଫିଲ୍ମର ସୁଟିଂ ବନ୍ଦ ରହିଥିଲା। ତେବେ ଏହି ଫିଲ୍ମଟି ନୀନାଙ୍କ ପାଇଁ ବହୁତ ଖାସ୍। କାରଣ ଆସନ୍ତା ବର୍ଷ ସେ ଫିଲ୍ମ ଇଣ୍ଡଷ୍ଟ୍ରିରେ ୪୦ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ଏହି ଫିଲ୍ମ ମାଧ୍ୟମରେ ସେ ପ୍ରଥମ ଥର ପାଇଁ ବିଗ୍-ବି ଅମିତାଭ ବଚ୍ଚନଙ୍କ ସହିତ ଅଭିନୟ କରୁଛନ୍ତି। ଏଥିରେ ସେ ଅମିତାଭଙ୍କ ପତ୍ନୀ ଭୂମିକାରେ ନଜର ଆସିବେ।



# ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ଶ୍ରୀଜଗନ୍ନାଥ ଓ ରଥଯାତ୍ରା ଶୀର୍ଷକ ଚିତ୍ରକଳା ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୧/୭ (ନି.ପ୍ର): ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ଭର୍ଚୁଆଲ ମାଧ୍ୟମରେ 'ଶ୍ରୀଜଗନ୍ନାଥ ଓ ରଥଯାତ୍ରା' ଶୀର୍ଷକ ଏକ ସ୍ୱତନ୍ତ୍ର ରାଜ୍ୟସ୍ତରୀୟ ଚିତ୍ରକଳା ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏହି ଶିବିର ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବ ଓ ଅଂଶଗ୍ରହଣ କରିଥିବା ଶିଳ୍ପୀମାନେ ନିଜ ନିଜ ଘରେ ରହି ଚିତ୍ର ଅଙ୍କନ କରିବେ । ଏହାକୁ ଉଦ୍‌ଘାଟନ କରି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ
କହିଲେ ଯେ ଚଳିତ ବିଶ୍ୱ ମହାମାରୀ କୋଭିଡ୍-୧୯ ସମୟରେ ଓଡ଼ିଶାର ଚିତ୍ରକଳା ଓ ଭାସ୍କର୍ଯ୍ୟ ଶିଳ୍ପୀମାନଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମତେ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆଦେଶାନୁସାରେ ଓଡ଼ିଶା ଲଳିତ କଳା ଏକାଡେମୀ କୋଭିଡ୍-୧୯ ନିୟମକୁ ପାଳନ କରି ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହ ଜାରି ରଖିବା ପ୍ରଶଂସନୀୟ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ । ଗତ ଜୁନ୍ ମାସ ୮ ତାରିଖରେ ପୁରୀ ଜିଲ୍ଲା ରଘୁରାଜପୁର ଗ୍ରାମରେ ୧୫୦ଟି ଶିଳ୍ପୀ ପରିବାରଙ୍କୁ ନେଇ ଏକ ଭିତିଚିତ୍ର ଶିବିର ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ଆୟୋଜନ କରାଯାଇଥିଲା । ଯାହାକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିବା ପ୍ରକାଶ କରିଥିଲେ । ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ତାଙ୍କ ଅଭିଭାଷଣରେ ପ୍ରକାଶ କରିଥିଲେ ଯେ ଓଡ଼ିଶାର ଶିଳ୍ପୀମାନେ ଘରେ ରହି ଚିତ୍ରକଳା କରିବା ପାଇଁ ଉତ୍ସାହିତ ହୋଇ ରଥଯାତ୍ରା ଅବସରରେ 'ଶ୍ରୀଜଗନ୍ନାଥ ଓ ରଥଯାତ୍ରା' ଶୀର୍ଷକ ବିଷୟ ବସ୍ତୁ ଆଧାରିତ ଚିତ୍ରକଳା ଓ ଭାସ୍କର୍ଯ୍ୟ କଳାକୃତିଗୁଡ଼ିକୁ ଭର୍ଚୁଆଲ ପ୍ରଦର୍ଶନୀ ମାଧ୍ୟମରେ ସର୍ବଜନାଦୃତ କରିବା ଲକ୍ଷ୍ୟରେ ଓଡ଼ିଶା ଲଳିତକଳା ଏକାଡେମୀର ନିଆରା ଉଦ୍ୟମ ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ ।
ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ଏହି ଅବସରରେ କହିଥିଲେ ଯେ ଓଡ଼ିଶାର ଲୋକମାନେ ଆଗରୁ ନଅଙ୍କ ଦୁର୍ଭିକ୍ଷ ପରି କରାଳ ମହାମାରୀକୁ ଜୟ କରିଛନ୍ତି । ଚଳିତ ବିଶ୍ୱ ମହାମାରୀ କୋଭିଡ୍-୧୯ ସମୟରେ ମଧ୍ୟ ଘରେ ରହି ଏହି ସ୍ୱତନ୍ତ୍ର ଚିତ୍ରକଳା ଶିବିରରେ ଯୋଗଦାନ କରି ଉକ୍ତ କାର୍ଯ୍ୟକ୍ରମକୁ ଦୃଢ଼ ମନୋବଳ ସହକାରେ ସଫଳ କରି ଚିତ୍ରଶିଳ୍ପୀଗଣ ଜୟ ଲାଭ କରିପାରିବେ । କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ଜଗତର ନାଥ ଜଗନ୍ନାଥଙ୍କ କୃପା ଭିକ୍ଷା କରି ଶିଳ୍ପୀ ପରିବାରର ଶୁଭକାମନା କରିଥିଲେ । ଏକାଡେମୀର ସଭାପତି, ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ ବାଲୁକାଶିଳ୍ପୀ ପଦ୍ମଶ୍ରୀ ଡ. ସୁଦର୍ଶନ ପଟ୍ଟନାୟକ ତାଙ୍କ ଭାଷଣରେ ଶିବିରର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଏକାଡେମୀର ସଚିବ ପଂଚାନନ ସାମଲ ସ୍ୱାଗତ ଭାଷଣ ଦେବା ସହ ୬୬୮ ଜଣ ଶିଳ୍ପୀ ଉକ୍ତ ଶିବିରରେ ଭାଗ ନେବା ପାଇଁ ଆବେଦନ କରିଥିବା ପ୍ରକାଶ କରିଥିଲେ । ଏକ ବିଶେଷଜ୍ଞ କମିଟି ଦ୍ୱାରା ତନଖି କରାଯାଇ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୧୦୦ ଜଣ ଶିଳ୍ପୀଙ୍କୁ ଭାଗନେବା ପାଇଁ ମନୋନୀତ କରାଯାଇଛି । ଅଂଶଗ୍ରହଣ କରିଥିବା ଶିଳ୍ପୀମାନେ ତାଙ୍କର କଳାକୃତିକୁ ଏକାଡେମୀକୁ ପଠାଇବେ ଏବଂ ଏକାଡେମୀ ତରଫରୁ ପ୍ରତ୍ୟେକ ଶିଳ୍ପୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ମାନଦେୟ ରାଶି ପ୍ରଦାନ କରାଯିବ ବୋଲି ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ଉପସଭାପତି ଶ୍ରୀ ଶ୍ରୀନିବାସ ପଡ଼ିହାରୀ ଉକ୍ତ ସଭାରେ ଯୋଗଦାନ କରି ଚିତ୍ରଶିଳ୍ପୀଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ । ସର୍ବଶେଷରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ଏକାଡେମୀର ଓଏସ୍‌ଡି ମନସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶାର ମନ୍ଦିର ସ୍ଥାପତ୍ୟ କଳା ଉପରେ ଅଧିକ ଗବେଷଣା ଲୋଡ଼ା : ବିଷ୍ଣୁପଦ ସେଠୀ

ଭୁବନେଶ୍ୱର,୧/୭ (ନି.ପ୍ର): ଓଡ଼ିଶାର ମନ୍ଦିର ଶିଳ୍ପ କଳା ଅନନ୍ୟ । ଏହା କେବଳ ଆଧ୍ୟାତ୍ମିକ କ୍ଷେତ୍ରରେ ମାନବସମାଜକୁ ମାର୍ଗଦର୍ଶନ ଦେଇନାହିଁ, ବରଂ ସାମାଜିକ ସମରସତା, ରାଜ୍ୟ ଶାସନ ପଦ୍ଧତି, ଉତ୍କୃଷ୍ଟ ବିଜ୍ଞାନ ଓ କାରିଗରୀ କୌଶଳ, ପରିବେଶ ସୁରକ୍ଷା, ପ୍ରଜାନୁରଞ୍ଜକ ଶାସକଙ୍କ ଜନମଙ୍ଗଳ କାର୍ଯ୍ୟ, ବାଣିଜ୍ୟବ୍ୟବସାୟ ସଂପର୍କିତ ତଥ୍ୟରାଜି ଉପରେ ବିଶେଷ ଆଲୋକପାତ କରିଆସିଛି । ଏହି ଦୃଷ୍ଟିରୁ ଇତିହାସର ପୁନଃନିର୍ମାଣ ନିମନ୍ତେ ମନ୍ଦିର ସ୍ଥାପତ୍ୟକଳା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମତ ପ୍ରଦାନ କରିଛନ୍ତି । ଆଜି ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଅଭିଲେଖାଗାର ପକ୍ଷରୁ ଅନୁଷ୍ଠିତ ୫୨ତମ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମର ଆଭାସୀ ଅଧିବେଶନରେ ଶ୍ରୀ ସେଠୀ କହିଛନ୍ତି ଯେ ମଣିଷର ସୌନ୍ଦର୍ଯ୍ୟ ସ୍ପୃହାରୁ ଶିଳ୍ପକଳାର ସୃଷ୍ଟି ହୋଇଛି । ଷଷ୍ଠରୁ ନବମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାରେ ମନ୍ଦିର ନିର୍ମାଣର ପ୍ରଥମ ଧାରା ଆରମ୍ଭ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଏହା ଆଦୃତ ହୋଇଛି । କଳିଙ୍ଗ ମନ୍ଦିର ସ୍ଥାପତ୍ୟ ଶୈଳୀ ସମଗ୍ର ବିଶ୍ୱରେ ଗବେଷଣାର ବିଷୟ ହୋଇ ରହିଛି ବୋଲି ଶ୍ରୀ ସେଠୀ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ପ୍ରଫେସର ସଂଜୟ ଆଚାର୍ଯ୍ୟ ନାଗରା, ଦ୍ରାବିଡ ଓ ବେସର ମନ୍ଦିର ଶୈଳୀ ସହିତ କଳିଙ୍ଗ ଶୈଳୀର ସାମଂଜସ୍ୟ ଉପରେ ଆଲୋକପାତ କରିଥିଲେ । ସେ ଓଡ଼ିଶାର ମନ୍ଦିର ଶୈଳୀକୁ ବିଭିନ୍ନ ପର୍ଯ୍ୟାୟରେ ବିଭକ୍ତ କରି ସ୍ଥାପତ୍ୟକଳାର କ୍ରମବିକାଶକୁ ଉପସ୍ଥାପନ କରିଥିଲେ । ରାଜ୍ୟରେ ରହିଥିବା ଅନେକ ମନ୍ଦିର ମଧ୍ୟରୁ କେତେକର ରକ୍ଷଣାବେକ୍ଷଣ ହୋଇପାରିଥିବାବେଳେ ଅନ୍ୟଗୁଡ଼ିକର ଅବକ୍ଷୟ ଉପରେ ଉଲ୍ଲେଖ କରିଥିଲେ । ମନ୍ଦିର ମୂର୍ତ୍ତିକଳା ଆମ ଅତୀତର ନୌବାଣିଜ୍ୟ, ରୀତିନୀତି, ଜୀବନଶୈଳୀ ଓ ସଂସ୍କୃତିକୁ ଚିତ୍ରିତ କରିଛି ବୋଲି ସେ ପ୍ରକାଶ କରିଥିଲେ । ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ଯେ ଆଦିକାଳରୁ ମାନବ ଜାତି ଈଶ୍ୱର ବା ଠାକୁରଙ୍କ ଉପରେ ଅମାପ ବିଶ୍ୱାସ ସ୍ଥାପନ କରି ଉପାସନା ପୀଠ ବା ମନ୍ଦିରର ଆରମ୍ଭ କରିଥିବାବେଳେ ତା'ର ସ୍ଥାପତ୍ୟ ଶୈଳୀ ଉପରେ ସମୟକ୍ରମେ ନିଜର ପ୍ରତିଭା ଓ ଦକ୍ଷତାକୁ ପ୍ରତିପାଦିତ କରିଛି । ଆମ ଇତିହାସ ଓ ସଂସ୍କୃତିର ବଳିଷ୍ଠ ଉପାଦାନ ଭାବରେ ପ୍ରତିଷ୍ଠିତ ମନ୍ଦିର ସ୍ଥାପତ୍ୟର ଗବେଷଣା, ଅଧ୍ୟୟନ, ସଂଗ୍ରହଣ ଓ ପ୍ରସାର ଉପରେ ଶ୍ରୀ ଦାସ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ୍ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିଲେ ଓ ବୈଷୟିକ ସହାୟକ ଉପେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ର ସରକାରଙ୍କ କରୋନା ପରିଚାଳନା ତ୍ରୁଟିକୁ ଲୋକଲୋଚନକୁ ଆଣିବ ଯୁବ କଂଗ୍ରେସ

ଭୁବନେଶ୍ୱର,୧/୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ପରିଚାଳନା ତ୍ରୁଟି, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଖାଇବା ତେଲ ଇତ୍ୟାଦିର ଅହେତୁକ ଦରଦାମ ବୃଦ୍ଧିକୁ ପାଥେୟ କରି ଏବଂ ଏହି ସବୁ ସମସ୍ୟାକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ କରୁଛି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ । ବୁଧବାର ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ସଭାପତି ଡ. ସ୍ମୃତି ରଞ୍ଜନ ଲେଙ୍କା ନେତୃତ୍ୱରେ ୱେବିନାର ଆୟୋଜିତ କରାଯାଇଛି । ଯେଉଁଥିରେ ରାଜ୍ୟ ପଦାଧିକାରୀ, ସମସ୍ତ ଜିଲ୍ଲା ସଭାପତି ଓ ବିଭିନ୍ନ ବ୍ଲକରୁ ଯୁବ କଂଗ୍ରେସ ନେତାମାନେ ଯୋଗଦେଇଥିଲେ । ଏଥିରେ ଆଲୋଚିତ ପ୍ରସଙ୍ଗ ମଧ୍ୟରେ କେନ୍ଦ୍ର ସରକାରଙ୍କ କୋଭିଡ ପରିଚାଳନା ତ୍ରୁଟି ଯଥା ଦ୍ୱିତୀୟ ଲହରରେ ମେଡିକାଲରେ ବେଡ ସମସ୍ୟା, ଅକ୍ସିଜେନର ଅଭାବ, ଭେଂଟିଲେଟର ଅଭାବ ପରିଲିକ୍ଷିତ ହୋଇଥିଲା, ଯେଉଁଥି ପାଇଁ ହଜାର ହଜାର ଲୋକଙ୍କ ଜୀବନ ଚାଲିଗଲା । କିନ୍ତୁ ଏହି ସବୁ ସମସ୍ୟା ନଥିଲେ ସେମାନଙ୍କୁ ବଂଚାଇ ପାରିଥାନ୍ତା । ଯେଉଁଥିରୁ ପ୍ରମାଣିତ ହେଉଛି କେନ୍ଦ୍ର ସରକାର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି କୋଭିଡର ଦ୍ୱିତୀୟ ଲହର ପାଇଁ ପ୍ରସ୍ତୁତ ହୋଇନଥିଲେ । ଆଗକୁ କରୋନାର ତୃତୀୟ ଲହର ଆସିବାର ପୂର୍ବାନୁମାନ କରାଯାଉଥିବା ବେଳେ ସେଥିପାଇଁ ପାଇଁ ରାଜ୍ୟର ସମସ୍ତ ଜିଲ୍ଲା ଏବଂ ବ୍ଲକର ଯୁବ କଂଗ୍ରେସ କର୍ମୀମାନଙ୍କୁ ପ୍ରସ୍ତୁତ ରହିବାକୁ କହିଛନ୍ତି ଡ. ଲେଙ୍କା, କିପରି ଭାବେ ଯୁବ କଂଗ୍ରେସ ପୁଣିଥରେ ସଚେତନତା କାର୍ଯ୍ୟକ୍ରମ, ବ୍ଲଡ, ଅକ୍ସିଜେନ, ପ୍ଲାଜମା ଇତ୍ୟାଦି ରୋଗୀମାନଙ୍କୁ ଯୋଗାଇ ଦିଆଯିବ ଏହା ଉପରେ ଆଲୋଚନା କରିଥିଲେ । କୋଭିଡର ଭୟାବହତା ଲାଗି ରହିଥିବା ବେଳେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଓ ଖାଇବା ତେଲର ଦରବୃଦ୍ଧିକୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅପାରଗତାକୁ କିପରି ଲୋକଲୋଚନକୁ ଆଣି ସେମାନଙ୍କ ଅସଲ ମୁଖା ଖୋଲିବାର କାର୍ଯ୍ୟ କରିବ ତାହା ଉପରେ ଆଲୋକପାତ କରିଥିଲେ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା । ଏହି ୱେବିନାର କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ଯୁବ କଂଗ୍ରେସର ସାଧାରଣ ସଂପାଦିକା ତଥା ଓଡ଼ିଶା ପ୍ରଭାରୀ ପ୍ରତିଭା ରଘୁବଂଶୀ, ସମ୍ପାଦକ ତଥା ସହ ପ୍ରଭାରୀ ରିୟାଜୁଲ ଅଂଶାରି, ଅଖିଳ ଭାରତୀୟ ଯୁବ କଂଗ୍ରେସ ପ୍ରଶିକ୍ଷଣ ଟିମର ସଂଯୋଜକମାନେ ଉପସ୍ଥିତ ଥିଲେ ।

## ହାଓଡ଼ା-ଚେନ୍ନାଇ ଓ ହାଓଡ଼ା-ସତ୍ୟସାଇ ପ୍ରଶାନ୍ତି ନିଲୟମ ଟ୍ରେନ ସେବା ବୃଦ୍ଧି

ଭୁବନେଶ୍ୱର,୧/୭ (ନି.ପ୍ର): ଯାତ୍ରୀମାନଙ୍କ ସୁବିଧା ପାଇଁ ରେଳ ମନ୍ତ୍ରଣାଳୟ ହାଓଡ଼ା-ଚେନ୍ନାଇ ଓ ହାଓଡ଼ା-ସତ୍ୟସାଇ ପ୍ରଶାନ୍ତି ନିଲୟମ ବିଶେଷ ଟ୍ରେନ ଚଳାଚଳକୁ ପରବର୍ତ୍ତୀ ପରାମର୍ଶ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଏବଂ ସିକନ୍ଦରାବାଦ୍-ଅଗରତାଲା ବିଶେଷ ଟ୍ରେନ ସେବାକୁ ଆହୁରି ଦୁଇ ସପ୍ତାହ ପର୍ଯ୍ୟନ୍ତ ଚଳାଚଳ କରାଇବାକୁ ନିମ୍ନଲିଖିତ ଅନୁଯାୟୀ ନିଷ୍ପତି ନେଇଛି । ୦୨୫୪୩/୦୨୫୪୪ ହାଓଡ଼ା-ଚେନ୍ନାଇ ସେଂଟ୍ରାଲ-ହାଓଡ଼ା ବିଶେଷ ତରଂ ହାଓଡ଼ାରୁ ୩ ଜୁଲାଇ ଠାରୁ ପ୍ରତ୍ୟେକ ଶନିବାର ଦିନ ଏବଂ ଚେନ୍ନାଇ ସେଂଟ୍ରାଲରୁ ୪ ଜୁଲାଇ ଠାରୁ ପ୍ରତି ରବିବାର ଦିନ ଛାଡି ପରବର୍ତ୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ । ସେହିପରି ୦୨୫୪୩/୦୨୫୪୪ ହାଓଡ଼ା-ସତ୍ୟସାଇ ପ୍ରଶାନ୍ତି ନିଲୟମ-ହାଓଡ଼ା ବିଶେଷ ଟ୍ରେନ ୭ ଜୁଲାଇରୁ ହାଓଡ଼ା ଠାରୁ ପ୍ରତି ବୁଧବାର ଦିନ ଏବଂ ସତ୍ୟସାଇ ପ୍ରଶାନ୍ତି ନିଲୟମ ଠାରୁ ୯ ଜୁଲାଇ ଠାରୁ ପ୍ରତି ଶୁକ୍ରବାର ଦିନ ଛାଡି ପରବର୍ତ୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ । ୦୭୦୩୦/୦୭୦୨୯ ସିକନ୍ଦରାବାଦ୍-ଅଗରତାଲା-ସିକନ୍ଦରାବାଦ୍ ବିଶେଷ ଟ୍ରେନ ପ୍ରତ୍ୟେକ ସୋମବାର ଦିନ ସିକନ୍ଦରାବାଦ୍ ରୁ ୧୨ ଜୁଲାଇ ପର୍ଯ୍ୟନ୍ତ ଏବଂ ପ୍ରତ୍ୟେକ ଶୁକ୍ରବାର ଦିନ ଅଗରତାଲାରୁ ୧୬ ଜୁଲାଇ ୨୦୨୧ ପର୍ଯ୍ୟନ୍ତ ଚଳାଚଳ କରିବ । ଏହି ଟ୍ରେନ ପାଇଁ ନିର୍ଦ୍ଧାରିତ ଷ୍ଟେସନରେ ସମୟ ସାରଣୀ ଓ ରହଣି ଠାରେ କୌଣସି ପରିବର୍ତ୍ତନ ହେବନାହିଁ ।

# ଜୁଲାଇ ୫ରୁ ଖୋର୍ଦ୍ଧା ରୋଡ୍ - ଉଦନା (ସୁରଟ) ସ୍ୱତନ୍ତ୍ର ଟ୍ରେନ୍



ଭୁବନେଶ୍ୱର,୧/୭ (ନି.ପ୍ର): ଯାତ୍ରୀମାନଙ୍କ ସୁବିଧା ପାଇଁ ଏବଂ ପଶ୍ଚିମ ଭାରତକୁ ଯାତାୟାତ କରୁଥିବା ନିୟମିତ ଟ୍ରେନ୍ ଗୁଡ଼ିକରେ ମାତ୍ରାଧିକ ପ୍ରତିକ୍ଷା ତାଲିକାକୁ ଏଡାଇବା ପାଇଁ ରେଳ ମନ୍ତ୍ରଣାଳୟ ଗୁଜୁରାଟର ସୁରଟ ନିକଟସ୍ଥ ଉଦନା ଷ୍ଟେସନ ମଧ୍ୟରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତି ନେଇଛି । ବିଜୟନଗରମ ଓ ଟିଟିଲାଗଡ଼ ମାର୍ଗ ଦେଇ ୦୮୫୮୫/୦୮୫୮୬ ଖୋର୍ଦ୍ଧା ରୋଡ-ଉଦନା-ଖୋର୍ଦ୍ଧା ରୋଡ ବିସସ ଟ୍ରେନ ଖୋର୍ଦ୍ଧା ରୋଡ଼ ଠାରୁ ଜୁଲାଇ ମାସ ୫ ତାରିଖ (ସୋମବାର) ରାତ୍ରି ୮ଘ.୩୦ମି.ରେ ଛାଡି ୭ ଜୁଲାଇ (ବୁଧବାର) ଦିନ ଭୋର ୩ଘ.୪୦ମି.ରେ ଉଦନାରେ ପହଂଚିବ । ଫେରିବା ମାର୍ଗରେ ଟ୍ରେନ ଉଦନା ଠାରୁ ୭ ଜୁଲାଇ ଦିନ ସକାଳ ୬ ଘଟିକାରେ ଛାଡି ୮ ଜୁଲାଇ ଦିନ ଅପରାହ୍ନ ୩ଘ.୪୦ମି.ରେ ଖୋର୍ଦ୍ଧା ରୋଡରେ ପହଂଚିବ । ଏହି ଟ୍ରେନରେ ଗୋଟିଏ ଉଭୟ ପ୍ରଥମ ଏବଂ ୨ୟ ଏସିର କମ୍ପୋଜିଟ୍ କୋଚ୍, ଗୋଟିଏ ଏସି-୨ ଟାୟାର, ଚାରିଟି ଏସି -୩ ଟାୟାର୍ , ଆଠଟି ସ୍ଲିପର୍ କ୍ଲାସ୍, ଚାରିଟି ସେକେଣ୍ଡ୍ କ୍ଲାସ୍ ସିଟିଂ, ଗୋଟିଏ ଗାର୍ଡ ତଥା ଲଗେଜ୍ ଭ୍ୟାନ ଏବଂ ଗୋଟିଏ ଗାର୍ଡ ତଥା ଦିବ୍ୟାଙ୍ଗ କୋଚ୍ ଉପଲବ୍ଧ ଥିବାବେଳେ ଏହା ଖୋର୍ଦ୍ଧା ରୋଡ ଓ ଉଦନା ମଧ୍ୟରେ ଉଭୟ ପାର୍ଶ୍ୱରୁ ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ୍ ରୋଡ୍, ବିଜୟନଗରମ୍, ବବିଲି, ପାର୍ବତୀପୁରମ୍, ରାୟଗଡା, କେସିଙ୍ଗା, ଟିଟିଲାଗଡ, କାଂଟାବାଞ୍ଜି, ଖରିଆର ରୋଡ୍, ମହାସମୁନ୍ଦ, ରାୟପୁର, ଦୁର୍ଗ, ଗୋଣ୍ଡିଆ, ନାଗପୁର, ବଦନେରା, ଅକୋଲା, ଭୁସାବଳ, ଜଲଗାଓଁ ଓ ନନ୍ଦୁରବାର ଷ୍ଟେସନ ମାନଙ୍କରେ ରହଣି କରିବ ।

# ପଂଚାୟତ ୱାରି କାଳିଆ ହିତାଧିକାରୀଙ୍କ ତାଲିକାକୁ ସାର୍ବଜନୀନ କରନ୍ତୁ ସରକାର: ବିଜେପି

ଭୁବନେଶ୍ୱର,୧/୭ (ନି.ପ୍ର): ମୁଖ୍ୟମନ୍ତ୍ରୀ କାଳିଆ ଯୋଜନାରେ ୧୮ ଲକ୍ଷ ଭୂମିହୀନ କୃଷକ ପରିବାରଙ୍କୁ ୩୧୮ କୋଟି ଟଙ୍କାର କୋଭିଡ ସହାୟତା ଦେବେ ବୋଲି ଆଜି ବିଭିନ୍ନ ଛାପା ଗଣମାଧ୍ୟମରେ ପ୍ରଥମ ପୃଷ୍ଠା ମଣ୍ଡନ କରିଛି । ଏହା ଏକ ଭଲ ପଦକ୍ଷେପ । କିନ୍ତୁ ବାସ୍ତବରେ ନିଜ ଦଳୀୟ କର୍ମୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହା ଏକ ଭେଳିକି । ଭୂମିହୀନ ଚାଷୀଙ୍କର ତାଲିକା ବିନା କୋଭିଡ ସହାୟତା ରାଶି ଘୋଷଣା କରିବା ଓଡିଶାବାସୀଙ୍କୁ ଦିନରେ ଲଣ୍ଠନ ଦେଖାଇବା ସଦୃଶ ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର କଟାକ୍ଷ କରିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟରେ ଭୂମିହୀନ ଚାଷୀ କିଏ ? ସେ ଭୂମିହୀନ ଚାଷୀମାନଙ୍କୁ ରାଜ୍ୟସରକାର କେବେ ଚିହ୍ନଟ କଲେ ? କେବେ ସେମାନଙ୍କର ଗଣନା ହେଲା ଏବଂ କେଉଁ ଆଧାରରେ ୧୮ ଲକ୍ଷ ଭୂମିହୀନ ଚାଷୀ ଅଛନ୍ତି ବୋଲି ରାଜ୍ୟ ସରକାର ବିଜ୍ଞାପନରେ ଦର୍ଶାଇଛନ୍ତି ତାହା ସ୍ପଷ୍ଟ କରିବା ଦରକାର । ଯଦି ସରକାର ଭୂମିହୀନ ଚାଷୀଙ୍କ ତାଲିକା ବିଜ୍ଞାପନରେ ଦର୍ଶାଉଛନ୍ତି ତେବେ ତାହା ସାର୍ବଜନୀନ କରୁନାହାଁନ୍ତି କାହିଁକି ? ପ୍ରଥମେ ପଂଚାୟତ ୱାରି କାଳିଆ ହିତାଧିକାରୀ ଏବଂ ଭୂମିହୀନ ଚାଷୀଙ୍କ ତାଲିକାକୁ ରାଜ୍ୟ ସରକାର ସାର୍ବଜନୀନ କରନ୍ତୁ ବୋଲି ସେ ଦାବି କରିଛନ୍ତି । କାଳିଆ ଯୋଜନାର ହିତାଧିକାରୀଙ୍କ ତାଲିକା ପ୍ରତି ପଂଚାୟତରେ ମାରିବା ପାଇଁ ବିଜେପି ପକ୍ଷରୁ ବାରମ୍ବାର ଦାବି ପରେ ବି ରାଜ୍ୟ ସରକାର ହିତାଧିକାରୀଙ୍କ ତାଲିକା ପ୍ରକାଶ କରୁନାହାଁନ୍ତି । ଯଦି କାଳିଆ ଯୋଜନାରେ ଚାଷୀଙ୍କ ତାଲିକା ବଢୁଛି ତେବେ ପିଏମ କିଷାନ ସମ୍ମାନ ନିଧୀ ଯୋଜନାରେ ଚାଷୀଙ୍କ ନାଁ ଯୋଡୁ ନାହାଁନ୍ତି କାହିଁକି ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି । କାଳିଆ ଯୋଜନାର ଟଙ୍କାକୁ ଦଳୀୟ ଭିର୍ତିରେ ବଂଟନ କରାଯାଉଛି । ପ୍ରକୃତ ଯୋଗ୍ୟ ଚାଷୀ କାଳିଆ ଟଙ୍କା ପାଇବାରୁ ବଂଚିତ ରହୁଛି । ୫-ଟି କଥା କହୁଥିବା ସରକାରଙ୍କର ଟ୍ରାନ୍ସପରେନ୍ସି ନାହିଁ । ରାଜ୍ୟ ସରକାର ଏଠି ଚାଷୀଙ୍କ ବିକାଶ ବଦଳରେ ଚାଷୀ ମାରଣ ନୀତି ଆପଣାଇଛନ୍ତି । ଏବେ ବି ବିଭିନ୍ନ ଜିଲ୍ଲାର ମଣ୍ଡିମାନଙ୍କରେ ହଜାର ହଜାର କ୍ୱିଂଟାଲ ଧାନ ପଡିରହିଛି । ଟୋକନ ଅବବ୍ୟସ୍ଥା ଯୋଗୁଁ ଚାଷୀମାନେ ସେମାନଙ୍କର ଧାନ ବିକ୍ରି କରିପାରୁନାହାଁନ୍ତି । କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ଏମଏସପି ବୃଦ୍ଧି କରିବା, ଆବଶ୍ୟକଠାରୁ ଅଧିକ ପରିମାଣରେ ସାର ଓ କିଟନାଶକ ଯୋଗଉଥିବାବେଳେ ରାଜ୍ୟ ସରକାର ସେଗୁଡିକୁ ଚାଷୀଙ୍କ ପାଖରେ ପହଂଚାଇ ପାରୁନାହାଁନ୍ତି । କେନ୍ଦ୍ର ସରକାର ଧାର୍ଯ୍ୟ କରିଥିବା ଧାନର ଏମଏସପି ଅନୁସାରେ ମିଲରମାନେ ରାଜ୍ୟରେ ଧାନ କିଣୁନାହାଁନ୍ତି । ଏହା ପରେ ବି ରାଜ୍ୟ ସରକାର ଚୁପ୍ ରହିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

# ତୈଳଦର ବୃଦ୍ଧିକୁ ନେଇ ଜୁଲାଇ ୭ ରୁ ୧୭ ରାଜ୍ୟବ୍ୟାପି ଆନ୍ଦୋଳନ କରିବ କଂଗ୍ରେସ : ନିରଞ୍ଜନ



ଭୁବନେଶ୍ୱର,୧/୭ (ନି.ପ୍ର): କେନ୍ଦ୍ରର ବିଜେପି ନେତୃତ୍ୱ ମୋଦି ସରକାରଙ୍କ ଦୂରଦର୍ଶିତାର ଅଭାବ ଯୋଗୁଁ ସାରା ଦେଶରେ କରୋନା ମହାମାରୀ ଥମିବାର ନାଁ ନେଉନଥିବା ବେଳେ କେନ୍ଦ୍ର ସରକାର କ୍ରମାଗତ ଭାବେ ୨ ମାସ ମଧ୍ୟରେ ୨୯ ଥର ତୈଳଦର ଆଶାତୀତ ବୃଦ୍ଧି କରିବା ଦ୍ୱାରା ଦେଶରେ ପ୍ରାୟ ୧୫୦ ସହରରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପ୍ରତି ୧୦୦ ଟଙ୍କା ପାର ହୋଇଛି । ରନ୍ଧନ ଗ୍ୟାସ, ଖାଇବା ତେଲ, ଡାଲି ଜାତୀୟ ଦ୍ରବ୍ୟ ଠାରୁ ଆରମ୍ଭ କରି ନିତ୍ୟବ୍ୟବହୃତ ଖାଦ୍ୟ ସାମଗ୍ରୀର ଦର ଆକାଶଛୁଆଁ ହୋଇଛି ଓ ସାଧାରଣ ଖାଉଟୀମାନେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି । ଲୋକମାନଙ୍କ ଏପରି ଦୁଃଖ ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ଏଆଇସିସି ତରଫରୁ ସାରା ଦେଶରେ ବ୍ଲକ, ନଗର, ଜିଲ୍ଲା ଓ ପ୍ରଦେଶ ସ୍ତରରେ କଂଗ୍ରେସ ଦଳ ପକ୍ଷରୁ ଧାରଣା, ବିକ୍ଷୋଭ ଓ ପ୍ରତିବାଦ ସହ ସାଇକେଲ ଯାତ୍ରା ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଆସନ୍ତା ୭ ଜୁଲାଇ ବୁଧବାର ଠାରୁ ୧୭ ଜୁଲାଇ ଶନିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ନିଷ୍ପତି ନିଆଯାଇଛି ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି । ଆସନ୍ତା ୭ ତାରିଖ ୧୦ ଘଟିକା ସମୟରେ ରାଜ୍ୟର ସମସ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥାଳି, ଖଞ୍ଜଣି ବଜେଇ ପ୍ଲାକାର୍ଡ଼, ବ୍ୟାନର ଓ ପତାକା ସହ ଦିବା ୧ ଘଟିକା ପର୍ଯ୍ୟନ୍ତ ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ, ଖାଇବା ତେଲ ଓ ନିତ୍ୟବ୍ୟବହୃତ ଖାଦ୍ୟ ସାମଗ୍ରୀର ଅହେତୁକ ଦର ବୃଦ୍ଧି, ଧାନର କ୍ୱିଂଟାଲ ପ୍ରତି ଏମ୍ଏସପି ୨୯୩୦ ଟଙ୍କାକୁ ବୃଦ୍ଧିକରିବା, ଧାନକିଣିବାର ଟୋକନ ଅବଧିକୁ ଜୁନ-୩୦ ପରିବର୍ତ୍ତେ ଜୁଲାଇ-୨୫ ପର୍ଯ୍ୟନ୍ତ ବୃଦ୍ଧି କରିବା, କଟଣୀ ଓ ଛଟଣୀକୁ ସଂପୂର୍ଣ୍ଣ ବାଦ ଦେବା, ଖରିଫ ଋତୁରେ ସମସ୍ତ ଚାଷୀଭାଇଙ୍କୁ ରିହାତି ଦରରେ ବିହନ, ସାର ଓ କୀଟନାଶକ ଦ୍ରବ୍ୟ ଅବିଳମ୍ବେ ପ୍ରଦାନ କରିବା ଓ ରବି ଋତୁରେ ଚାଷୀଙ୍କର ହଜାର ହଜାର କ୍ୱିଂଟାଲ ଧାନକୁ ନ କଣିବା ଦ୍ୱାରା ଧାନ ଗଜା ହୋଇ ନଷ୍ଟ ହେବା ଫଳରେ ଚାଷୀଙ୍କୁ ଅବିଳମ୍ବେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନେଇ କେନ୍ଦ୍ର- ରାଜ୍ୟ ସରକାରଙ୍କ ବିରୁଦ୍ଧରେ ଧାରଣା, ବିକ୍ଷୋଭ କରିବାକୁ ଦଳର ସମସ୍ତ ରାଜ୍ୟ ଓ ଜିଲ୍ଲା ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟମାନେ ତୃଣମୂଳସ୍ତରର କର୍ମକର୍ତ୍ତା ଓ ସାଥିମାନଙ୍କୁ ଏକତ୍ର କରି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଶ୍ରୀ ପଟ୍ଟନାୟକ ନିବେଦନ କରିଛନ୍ତି । ଏହି ଅବସରରେ ବ୍ଲକ କଂଗ୍ରେସ କମିଟିର ସଭାପତିଗଣ ଉକ୍ତ କାର୍ଯ୍ୟକ୍ରମରେ ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ସମସ୍ତ ନେତୃମଣ୍ଡଳୀଙ୍କୁ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିବାକୁ ସେ ବିଶେଷ ଅନୁରୋଧ କରିଛନ୍ତି ।

# କୋଭିଡ୍ ପରବର୍ତ୍ତୀ ପୁନର୍ଗଠନ ଓ ପୁନରୁଦ୍ଧାର ନେଇ ସିଆଇଆଇ ପକ୍ଷରୁ କର୍ମଶାଳା

ଭୁବନେଶ୍ୱର,୧/୭ (ନି.ପ୍ର): ସିଆଇଆଇ ପକ୍ଷରୁ ବିଶ୍ୱ ମହାମାରୀ ପରବର୍ତ୍ତୀ ସମୟରେ ପୁନର୍ଗଠନ ଏବଂ ପୁନରୁଦ୍ଧାର ସଂପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ କୋଭିଡ୍ ମହାମାରୀ ଯୋଗୁଁ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟ, ବାଣିଜ୍ୟ, ଅର୍ଥନୀତି, ଗମନାଗମନ ଆଦି ଯଥେଷ୍ଟ ପରିମାଣରେ ପ୍ରଭାବିତ ହୋଇଥିବାରୁ ଏଥିରୁ କିପରି ବାହାରି ସମସ୍ତ ବ୍ୟବସ୍ଥାକୁ ସ୍ୱାଭାବିକ କରାଯାଇପାରିବ ସେ ସଂପର୍କରେ ଆଲୋଚନା କରିଥିଲେ । ଏହି କର୍ମଶାଳାରେ ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଏହି ମହାମାରୀ ଯୋଗୁଁ ସମଗ୍ର ବିଶ୍ୱ ବିଶେଷ ଭାବେ ପ୍ରଭାବିତ ହୋଇଛି । ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର ଏବଂ ଅର୍ଥନୀତି କ୍ଷେତ୍ରରେ ଅନେକ ପ୍ରତିକୂଳ ପ୍ରଭାବ ପଡ଼ିଛି । ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନରେ ଓଡ଼ିଶା କୋଭିଡ୍ ମହାମାରୀକୁ ପ୍ରତିହତ କରି ବିକାଶ କାର୍ଯ୍ୟକ୍ରମକୁ ଆଗେଇ ନେବା ଲାଗି ବହୁ ପଦକ୍ଷେପ ଗ୍ରହଣ କରିପାରିଛି । ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ନୂତନ କୋଭିଡ୍ ହସ୍‌ପିଟାଲ୍ ପ୍ରତିଷ୍ଠା, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ସହ ଟିକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରିଛନ୍ତି । କୋଭିଡ୍ ମହାମାରୀ ସମୟରେ ରାଜ୍ୟ ସରକାର କୋଭିଡ୍ ଡାସ୍‌ବୋର୍ଡକୁ କାର୍ଯ୍ୟକ୍ଷମ କରି ସ୍ୱାସ୍ଥ୍ୟ ଭିତିଭୂମି, କୋଭିଡ୍ ପଜିଟିଭ୍ ଓ ନେଗେଟିଭ୍ ରିପୋର୍ଟ ତ୍ୱରିତ ଭାବେ ଜନସାଧାରଣଙ୍କ ନିକଟରେ ପହଂଚାଇବାରେ ସକ୍ଷମ ହୋଇପାରିଛନ୍ତି । ଏଥି ସହିତ ହ୍ୱାଟସ୍ ଆପ୍ ଜରିଆରେ ଅନେକ ସୂଚନା ଓ ସଚେତନତାର ବାର୍ତ୍ତା ଯୋଗାଇ ଜନସାଧାରଣଙ୍କୁ କୋଭିଡ୍ ସଂକ୍ରମଣ ପ୍ରତି ସାବଧାନ କରାଯାଇପାରିଛି ବୋଲି ମନ୍ତ୍ରୀ ଶ୍ରୀ ବେହେରା ପ୍ରକାଶ କରିଥିଲେ । ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ ଯେ ସୁସ୍ଥ ସମାଜ ଗଠନରେ ଶିକ୍ଷା ମୂଳଦୁଆ ସଦୃଶ୍ୟ ହୋଇଥିବାବେଳେ କୋଭିଡ୍ ମହାମାରୀ ସମୟରେ ଅନ୍‌ଲାଇନ୍ ଜରିଆରେ ଆମେ ଅନେକ ସ୍କୁଲ ଓ କଲେଜ ପିଲାମାନଙ୍କୁ ଶିକ୍ଷା ଯୋଗାଇ ପାରିଛୁ । ଏଥି ସହିତ ଟିଭି, ୟୁଟ୍ୟୁବ୍, ହ୍ୱାଟସ୍ ଆପ୍, ଜୁମ୍ ଆପ୍ ଜରିଆରେ ଆମେ ଅନ୍‌ଲାଇନ୍ ଶିକ୍ଷାକୁ ଅଧିକ ବ୍ୟାପକ କରିବାରେ ସକ୍ଷମ ହୋଇପାରିଛୁ । ତେବେ ମହାମାରୀ ପରବର୍ତ୍ତୀ ସମୟରେ ଆମକୁ ଅନେକ ଆହ୍ୱାନର ସାମ୍ନା କରିବାକୁ ପଡ଼ିବ । ଏହାକୁ ସଫଳ ମୁକାବିଲା କରିବା ପାଇଁ ଆମକୁ ଯୋଜନାବଦ୍ଧ ଭାବେ ନୂଆ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଆଇଟି ସଚିବ ଶ୍ରୀ ମନୋଜ କୁମାର ମିଶ୍ର, ଏସ୍‌ଟିପିଆଇ ଡିଜି ଡ. ଓମ୍‌କାର ରାୟ, ସିଆଇଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶାଶ୍ୱତ କୁମାର ପଣ୍ଡା ଏବଂ ଗୌରବ ଦାଶ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରିୟଦର୍ଶିନୀ ନାନୁ ପାଣ୍ଡେ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଶ୍ୱିନୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅରୂପା ତରଫରୁ ଫକିରପୁର ଏବଂ ବାରିଗାଁ କାଗଜ ମଣ୍ଡ ହସ୍ତଶିଳ୍ପୀ କାରିଗର ପରିବାରଙ୍କୁ କରୋନା ସହାୟତା ପ୍ରଦାନ

ଭୁବନେଶ୍ୱର,୧/୭ (ନି.ପ୍ର): ଅରୂପା (ଓଡ଼ିଶାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉତ୍ପାଦକ ସଂଘ) ଭୁବନେଶ୍ୱରଠାରେ ମୁଖ୍ୟ କାର୍ଯ୍ୟାଳୟ ରହି ଓଡ଼ିଶାର ୩୦ଟି ଜିଲ୍ଲାରେ ହସ୍ତଶିଳ୍ପ କାରିଗରମାନଙ୍କ ପାଇଁ କାର୍ଯ୍ୟ କରି ଆସୁଅଛି । ୧୯୯୦ ମସିହା ଠାରୁ ଓଡ଼ିଶାର ହସ୍ତଶିଳ୍ପ ଓ ବୁଣାକାରମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରି ଆସୁଅଛି । ହସ୍ତଶିଳ୍ପ ସାମଗ୍ରୀ ବିକ୍ରିବଟା ଠାରୁ ଆରମ୍ଭ କରି କୌଶଳ ବୃଦ୍ଧି, ନୂତନ ଡ଼ିଜାଇନ ପ୍ରସ୍ତୁତି, ବିଭିନ୍ନ ଜିଲ୍ଲାର ସଦର ମହକୁମାରେ ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜନ କରି, କରୋନା ସମୟରେ ହସ୍ତଶିଳ୍ପ ପରିବାର ଏବଂ ବୁଣାକାରଙ୍କ ପରିବାରଙ୍କୁ କରୋନା ସହାୟତା ପ୍ରଦାନ କରି ଆସୁଅଛି । ମହାମାରୀ କରୋନା ସମୟରେ କାରିଗରମାନେ କାମଧନ୍ଦା ହରାଇ ଦୁଃଖ ଓ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । ବିଶେଷକରି କାରିଗରମାନଙ୍କର ଜିନିଷପତ୍ର ବିକ୍ରିବଟା ନହେବା, ଉପଯୁକ୍ତ କଞ୍ଚାମାଲ ନ ମିଳିବା, ସରକାରୀ ସହାୟତା ନ ମିଳିବା ଏବଂ ବିଭିନ୍ନ ସ୍ଥାନରେ ହେଉଥିବା ପ୍ରଦର୍ଶନୀ ବନ୍ଦ ରହିବା ଫଳରେ କାରିଗରମାନଙ୍କର ଜୀବନ ଜୀବିକା ଠପ୍ ହୋଇଯାଇଛି । ଉକ୍ତ ଅସୁବିଧାକୁ ଦୃଷ୍ଟିରେ ରଖି ଅରୂପା ତରଫରୁ କେନ୍ଦୁଝର ଜିଲ୍ଲାର ଫକିରପୁର ଗ୍ରାମର ୧୦୦ଜଣ (ଶହେ) କାଗଜ ମଣ୍ଡ ମହିଳା ହସ୍ତଶିଳ୍ପ ପରିବାର ଏବଂ ଉକ୍ତ ଜିଲ୍ଲାର ବାରିଗାଁ ଗ୍ରାମର ୮୦ଜଣ (ଅଶୀ) ଜଣ ମହିଳା ହସ୍ତଶିଳ୍ପ ପରିବାରଙ୍କୁ କରୋନା ସହାୟତା ପ୍ରଦାନ କରାଯାଇଛି ।

## ରଶି ଲଗାଇ ଭଡାଟିଆଙ୍କ ଆତ୍ମହତ୍ୟା

ପାରାଦୀପ,୦୧/୦୭ (ନି.ପ୍ର): ଆଜି ୫(କ) ଜାତୀୟ ରାଜପଥର ସ୍ଥାନୀୟ ଇଫକୋ ଛକ ଠାରେ ଭଡାରେ ରହୁଥିବା ଜୈନିକ ବ୍ୟକ୍ତି ରଶି ଲଗାଇ ଆତ୍ମହତ୍ୟା କରିଥିବାର ପାରାଦୀପ ଆଦର୍ଶ ଥାନାରେ ଏତଲା ହୋଇଛି। ଏତଲାକାରୀ ସୁଦର୍ଶନ ନାୟକ ଦର୍ଶାଇଛନ୍ତି ଯେ ତାଙ୍କର ଇଫକୋ ଛକଠାରେ ଥିବା ଘରେ ୭/୮ ବର୍ଷ ହେବ ଭଡାରେ ରହୁଥିବା କୃତିବାସ ବାରିକ(୫୫) ନାମକ ବ୍ୟକ୍ତି ଆଜି ଘର ଭିତର ପଟୁ ବନ୍ଦ କରି ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବର ପାଇ ସେଠାରେ ପହଁଚି ଅନ୍ୟ ଜଣେ ଭଡାରେ ରହୁଥିବା ବ୍ୟକ୍ତିଙ୍କୁ ଡାକି ଝରକା ବାଟେ ଦେଖିବା ବେଳକୁ ତାଙ୍କ ମୃତ ଶରୀର ଝୁଲୁଥିଲା । ସେ ସଙ୍ଗେ ସଙ୍ଗେ ପାରାଦୀପ ଆଦର୍ଶ ଥାନାକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଁଚି ଶବଟିକୁ ଜବତ କରିବା ସହିତ ୧୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ମୃତ କୃତିବାସଙ୍କ ଘର କେନ୍ଦୁଝର ଅଂଚଳରେ ।

## ଓମାନ୍ ଓଡ଼ିଆ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୩.୮୨ ଲକ୍ଷ ଟଙ୍କା ଦାନ

ଭୁବନେଶ୍ୱର,୦୧/୦୭ (ନି.ପ୍ର): ଓମାନ୍ ଓଡ଼ିଆ ସଂଘ ତରଫରୁ ରାଜ୍ୟର କୋଭିଡ୍ ଲଢ଼େଇରେ ଯୋଗଦାନ ସ୍ୱରୂପ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୩.୮୨ ଲକ୍ଷ ଟଙ୍କା ଦାନ କରାଯାଇଛି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟ ଲୋକସେବା ଭବନରେ ସଂଘର କର୍ମକର୍ତ୍ତା ସଂପଦ କୁମାର ବଳ, ସଂଜିତ୍ କୁମାର ମହାନ୍ତି ଏବଂ ବିଦ୍ୟୁତଲତା ମହାନ୍ତିଙ୍କ ଠାରୁ ଏହି ରାଶିର ଚେକ୍ ଗ୍ରହଣ କରିଛନ୍ତି । ଚେକ୍ ପ୍ରଦାନ ସମୟରେ ଶ୍ରୀ ବଳ କହିଥିଲେ ଯେ ଓମାନରେ ରହୁଥିବା ଓଡ଼ିଆ ଭାଇଭଉଣୀମାନେ ରାଜ୍ୟର କୋଭିଡ୍ ଲଢ଼େଇରେ ସହଯୋଗ ସ୍ୱରୂପ ଏହି ରାଶି ନିଜ ନିଜ ପାଣ୍ଠିରୁ ସଂଗ୍ରହ କରିଛନ୍ତି । ଶ୍ରୀ ମହାନ୍ତି କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ କୋଭିଡ୍ ପରିଚାଳନା ଅନେକ ଉତମ ଉଦାହରଣ ସୃଷ୍ଟି କରିଛି । ସମୟୋଚିତ ପଦକ୍ଷେପ ଯୋଗୁ ରାଜ୍ୟରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣାଧିନ ଅଛି । ଜିଲ୍ଲାରେ କୋଭିଡ୍ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ହସ୍ପିଟାଲ୍ ପ୍ରତିଷ୍ଠା କରାଯାଇଛି । ଆଗାମୀ ଦିନରେ ଓଡ଼ିଶା କୋଭିଡ୍ ସଂଗ୍ରାମରେ ନିଶ୍ଚୟ ବିଜୟୀ ହେବ । ଏତାଦୃଶ ସହଯୋଗ ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଓମାନ ଓଡ଼ିଆ ସଂଘର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତାଙ୍କୁ ସାଧୁବାଦ ଜ୍ଞାପନ କରିବା ସହ ସଂଘର ଭବିଷ୍ୟତ ବିକାଶ କାମନା କରିଥିଲେ ।

# ପିଆଇବି ଓ ଆରଓବି ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ




ଭୁବନେଶ୍ୱର,୦୧/୦୭(ନି.ପ୍ର): ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମାତ୍ରା ହ୍ରାସ ସହିତ ଜଳବାୟୁ ପରିବର୍ତ୍ତନ ଜନିତ ବିପତିକୁ ଏଡ଼ାଇବା ପାଇଁ ବୃକ୍ଷରୋପଣ ନିତାନ୍ତ ଆବଶ୍ୟକ। ପରିବେଶ ସୁରକ୍ଷା, ଜଙ୍ଗଲର ଘନତ୍ୱ ବୃଦ୍ଧି ଏବଂ ଦୀର୍ଘସ୍ଥାୟୀ ପରିବେଶ ଅନୁକୂଳ ନୂତନ ଭାରତ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ନିରନ୍ତର ପଦକ୍ଷେପ ଗ୍ରହଣ କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ପକ୍ଷରୁ ଜୁଲାଇ ମାସର ପ୍ରଥମ ସପ୍ତାହ ଅର୍ଥାତ୍ ଗୁରୁବାର ଠାରୁ ଆଗାମୀ ଏକ ସପ୍ତାହବ୍ୟାପୀ ବନ ମହୋତ୍ସବ ସପ୍ତାହ ପାଳନ ଆରମ୍ଭ ହୋଇଛି। ଇତ୍ୟବସରରେ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟ (ଆରଓବି) ପକ୍ଷରୁ ଆଜି ଠାରୁ ବନ ମହୋତ୍ସବ ସପ୍ତାହ ପାଳନ ଆରମ୍ଭ କରାଯାଇଛି। ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟ ପରିସରରେ ସୂଚନା ପ୍ରସାରଣ ମନ୍ତ୍ରଣାଳୟର ଓଡ଼ିଶା କ୍ଷେତ୍ର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପୃଥିବୀକୁ ସବୁଜ, ସୁନ୍ଦର ତଥା ବାସୋପଯୋଗୀ ସ୍ଥାନ ରୂପେ ଗଢ଼ି ତୋଳିବା ପାଇଁ ବୃକ୍ଷରୋପଣ ଜରୁରି ବୋଲି ଶ୍ରୀ ଚୌଧୁରୀ କହିବା ସହିତ ଏହି ଅବସରରେ ସମସ୍ତଙ୍କୁ ଗଛ ଲଗାଇବା ନିମନ୍ତେ ଆହ୍ୱାନ କରିଥିଲେ। ବୃକ୍ଷରୋପଣ ମାଧ୍ୟମରେ ଜଙ୍ଗଲ ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ବନ ମହୋତ୍ସବ ସପ୍ତାହ ପାଳନର ଉଦ୍ଦେଶ୍ୟ ବୋଲି ସେ ମତପ୍ରକାଶ କରିଥିଲେ। ଏହି ଅବସରରେ ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ରଙ୍କ ସମେତ ପିଆଇବି ଓ ଆରଓବିର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରି ବୃକ୍ଷରୋପଣ କରିବା ସହିତ ପରିବେଶ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ।

## ଡକ୍ଟର୍ସ ଡେ' ରେ ଉତ୍କଳମଣି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ ହେଲେ ଭଦ୍ରକର ଦୁଇ ଡାକ୍ତର



ଭଦ୍ରକ,୦୧/୦୭ (ନି.ପ୍ର): ଆମ ସମାଜରେ ଡାକ୍ତରଙ୍କୁ ଦ୍ୱିତୀୟ ଈଶ୍ୱର କହନ୍ତି। କାହିଁକି ନା ମୃତ୍ୟୁମୁଖୀ ଅସହାୟ ବ୍ୟକ୍ତିଟିର ଜୀବନ ବଂଚାଇବା କ୍ଷେତ୍ରରେ ଏହି ମାନବରୂପୀ ଚିକିତ୍ସକ ହିଁ ଭଗବାନ ଭଳି କାର୍ଯ୍ୟ କରିଥାନ୍ତି। ଏଣୁ ଆଜିର ଦିନଟିକୁ ସମଗ୍ର ବିଶ୍ୱ ଡକ୍ଟର୍ସ ଡେ' ଭାବେ ପାଳନ କରିଆସୁଛି। ପ୍ରତିବର୍ଷ ଭଳି ଏହି ଦିବସ ଅବସରରେ ଭଦ୍ରକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳମଣି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଭଦ୍ରକରେ କରୋନା ଜନିତ ସ୍ୱାସ୍ଥ୍ୟସେବା ସହ ଗରିବ ଅସହାୟ ଲୋକଙ୍କ ପାଇଁ ଦ୍ୱିତୀୟ ଈଶ୍ୱର ଭୂମିକା ଗ୍ରହଣ କରିଥିବା ଦୁଇଜଣ ପ୍ରତିଷ୍ଠିତ ଡାକ୍ତର ଝସକେତନ ମହାନ୍ତି ଓ ଅଧର ନାୟକଙ୍କୁ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ର, ମିଡିଆ ସେଲ୍‌ର ଅଧ୍ୟକ୍ଷ ସାମ୍ବାଦିକ ପ୍ରମୋଦ ରାୟ, ସୁକାନ୍ତ ମହାନ୍ତି, ଅଭିରାମ ମିଶ୍ର ପ୍ରମୁଖ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ଚଳିତବର୍ଷର ସେବା ମୂର୍ତ୍ତି ଓ ସେବାଧର୍ମ ସମ୍ମାନରେ ସମ୍ମାନିତ କରିଛନ୍ତି। ତେବେ ଉତ୍କଳମଣି ଫାଉଣ୍ଡେସନର ଏଭଳି ମହତ୍ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ଦୁଇ ଡାକ୍ତର। ଏଣୁ ସେମାନେ ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଆଜି ସମଗ୍ର ବିଶ୍ୱ କରୋନା ଭଳି ମହାମାରୀ ବିରୁଦ୍ଧରେ ଲଢ଼ି ଆସୁଥିବାବେଳେ ଆମ ଦେଶରେ ଆଗଧାଡିର କରୋନା ଯୋଦ୍ଧା ଭାବେ ପରିଚିତ ୮୭୦ ଜଣ ଡାକ୍ତର ପ୍ରାଣବଳି ଦେଇଥିବାବେଳେ ସେମାନଙ୍କୁ ଏହିଭଳି ଭାବେ ଉତ୍ସାହିତ କରିପାରିଲେ, ସେମାନଙ୍କ ମନରେ ଶକ୍ତି ଓ ସାହସ ସଂଚୟ ହେବ ବୋଲି କହିଥିଲେ।

## ଚୋରି ସାମଗ୍ରୀ ଜବତ୍, ୨ ଚୋର ଗିରଫ

ଭଦ୍ରକ,୦୧/୦୭ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ସହୀଦନଗର ସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ଓ ସ୍ଥାନୀୟ ବିଦ୍ୟାଳୟରୁ ଗତ ମାସ ୨୭ତାରିଖ ରାତିରେ କେତେକ ଦୁର୍ବୃତ ମାନେ ଇନ୍‌ଭଟର ବ୍ୟାଟେରି, ପାଣିଟାଙ୍କି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାର ଧୂଷୁରୀ ଥାନାରେ ଅଭିଯୋଗପରେ ଥାନାଅଧିକାରୀ ପ୍ରଫୁଲ୍ଲ ସିଂଙ୍କ ନିର୍ଦ୍ଦେସ କ୍ରମେ ଏସ୍ଆଇ ମହାପ୍ରସାଦ କର ଉକ୍ତ ଘଟଣାର ତଦନ୍ତ କରିବା ସହିତ ସହିଦନଗର ଅଂଚଳର ରବିନ୍ଦ୍ର ଜେନା, ପିତା- ରମେଶ ଓ ନାରାୟଣ ମହାଲିକ ସମେତ ଅନ୍ୟ ୮ଜଣ ମିଶି ଉକ୍ତ ଚୋରି କରିଥିବାର ପୋଲିସ ଅନୁସନ୍ଧାନରୁ ଜଣାପଡ଼ିଥିଲା ଏବଂ ସେମାନଙ୍କ ମଧ୍ୟରୁ ଆଜି ରବିନ୍ଦ୍ର ଓ ନାରାୟଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଜବତ କରାଯାଇଥିଲା ଏବଂ ଅନ୍ୟ ୮ଜଣ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ କେସ ନଂ ୧୪୬/ ୨୧ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରିରହିଛି।

# ପିଲାଙ୍କ ପାଇଁ ପି.ସି.ଭି. ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ



ବାରିପଦା,୦୧/୦୭ (ନି.ପ୍ର): ଭାରତ ସରକାରଙ୍କ ନିୟମିତ ଟିକା କରଣ କାର୍ଯ୍ୟକ୍ରମରେ ଆଉ ଏକ ଟୀକା ପି.ସି.ଭି.କୁ ସାମିଲ କରା ଯାଇଛି । ଏହି ଟୀକା ପିଲାଙ୍କୁ ନିମକୋକସ ଜୀବାଣୁ ସହିତ ନିମୋନିଆ ଓ ମସ୍ତିଷ୍କ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିବ ବୋଲି ଜଣା ଯାଇଥିବା ବେଳେ, ଏହି ଟୀକା ସାରା ଦେଶରେ ନିୟମିତ ଟୀକା କରଣ କାର୍ଯ୍ୟକ୍ରମ ଅଧିନରେ ବିନାମୂଲ୍ୟରେ ପ୍ରଦାନ କରାଯିବ ବୋଲି ଜଣା ଯାଇଛି । ଏହି ଟୀକାକରଣର ପ୍ରଥମ ଡୋଜ ଦେଢମାସ ୨ୟ ଡୋଜ ସାଢେ ତିନିମାସ ଏବଂ ବୁଷ୍ଟର ଟୀକା ୯ମାସରେ ପ୍ରଦାନ କରାଯିବାକୁ ଥିବା ବେଳେ ଆଜି ମୟୂରଭଞ୍ଜ ଜିଲ୍ଲା ସ୍ତରରେ ବାରିପଦା ପିଆରଏମ ମେଡିକାଲ କଲେଜ ପରିସରରେ ଏହି ଟୀକା କରଣ କାର୍ଯ୍ୟକ୍ରମ ର ଶୁଭାରମ୍ଭ ହୋଇ ଯାଇଛି । ଏହି ଅବସର ରେ ମୁଖ୍ୟ ଅତିଥି ଭାବରେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦେଇ ଫିତା କାଟି ଟୀକାକରଣ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ପାଳ (ରାଜସ୍ୱ) ପ୍ରକାଶ ଚନ୍ଦ୍ର ବେହେରା, ପିଆରଏମ ମେଡିକାଲ କଲେଜର ଅଧ୍ୟକ୍ଷ ଡା ବୈକୁଣ୍ଠ ନାଥ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ ରୂପଭାନୁ ମିଶ୍ର, ଏଡିପିଏଚଓ ଏଫ.ଡବ୍ଲ୍ୟୁ. ଡାଃ ସୁନନ୍ଦା ମିଶ୍ର, ଡାଃ ଜ୍ଞାନ ରଂଜନ ମହାନ୍ତି, ଡାଃ ନିହାର ରଂଜନ ଦାଶ, ଡାଃ ଚାରୁବାଳା ରଥ, ହସପିଟାଲ ମେନେଜର ସମୀର ରଂଜନ ମହାପାତ୍ର, ଏଡିପିଏଚଓ ଭି.ବି.ଡି. ଡାଃ ବନମାଳି ପ୍ରଧାନ, ଡିପିଏମ ଏନଏଚଆରଏମ ପ୍ରମୁଖଙ୍କ ସହିତ ବହୁ ସ୍ୱାସ୍ଥ୍ୟ ବିଭାଗୀୟ କର୍ମଚାରୀ ଯୋଗ ଦେଇ ଟିକା କରଣ କାର୍ଯ୍ୟକ୍ରମ ରେ ସମସ୍ତେ ଯୋଗଦେଇ ନିଜନିଜର ପିଲାଙ୍କୁ ଧାର୍ଯ୍ୟ ସମୟରେ ଟୀକା କରଣ କରାଇ ନେଲେ ପିଲା ମାନେ ସୁରକ୍ଷିତ ରହିବେ ବୋଲି କହିଥିଲେ । ଏହି ଟୀକା କରଣ କାର୍ଯ୍ୟକ୍ରମ ରେ ଆଜି ବହୁ ମାଆ ସେମାନଙ୍କର ପିଲାଙ୍କୁ ଆଣି କେନ୍ଦ୍ରରେ ପ୍ରଥମ ଡୋଜ ଟୀକା ନେଉଥିବାର ଦେଖା ଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୫୦% କର୍ମଚାରୀଙ୍କୁ ନେଇ ଚାଲିବ....

ଜାରି ହୋଇଛି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟସଚିବ ସଞ୍ଜିବ ଚୋପ୍ରା ଜୁଲାଇ ୧ରୁ ୧୫ତାରିଖ ପର୍ଯ୍ୟନ୍ତ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। କଟକ ଓ ଭୁବନେଶ୍ୱରରେ ଥିବା ବିଭାଗୀୟ ଅଫିସ ଓ ବିଭାଗୀୟ ମୁଖ୍ୟ ଦପ୍ତରରେ କେଉଁ କର୍ମଚାରୀ ଅଫିସ୍ ଆସିବେ ତାହା ସମ୍ପୃକ୍ତ କାର୍ଯ୍ୟାଳୟର ମୁଖ୍ୟ ନିଷ୍ପତି ନେବେ। ସମ୍ପୂର୍ଣ୍ଣ ଟିକାକରଣ ହୋଇନଥିବା କର୍ମଚାରୀ ଓ ରୋଷ୍ଟର ଆଧାରରେ ଅଫିସ୍ ଆସିବା ନିଷ୍ପତି ସମ୍ପୃକ୍ତ କାର୍ଯ୍ୟାଳୟର ମୁଖ୍ୟ ନେବେ। ମାତ୍ର ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଅଫିସ୍ ଯଥା- ଏସଆରସି ଓ ଓସଡମା ଅଫିସ, ପୁଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟସେବା, ପୌର ସେବା ଆଦି କାର୍ଯ୍ୟାଳୟଗୁଡ଼ିକ ସମ୍ପୂର୍ଣ୍ଣ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବ। ଏହାବ୍ୟତୀତ ଯେଉଁ କର୍ମଚାରୀମାନଙ୍କୁ ରୋଷ୍ଟର ଡ୍ୟୁଟି ଆବଂଟନ ହୋଇନଥିବ ସେମାନେ ନିଶ୍ଚିତ ଭାବେ ଭିପିଏନ୍ ମାଧ୍ୟମରେ ଘରୁ ରହି ନିୟମିତ ଓ ବକେୟା ଅଫିସ୍ କାର୍ଯ୍ୟ କରିବ। ଯଦି କିଛି ଜରୁରୀ ପଡ଼େ ତା'ହେଲେ ଟେଲିଫୋନ୍ ମାଧ୍ୟମରେ ସବୁ ସମୟରେ ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଧସ୍ତନ ଅଫିସଗୁଡ଼ିକରେ କେତେ ସଂଖ୍ୟକ କର୍ମଚାରୀ କାର୍ଯ୍ୟ କରିବେ ସେ ନିଷ୍ପତି ସେମାନଙ୍କର ପ୍ରଶାସନିକ ବିଭାଗ କରିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

## ଡାକ୍ତର ଦିବସରେ ସାରା ଦେଶର ....

ଡାକ୍ତର ଦିବସରେ ବି ପ୍ରଧାନମନ୍ତ୍ରୀ ବିରୋଧୀଦଳ ମାନଙ୍କୁ ଟାର୍ଗେଟ କରିଛନ୍ତି । ସେ କହିଛନ୍ତି କି ଦୀର୍ଘ ୭୦ ବର୍ଷ ଧରି ଶାସନ କ୍ଷମତାରେ ଥିବା ଦଳ ଦେଶର ସ୍ୱାସ୍ଥ୍ୟସେବାକୁ କିଭଳି ଭାବେ ରଖିଥିଲା ତାହା ଦେଶବାସୀ ଜାଣିଛନ୍ତି । ପୂର୍ବ ସରକାର ସମୟରେ ସ୍ୱାସ୍ଥ୍ୟସେବାକୁ କେବେ ବି ଗୁରୁତ୍ୱ ଦିଆଯାଇ ନଥିଲା । ହେଲେ ତାଙ୍କ ସରକାର ମେଡିକାଲ ଭିତିଭୂମୀର ବିକାଶକୁ ପ୍ରାଥମିକତା ଦେଉଥିବା କଥା ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଜୁଲାଇ ୩୦ରୁ ମାଟ୍ରିକ୍ ଅଫଲାଇନ୍ ....

ଗତ ୨୫ ତାରିଖରେ ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଏଥର ୯୭.୮% ଛାତ୍ରଛାତ୍ରୀ ପାସ୍ କରିଥିଲେ। ମୋଟ ୫, ୭୪,୧୨୫ ପିଲାଙ୍କର ମୂଲ୍ୟାୟନ କରାଯାଇଥିଲା। ସେଥିରୁ ୫,୬୨, ୦୧୦ ଜଣ ପାସ୍ କରିଥିଲେ। ୭୭୦୩ ଛାତ୍ରଛାତ୍ରୀ ଫେଲ୍ ହୋଇଥିବା ବେଳେ ସେଥିରୁ ୪୪୧୨ ପିଲା ଅନୁପସ୍ଥିତ ରହିଥିଲେ। ତେବେ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କେତେକ ଛାତ୍ରଛାତ୍ରୀଙ୍କର ଆଶାଠାରୁ କମ୍ ମାର୍କ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ସମଗ୍ର ରାଜ୍ୟରେ ପ୍ରତିବାଦ କରିଥିଲେ ଛାତ୍ରଛାତ୍ରୀ ଓ ଅଭିଭାବକ।

## ନାବାଳକ ଚା' ଦୋକାନୀଙ୍କୁ ଗୋଇଠା....

ଯେ ଗତ ୨୯ ତାରିଖରେ ସହୀଦନଗର ଥାନା ଅନ୍ତର୍ଗତ କେସୁରା ଛକରେ ଏକ ଦୋକାନ ଖୋଲା ଥିବା ଦେଖି ପିସିଆର୍ ଆସିଥିଲା । ନବମ ଶ୍ରେଣୀରେ ପଢୁଥିବା ନାବାଳକ ଜଣଙ୍କୁ ପୋଲିସ କର୍ମଚାରୀ ଧମକାଇବା ସହ ବୁଥରେ ଥିବା କ୍ଷୀର ଓ ବ୍ରେଡ୍ ନେଇ ଯାଇଥିଲେ। ଏଥିସହ ନାବାଳକ ଜଣକୁ ଜଣେ ପୋଲିସ୍ କର୍ମଚାରୀ ଗୋଇଠା ପରେ ଗୋଇଠା ମାରି ଚାଲିଥିବାର ଭିଡିଓ ଫୁଟେଜ ସିସିଟିଭିରେ କଏଦ ହୋଇଥିଲା। ଏହି ମାମଲା ସାମ୍ନାକୁ ଆସିବା ପରେ ପୋଲିସ୍ କାର୍ଯ୍ୟାନୁଷ୍ଠାନ ନେଇଛି।

## ୟୁପି ନିର୍ବାଚନକୁ ନେଇ ସମାଜବାଦୀ....

କମ ସମୟ ରହିଛି । ହେଲେ ବିଧାନସଭା ନିର୍ବାଚନ ପୂର୍ବରୁ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସମାଜବାଦୀ ପାର୍ଟି ଭଲ ପ୍ରଦର୍ଶନ କରିଥିଲା । ଏଭଳି ପ୍ରଦର୍ଶନ ପରେ ଅଖିଳେଶ ଯାଦବ ଉତ୍ସାହିତ ଥିବା ଦେଖିବାକୁ ମିଳିଛି । ବୁଧବାର ଦିନ ଅଖିଳେଶ ଯାଦବ ଏକ ଟ୍ୱିଟ୍ ମାଧ୍ୟମରେ ବିଧାନସଭା ନିର୍ବାଚନକୁ ନେଇ ନୀତି ସ୍ପଷ୍ଟ କରିଛନ୍ତି । ସେ ଏବେକାର ସରକାର ଉପରେ ପ୍ରଶ୍ନ ଉଠାଇ କହିଥିଲେ କି ଆଜିର ହିଂସା ଉଦ୍ରେକକାରୀ, ରୂଢ଼ୀବାଦି ନକରାତ୍ମକ ରାଜନୀତି କରୁଥିବା କ୍ଷମତାଧାରୀଙ୍କ ବିରୋଧରେ ମହିଳା ଓ ଯୁବକଙ୍କ ମଧ୍ୟରେ ନୂଆ ରାଜନୀତି ଜନ୍ମ ନେଉଛି । ଏହାସହ ଆସନ୍ତା ବର୍ଷ ୟୁପିରେ ନିର୍ବାଚନ ନୁହେଁ ଲୋକତାନ୍ତ୍ରିକ କ୍ରାନ୍ତି ହେବ ବୋଲି ସେ କହିଥିଲେ ।

# ଇନ୍ଦ୍ରଧନୁ ମାର୍କେଟରେ ଥିବା ବିଶାଳ ମଲ୍ ସିଲ୍

ଭୁବନେଶ୍ୱର,୦୧/୦୭(ନି.ପ୍ର): କୋଭିଡ୍ ଗାଇଡ୍ ଲାଇନ୍ ଉଲ୍ଲଂଘନ ଅଭିଯୋଗରେ ଭୁବନେଶ୍ୱର ଇନ୍ଦ୍ରଧନୁ ମାର୍କେଟରେ ଥିବା ବିଶାଳ ମେଗାମାର୍ଟ ମଲ୍ ସିଲ୍ ହୋଇଛି। ବିଶାଲ୍ ମଲକୁ ବିଏମସିର ଏନଫୋର୍ସମେଂଟ ସ୍କ୍ୱାଡ୍ ସିଲ୍ କରିଛି । ଭୁବନେଶ୍ୱରରେ ଏନଫୋର୍ସମେଂଟକୁ ଅଧିକ କଡ଼ାକଡ଼ି କରିବ ବିଏମସି । ଏଥିପାଇଁ ଏନଫୋର୍ସମେଂଟ ସ୍କ୍ୱାଡ୍ ସଂଖ୍ୟା ବୃଦ୍ଧି କରାଯାଇଛି । ମାର୍କେଟ ବା ହାଟ ବଜାରକୁ ଯାନବାହନ ନେଇ ଯିବାକୁ ଅନୁମତି ଦିଆଯାଇନାହିଁ । ତଥାପି ଅଧିକାଂଶ ଲୋକ ଗାଡ଼ି ଧରି ମାର୍କେଟ୍ ଯାଉଛନ୍ତି । ଗାଇଡଲାଇନ୍ ଖିଲାପକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଅଧିକ ଜରିମାନା ଆଦାୟ ସହ ଯାନବାହନକୁ ଜବତ କରାଯିବ ବୋଲି କହିଛନ୍ତି ବିଏମସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ ।

# ନବ ନିଯୁକ୍ତ ୫୬ ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀଙ୍କୁ ସମ୍ବୋଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୧/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଜନା ଓ ସଂଯୋଜନ ବିଭାଗରେ ସଦ୍ୟନିଯୁକ୍ତ ୫୬ ଜଣ ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀଙ୍କ ଯୋଗଦାନ କାର୍ଯ୍ୟକ୍ରମରେ ସମ୍ବୋଧନ କରି କହିଛନ୍ତି ଯେ ସନ୍ତୁଳିତ ଆଂଚଳିକ ବିକାଶ ନିମନ୍ତେ ବିକାଶମୂଳକ ଯୋଜନାରେ ଗୋଷ୍ଠୀଗତ ସଂପୃକ୍ତି ଅତ୍ୟନ୍ତ ଆବଶ୍ୟକ । ମୁଖ୍ୟମନ୍ତ୍ରୀ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ତଥା ଉତମ ମାନବସମ୍ବଳ ବିକାଶ ମାନକଗୁଡ଼ିକ ନିମନ୍ତେ ପ୍ରମାଣ ଆଧାରିତ ଏବଂ ଲକ୍ଷ୍ୟସମ୍ବଳିତ ଯୋଜନା ପ୍ରଣୟନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀ ଯୁବ ଅଧିକାରୀମାନଙ୍କୁ ପ୍ରଶଂସା କରିବା ସହିତ ସେମାନଙ୍କୁ ସଦ୍ୟତମ ବୈଷୟିକ ଜ୍ଞାନ କୌଶଳ ବିକାଶ ଏବଂ ଜ୍ଞାନର ପରିସର ସଂପ୍ରସାରଣ ନିମନ୍ତେ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ସେମାନଙ୍କୁ ବୈଷୟିକ ଜ୍ଞାନକୌଶଳ, ଦଳଗତ କାର୍ଯ୍ୟ, ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଆଧାରିତ ରୂପାନ୍ତରଣ ସମ୍ବଳିତ ୫-'ଟି' ରଣନୀତି ଆପଣେଇବା ସହିତ ସଶକ୍ତ ଓଡ଼ିଶା ନିମନ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଅଂଶଗ୍ରହଣ କରିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-'ଟି') ଭି.କେ. ପାଣ୍ଡିଆନ୍ ଏହାର ସଂଚାଳନ କରିଥିଲେ ।

# କଟକଣା କୋହଳରେ ଚଳଚଞ୍ଚଳ ଗାଁ'ଠୁ ସହର

## ସବୁଠି ପରିଲକ୍ଷିତ ସତର୍କତା ଓ ସାବଧାନତା

ବାଲେଶ୍ୱର,୦୧/୦୭ (ନି.ପ୍ର): ଦୀର୍ଘ ଦୁଇମାସର ତାଲାବନ୍ଦ ଓ ସପ୍ତାହାନ୍ତ ବନ୍ଦ ପରେ ସୋମବାରଠାରୁ କଟକଣା ଆଂଶିକ କୋହଳ ହେବାକୁ ନେଇ ସବୁ ମହଲରେ ଆଶ୍ୱସ୍ତି ପରିଲକ୍ଷିତ ହୋଇଛି। ଚଳଚଞ୍ଚଳ ହୋଇ ଉଠିଛି ଗାଁ'ଠାରୁ ସହର ପର୍ଯ୍ୟନ୍ତ। କୋହଳ କଟକଣାରେ ଦୋକାନ ବଜାର ଖୋଲିବା ସମୟ ୧ଘଣ୍ଟା ବୃଦ୍ଧି ସାଙ୍ଗକୁ ପ୍ରାୟ ସମସ୍ତ ପ୍ରକାର ଦୋକାନ ଖୋଲାଯିବା ପରେ ସବୁବର୍ଗ ଲୋକଙ୍କଠାରେ ସକାରାତ୍ମକ ଭାବନା ଲକ୍ଷ୍ୟ କରାଯାଇଛି। ସକାଳଠାରୁ ସହର ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ଦୋକାନ ସାଙ୍ଗକୁ ଲୁଗାପଟା ଓ ଡ୍ରେସ ଦୋକାନ, ଗହଣା ଦୋକାନ, ରାସ୍ତାପାର୍ଶ୍ୱ ଉଠା ଦୋକାନୀ, ସେଲୁନ, ଚା'ଜଳଖିଆ ଦୋକାନ ଆଦି ଖୋଲାଯାଇଥିବା ଦେଖିବାକୁ ମିଳିଥିଲା। ଦୋକାନ ବଜାରରେ ସେତେଟା ଭିଡ଼ ପରିଲକ୍ଷିତ ହୋଇ ନଥିଲେ ବି ଲୋକେ ସତର୍କତା ଅବଲମ୍ବନ କରୁଥିଲେ। ସମସ୍ତେ ମୁହଁରେ ତୁଣ୍ଡି ବାନ୍ଧିବା ସହିତ ସାମାଜିକ ଦୂରତା ରକ୍ଷା କରୁଥିଲେ। ଏମିତିକି ନିୟମ ଭଙ୍ଗ କରୁଥିବା ଗ୍ରାହକଙ୍କୁ ଦୋକାନୀମାନେ ଚେତେଇ ଦେଉଥିଲେ। ତେବେ ଏହି କୋହଳ କଟକଣାରେ ଲୁଗା ଦୋକାନଗୁଡ଼ିକ ଖୋଲାଯିବା ଫଳରେ ବିବାହ ବ୍ରତରେ ଦେଖାଦେଇଥିବା ସମସ୍ୟାର ଆପାତତଃ ସମାଧାନ ହୋଇଗଲା ବୋଲି ଲୋକେ ମତ ଦେଇଛନ୍ତି। ଏହା ସତ୍ତ୍ୱେ ଲୋକଙ୍କୁ ଅଧିକ ସତର୍କ କରାଇବା ପାଇଁ ପୁଲିସ ପକ୍ଷରୁ ସ୍ଥାନେ ସ୍ଥାନେ ତୁଣ୍ଡି ଓ ଶିରସ୍ତ୍ରାଣ (ହେଲମେଟ) ଯାଞ୍ଚ କରାଯାଉଥିଲା। ଅମାନିଆଙ୍କୁ ରାସ୍ତାରେ ଅଟକାଇ ପୁଲିସ କୈଫିୟତ ତଲବ ସହ ଜରିମାନା ବି ଆଦାୟ କରିଥିଲେ। କୋଭିଡ କଟକଣାରେ ଆଂଶିକ କୋହଳ ହୋଇଥିଲେ ବି ଲୋକେ ବେଶ ସଚେତନତ ଥିବା ଦେଖାଯାଇଛି। ଅଯଥାରେ ଲୋକେ ଭିଡ଼କୁ ଯାଉ ନଥିଲେ। ରାସ୍ତା ପାର୍ଶ୍ୱ ଜଳଖିଆ ଦୋକାନୀମାନେ କାହାରିକୁ ଖାଇବାକୁ ଦେଉ ନଥିଲେ। ବରଂ ପାର୍ସଲ ବ୍ୟବସ୍ଥାରେ ସେମାନେ ଖାଇବା ଦ୍ରବ୍ୟ ବିକ୍ରି କରୁଥିଲେ। ତେବେ ଚା'ଦୋକାନରେ ଲୋକେ ସାମାଜିକ ଦୂରତା ରକ୍ଷା କରି ଚା' ପିଉଥିବା ଦେଖିବାକୁ ମିଳିଥିଲା। ମୋଟ ଉପରେ କହିବାକୁ ଗତ ଦୁଇମାସର ତାଲାବନ୍ଦ ଯୋଗୁଁ ସାଧାରଣ ଲୋକେ ଜୀବିକା ହରାଇଥିବା ବେଳେ କ୍ରୟଶକ୍ତି ମଧ୍ୟ ହ୍ରାସ ପାଇଛି। ଫଳରେ ବଜାରରେ ଗ୍ରାହକଙ୍କ ସେତେଟା ଭିଡ଼ ନଥିଲା। ତେବେ କୋହଳ ତାଲାବନ୍ଦ କଟକଣା ଯୋଗୁଁ ଜନ ଜୀବନ ଧୀରେ ଧୀରେ ସ୍ୱାଭାବିକ ହେବା ନେଇ ବିଭିନ୍ନ ମହଲରୁ ଆଶା ପ୍ରକାଶ ପାଇଛି।

# ପ୍ରଶାସନିକ ଅଧିକାରୀଙ୍କ କୋର୍ଟରେ ଏକତରଫା ବିଚାର ପ୍ରକ୍ରିୟାକୁ ନେଇ ଅସନ୍ତୋଷ

## କୋଭିଡ କାଳ ଶୁଣାଣିରେ ଉଭୟ ପକ୍ଷକୁ ସୁଯୋଗ ପ୍ରଦାନ ଦାବି

ବାଲେଶ୍ୱର,୦୧/୦୭ (ନି.ପ୍ର): କୋଭିଡ କଟକଣା ଜାରି ରହିଥିବା ବେଳେ ଜିଲାପାଳଙ୍କ ସମେତ ଜିଲାରେ ନ୍ୟାୟିକ କ୍ଷମତାଧାରୀ ଅଧିକାରୀମାନେ ବିଭିନ୍ନ ମାମଲାର ଏକତରଫା ଫଇସଲା କରିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ବାଲେଶ୍ୱର ଜିଲା ଓକିଲ ସଂଘ। ସଂଗଠନର ସଭାପତି ମନୋଜ କୁମାର ନାୟକ ଓ ସମ୍ପାଦକ ସମ୍ବିତ କୁମାର ନନ୍ଦୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ଜିଲାପାଳଙ୍କୁ ସାକ୍ଷାତ ସହ ଏଭଳି ପଦକ୍ଷେପକୁ ନେଇ ଆପତ୍ତି ଉଠାଇଥିଲେ। କରୋନା କଟକଣାରେ ଦୀର୍ଘ ବର୍ଷେରୁ ଉର୍ଦ୍ଧ୍ୱ କାଳ ବିଚାର ବିଭାଗ ଆଂଶିକ କାର୍ଯ୍ୟକ୍ଷମ ଥିବା ବେଳେ ରାଜ୍ୟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ କେବଳ ଜାମିନ, ରିମାଣ୍ଡ, ହାଜର ଓ ଜମିଜମା ସଂକ୍ରାନ୍ତ ପ୍ରଭୃତି ମାମଲାର ଶୁଣାଣି ସତର୍କତାର ସହ କରାଯାଉଛି। ଏନେଇ ଜିଲାର ସମସ୍ତ କୋର୍ଟ ସକାଳ ସାଢ଼େ ଦଶଟାରୁ ଅପରାହ୍ଣ ଦେଢ଼ଟା ପର୍ଯ୍ୟନ୍ତ ଶୁଣାଣି ପାଇଁ ଉଚ୍ଚ ନ୍ୟାୟାଳୟ ସମୟ ଧାର୍ଯ୍ୟ କରିଛନ୍ତି। ପକ୍ଷ ବା ପ୍ରତିପକ୍ଷ ହାଜର ହୁଅନ୍ତୁ ଅବା ନହୁଅନ୍ତୁ, ପ୍ରାୟ ୯୭ ପ୍ରତିଶତ ମାମଲାର ତାରିଖ କରି ଦିଆଯାଉଛି। ମାତ୍ର ଜିଲା ପ୍ରଶାସନ ଅନ୍ତର୍ଗତ ନ୍ୟାୟିକ କ୍ଷମତା ପରିଚାଳନା କରୁଥିବା ଅଧିକାରୀମାନେ ଏଥିରେ ବ୍ୟତିକ୍ରମ କରି ଚାଲିଛନ୍ତି ବୋଲି ସଂଘର ସଭାପତି ଶ୍ରୀ ନାୟକ କହିଛନ୍ତି। ଜିଲା ମାଜିଷ୍ଟ୍ରେଟଙ୍କ ଅଦାଲତରେ ନିର୍ଦ୍ଧାରିତ ସମୟ ବାଦ ବିଭିନ୍ନ ମାମଲାର ଶୁଣାଣି କରିବା ଆଦୌ ନ୍ୟାୟସଙ୍ଗତ ନୁହେଁ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ତାଲାବନ୍ଦ ଓ ସପ୍ତାହାନ୍ତ ବନ୍ଦ ଭଳି କଟକଣାରେ ଯାତାୟତ ବ୍ୟବସ୍ଥା ନଥିବା ଯୋଗୁଁ ଆଇନଜୀବୀ ବା ପକ୍ଷମାନେ ଅଦାଲତକୁ ଆସି ପାରୁନାହାନ୍ତି। ଅନ୍ୟପକ୍ଷରେ ଇତିମଧ୍ୟରେ କରୋନା ଆକ୍ରାନ୍ତରେ ଆଇନଜୀବୀଙ୍କ ସମେତ ବହୁ ପକ୍ଷ ମୃତ୍ୟୁବରଣ କରିଥିବା ବେଳେ ନିଜର ସୁରକ୍ଷା ଦୃଷ୍ଟିରୁ ଅନେକେ ସରକାରଙ୍କ କୋଭିଡ ନିୟମମାନି ବାହାରକୁ ବାହାରୁ ନାହାନ୍ତି । ଏଭଳି ସ୍ଥିତିରେ କୌଣସି ମାମଲାର ସମସ୍ତ ପକ୍ଷଙ୍କୁ ଶୁଣାଣିରେ ଅଂଶଗ୍ରହଣର ସୁଯୋଗ ନ ଦେଇ ଏକତରଫା ଫଇସଲା କରିବା ନ୍ୟାୟିକ ବ୍ୟବସ୍ଥାର ପରିପନ୍ଥୀ ବୋଲି ସଂଘର କର୍ମକର୍ତ୍ତାମାନେ ଆରୋପ ଉଠାଇଥିଲେ । ସଂଘର କାର୍ଯ୍ୟକାରିଣୀ କମିଟିର ନିଷ୍ପତ୍ତି କ୍ରମେ ଏକତରଫା ଶୁଣାଣି ସ୍ଥଗିତ ରଖିବା ପାଇଁ ପୂର୍ବରୁ ଏକାଧିକ ଥର ଜିଲାପାଳଙ୍କୁ ଅବଗତ କରାଯାଇଥିବା ସତ୍ତ୍ୱେ ପୂର୍ବବତ ବହୁ ଏକତରଫା ଫଇସଲା କରାଯାଇଛି ବୋଲି ସଂଘର କର୍ମକର୍ତ୍ତାମାନେ କହିଛନ୍ତି। ପ୍ରତ୍ୟେକ ମାମଲାର ଶୁଣାଣିରେ ସମସ୍ତ ପକ୍ଷଙ୍କୁ ଅଂଶଗ୍ରହଣର ସୁଯୋଗ ଦେବାକ ସେମାନେ ଦାବି କରିଛନ୍ତି। ଏନେଇ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ବାର ଆସୋସିଏସନର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଚିତ୍ରକଳା ପ୍ରଦର୍ଶନୀ ଲାଇଫ୍ ଅଫ୍ ଦି ଜଙ୍ଗଲ' ପ୍ରକୃତି କୋଳରେ ନିଆରା ଜଙ୍ଗଲ ଉତ୍ସବ

ଭୁବନେଶ୍ୱର,୦୧/୦୭ (ନି.ପ୍ର): ବୟସ ମାତ୍ର ୭। ସମ୍ପ୍ରତି ଜଙ୍ଗଲ କ୍ଷୟକୁ ନେଇ ୭ବର୍ଷର ବାଳକ ଶାନ୍ତନୁ ଶାନ୍ତିସ୍ୱରୂପ ଚିନ୍ତାପ୍ରକଟ କରିଛନ୍ତି। ବନମହୋତ୍ସବ ସପ୍ତାହ ପାଳନର ପ୍ରଥମ ଦିବସରେ ମନର କଥାକୁ ରଙ୍ଗ, ତୂଳୀରେ ପ୍ରକୃତି କୋଳରେ ଜଙ୍ଗଲ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରି ଜନସଚେତନତା ଉଦ୍ଦେଶ୍ୟରେ ବାର୍ତ୍ତା ଦେବା ପାଇଁ ସେ ପ୍ରୟାସ କରିଛନ୍ତି। ବଣ, ପାହାଡ଼, ଝରଣା, ବୃକ୍ଷ, ଲତା, ଜୀବଜନ୍ତୁ ଇତ୍ୟାଦି ହେଉଛି ଜଙ୍ଗଲର ଜୀବନ। ଏଣୁ ଏ ସବୁର ସୁରକ୍ଷା ନିତାନ୍ତ ଜରୁରୀ। ଜଙ୍ଗଲର ବିଭିନ୍ନ ପ୍ରାକୃତିକ ମନୋରମ ଦୃଶ୍ୟକୁ ନିଖୁଣ ରୂପେ ଆଙ୍କି ଲୋକଙ୍କ ମନ ଜିଣିପାରିଛନ୍ତି କୁନି ବାଳକ ଶାନ୍ତନୁ। ବନମହୋତ୍ସବ ଦିବସ ଅବସରରେ ଚିତ୍ରକଳା ଗୁଡ଼ିକୁ ଗ୍ରୀନ୍‌ୱାଲ୍‌ରେ ସେ ପ୍ରଦର୍ଶିତ କରିଛନ୍ତି। ପ୍ରଦର୍ଶନୀର ନାମ ରହିଛି 'ଲାଇଫ୍ ଅଫ୍ ଦି ଜଙ୍ଗଲ'। ପ୍ରତ୍ୟେକ ଚିତ୍ରରେ ରହିଛି ମନଛୁଆଁ ସ୍ଲୋଗାନ୍। ଯଥା-ଆଇ ଲଭ୍ ଫରେଷ୍ଟ, ଡୁ ୟୁ, କିଙ୍ଗ୍ ଅଫ୍ ଦି ଜଙ୍ଗଲ, ଫରେଷ୍ଟ ଫର୍ ଅଲ୍, ସେଭ୍ ଫରେଷ୍ଟସ୍ ଫର୍ ଇୟୋର କିଡ୍‌ସ, ନେଚର ଇଜ୍ ଦି ବେଷ୍ଟ ଟିଚର, ଫରେଷ୍ଟ ହେଲ୍‌ପ ଅସ୍ ବ୍ରିଥ୍, ଷ୍ଟାଣ୍ଡ ଫର୍ ଫରେଷ୍ଟସ୍ ଇତ୍ୟାଦି। ଓଡ଼ିଶା ଲଳିତକଳା ଏକାଡ଼େମୀର ସଚିବ ପଂଚାନନ ସାମଲ ପ୍ରଦର୍ଶନୀଟିକୁ ଆନୁଷ୍ଠାନିକ ରୂପେ ଡ଼ିଜିଟାଲ ମିଡ଼ିଆରେ ଉଦ୍‌ଘାଟନ କରିବା ସହ ଶାନ୍ତନୁଙ୍କ ଚିତ୍ରକଳା ଗୁଡ଼ିକ ବେଶ୍ ଉଚ୍ଚକୋଟୀର, ପରିବେଶଧର୍ମୀ ଓ ସମୟୋପଯୋଗୀ ବୋଲି କହିଛନ୍ତି। ଜଙ୍ଗଲ ସୁରକ୍ଷା ଦିଗରେ ଜନସଚେତନତା ସୃଷ୍ଟି ପାଇଁ ଚିତ୍ରକଳା ଗୁଡ଼ିକ ବେଶ୍ ସହାୟକ ହୋଇପାରିବ ବୋଲି ସେ ଆଶାପ୍ରକଟ କରିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ରେ ରହୁଛନ୍ତି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ। ପିତାଙ୍କ ବିଭିନ୍ନ ପରିବେଶ ସୁରକ୍ଷା କାର୍ଯ୍ୟକୁ ଅନୁସରଣ କରି ଏବେ ସେ ପରିବେଶ ସୁରକ୍ଷା ପାଇଁ ଯୋଡ଼ି ହୋଇଯାଇଛନ୍ତି। ଦୈନନ୍ଦିନ ପାଠପଢ଼ା ସହ ପରିବେଶ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଚିତ୍ର ଆଙ୍କିଥାନ୍ତି ବୋଲି ଶାନ୍ତନୁ ପ୍ରକାଶ କରିଛନ୍ତି।

# ରବିଧାନ ସଂଗ୍ରହ ଅବଧି ଆଉ ୧୫ ଦିନ ବୃଦ୍ଧି ଦାବି
## 'କିଷାନ କଂଗ୍ରେସ'ପକ୍ଷରୁ ଯୋଗାଣ ବିଭାଗ ଆଗରେ ଧାରଣା



ବାଲେଶ୍ୱର,୦୧/୦୭ (ନି.ପ୍ର): ବାଲେଶ୍ୱର ଜିଲାର ରବିଧାନ କ୍ରୟରେ ହୋଇଥିବା ବ୍ୟାପକ ଅବ୍ୟବସ୍ଥାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଇଥିବା ବେଳେ ଧାନକିଣା ଅବଧି ଆଉ ୧୫ ଦିନ ବୃଦ୍ଧି ଦାବିରେ କିଷାନ କଂଗ୍ରେସ ପକ୍ଷରୁ ଗୁରୁବାର ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲା କିଷାନ କଂଗ୍ରେସର ସଭାପତି ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ସଂଗଠନର ବହୁ ସଦସ୍ୟ ଏହି ଧାରଣାରେ ସାମିଲ ହେବା ସହ ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାଯିବା ପାଇଁ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ଅବଧି ବୃଦ୍ଧି ନିମନ୍ତେ ଦାବି କରିଥିଲେ। ଚାଷର ଉନ୍ନତି ଓ ଚାଷୀଙ୍କ ବିକାଶକୁ ନେଇ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଚୁପ ରହିବା କେଉଁ ନ୍ୟାୟର ବୋଲି ଶ୍ରୀ ବେହେରା ପ୍ରଶ୍ନ କରିଛନ୍ତି। ଜୁନ ୩୦ ତାରିଖରେ ଧାନକିଣା ଅବଧି ଶେଷ ହୋଇଥିବା ବେଳେ ଅଦ୍ୟାବଧି ଜିଲାର ସାଢ଼େ ୫ ହଜାର ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ସମସ୍ତ ପଞ୍ଜୀକୃତ ଚାଷୀଙ୍କ ଧାନ କ୍ରୟ ପାଇଁ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ଧାନ ସଂଗ୍ରହ ବୃଦ୍ଧି ପାଇଁ ସଂଗଠନ ପକ୍ଷରୁ ଦାବି ହୋଇଛି। ଏଥି ସହିତ ଚାଷୀଙ୍କ ଟୋକେନ ଅବଧି ୧୨ ଦିନ ପରିବର୍ତ୍ତେ ପୂର୍ବବତ ୩୦ଦିନ କରିବା, ମିଆଦ ଶେଷ ହୋଇଥିବା ଟୋକେନକୁ ପୁନଃ କାର୍ଯ୍ୟକ୍ଷମ କରିବା, ପଞ୍ଜିକୃତ ଚାଷୀଙ୍କ ସମସ୍ତ ଧାନ ଯୁଦ୍ଧକାଳୀନ ଭିତିରେ କ୍ରୟ କରିବା, ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ମଣ୍ଡିକୁ ଟାର୍ଗେଟ ପ୍ରଦାନ, ଭୁବନେଶ୍ୱର ପରିବର୍ତ୍ତେ ଜିଲା ଯୋଗାଣ ବିଭାଗରୁ ଟୋକେନ ଇସ୍ୟୁ କରିବା, ମଲର୍ସ ଓ ସମବାୟ ସମିତିର ମିଳିତ ସହଯୋଗରେ ଚାଲିଥିବା କଟନି ଛଟନି ଉପରେ ଅଙ୍କୁଶ ଲାଗାଇବା, ଅନ୍ୟ ରାଜ୍ୟ ଭଳି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ଟଙ୍କାକୁ ବୃଦ୍ଧି ପାଇଁ ଜିଲା କଷାନ କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା ବିଶ୍ୱନାଥ ଦାସ, ସୁଶାନ୍ତ ପଣ୍ଡା, ବିଦ୍ୟାଧର ମହାନ୍ତି, ପ୍ରଦୀପ ବେହେରା, କହ୍ନେଇ ଚରଣ ବେହେରା, ହେମନ୍ତ ଗିରି, ଲକ୍ଷ୍ମୀଧର ଗିରି, ଜୟନ୍ତ ମହାପାତ୍ର, ନରେନ୍ଦ୍ର ଦାସ, ବେଣୁଧର ବାରିକ ପ୍ରମୁଖ ଏହି ଧାରଣାରେ ସାମିଲ ହୋଇଥିଲେ।।

## ଆଇଏଏସ ଅନ୍ୟା ଦାସ ବାରିପଦା ଉପଜିଲ୍ଲାପାଳ ଦାୟିତ୍ୱ ନେଲେ

ବାରିପଦା,୦୧/୦୭ (ନି.ପ୍ର): ବାରିପଦା ଉପଜିଲ୍ଲାପାଳ ଭାବେ ଆଇଏଏସ ଅନ୍ୟା ଦାସଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିବା ପି. ଅନ୍ୱେଷା ରେଡ୍ଡିଙ୍କୁ ମୟୁରଭଞ୍ଜ ପିଡ଼ି ଡିଆରଡିଏ ଭାବେ ନିଯୁକ୍ତି ଦିଆଯାଇଛି । ଉପଜିଲ୍ଲାପାଳ ନିଯୁକ୍ତି ପାଇଥିବା ଅନ୍ୟା ଦାସ ଜଗତସିଂପୁର ଜିଲ୍ଲାର ହୋଇଥିବା ବେଳେ ସେ ୨୦୧୯ ଆଇଏଏସ ପରୀକ୍ଷାରେ ଶ୍ରେଷ୍ଠ ୧୦୦ ଜଣଙ୍କ ମଧ୍ୟରୁ ଜଣେମାତ୍ର ଓଡ଼ିଆ ଭାବେ ୬୦ ତମ ସ୍ଥାନ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଥିଲେ । ତେବେ ମଙ୍ଗଳବାର ଅପରାହ୍ନରେ ସେ ବାରିପଦା ଉପଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ଜଣା ଯାଇଛି । ନୂତନ ଉପଜିଲ୍ଲାପାଳଙ୍କ କାର୍ଯ୍ୟରେ ଯୋଗଦାନ ପରେ ବାରିପଦାରେ ଜବରଦଖଲ ଉଚ୍ଛେଦ, ଦେବତୋର ପରିଚାଳନା ଭଳି ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତ୍ୱରାନ୍ୱିତ କରିବେ ବୋଲି ବାରିପଦା ବାସୀ ଆଶା କରୁଥିବାର ଜଣାଯାଇଛି ।

# କୋଭିଡ କାର୍ଯ୍ୟ କରି ବର୍ଷେ ଧରି ମିଳୁନି ପାଉଣା
## ଫେରାଦ ହେଲେ ବସ୍ତା ଅଞ୍ଚଳର ୧୯ ଗ୍ରାମରକ୍ଷୀ



ବାଲେଶ୍ୱର,୦୧/୦୭ (ନି.ପ୍ର): ପ୍ରଥମ ଲହର କରୋନା କାଳରେ କୋଭିଡ ଯତ୍ନ କେନ୍ଦ୍ରରେ ଦୁଇମାସ କାର୍ଯ୍ୟ କରି ପାରିଶ୍ରମିକ ପାଇ ନଥିବା ବସ୍ତା ଅଞ୍ଚଳର ଗ୍ରାମରକ୍ଷୀମାନେ ଗୁରୁବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ୨୦୨୦ ମସିହାରେ ରାଜ୍ୟରେ କୋଭିଡ ସଂକ୍ରମଣ ବଢ଼ିବା ଯୋଗୁଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ଜିଲାର କୋଭିଡ ଯତ୍ନ କେନ୍ଦ୍ରରେ ଗ୍ରାମରକ୍ଷୀଙ୍କୁ ଅସ୍ଥାୟୀ ନିଯୁକ୍ତି ଦିଆଯାଇଥିଲା। ସେମାନଙ୍କ ଭତ୍ତା ବାବଦୀୟ ଖର୍ଚ୍ଚ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ବହନ କରିବା ପାଇଁ ପ୍ରତ୍ୟେକ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଥିଲାଗ । ଏଥିପାଇଁ ଆବଶ୍ୟକୀୟ ଖର୍ଚ୍ଚର ସୀମା ମଧ ଚିଠିରେ ଉଲ୍ଲେଖ କରାଯାଇଥିଲା । ସେହିକ୍ରମରେ ବସ୍ତା ଥାନାରେ କାର୍ଯ୍ୟରତ ୧୯ଜଣ ଗ୍ରାମରକ୍ଷୀଙ୍କୁ କୋଭିଡ କେନ୍ଦ୍ରମାନଙ୍କରେ ନିୟୋଜିତ କରାଯାଇଥିଲା । ସମ୍ପୃକ୍ତ ଗ୍ରାମରକ୍ଷୀମାନେ ୨୦୨୦ ମସିହା ମେ ୧୫ରୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ କୋଭିଡ ଯତ୍ନ କେନ୍ଦ୍ରରେ କାର୍ଯ୍ୟ କରିଥିଲେ। କାର୍ଯ୍ୟ ସମ୍ପାଦନକୁ ବର୍ଷେ ପୂରିବାକୁ ବସିଥିଲେ ବି ସେମାନଙ୍କୁ ପାରିଶ୍ରମିକ ପ୍ରଦାନ ନେଇ ବସ୍ତା ବ୍ଲକ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ବ୍ଲକ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି କ୍ରମଶଃ ଅସହ୍ୟ ହେବାରେ ଲାଗିଛି ବୋଲି ଗ୍ରାମରକ୍ଷୀମାନେ କହିଛନ୍ତି । ସେମାନଙ୍କ ପାରିଶ୍ରମିକ ସମ୍ପର୍କରେ ବସ୍ତା ଥାନା ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ବାରମ୍ବାର ଚିଠି ପ୍ରଦାନ ସତ୍ତ୍ୱେ ଅଦ୍ୟାବଧି ପ୍ରାପ୍ୟ ପ୍ରଦାନ କରାଯାଇ ନାହିଁ। ଏପରିକି ଗ୍ରାମରକ୍ଷୀମାନେ ବାରମ୍ବାର ଗୋଷ୍ଠୀ କାର୍ଯ୍ୟାଳୟ ଦୌଡ଼ିବା ସହିତ ଅଧିକାରୀଙ୍କୁ ସାକ୍ଷାତ କଲା ପରେ ମଧ୍ୟ କୌଣସି ବ୍ୟବସ୍ଥା କରାଯାଇ ନଥିବା ସେମାନେ ଆରୋପ ଉଠାଇଛନ୍ତି। ଗ୍ରାମରକ୍ଷୀମାନେ ଅତି ସ୍ୱଳ୍ପ ଭତ୍ତାରେ ବର୍ଷ ବର୍ଷ ଧରି ଥାନା ଅଞ୍ଚଳରେ ସେବାଂ ଯୋଗାଇ ଦେଇଆସୁଥିବା ବେଳେ ଥାନା ବାହାର କାର୍ଯ୍ୟରେ ନିୟୋଜିତ ହୋଇ ପାରିଶ୍ରମିକ ନ ପାଇବା କେଉଁ ନ୍ୟାୟରେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ତୁରନ୍ତ ପାଉଣା ପ୍ରଦାନ ପାଇଁ ସେମାନେ ଜିଲାପାଳଙ୍କୁ ଗୁହାରୀ କରିଛନ୍ତି। ଏ ନେଇ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ କିଶୋର କୁମାର ଜେନା, ଶେଖ ଉସମାନ, ଅଲିମ ଖାନ, ହରିହର ସାମଲ, ଦେବେନ୍ଦ୍ର କୁମାର ସେଠୀ ପ୍ରମୁଖ ଗ୍ରାମରକ୍ଷୀମାନେ ଉପସ୍ଥିତ ଥିଲେ।

## ରାଜଧାନୀରେ ୨୪ ଘଂଟାରେ ୩୪୧ ପଜିଟିଭ୍

ଭୁବନେଶ୍ୱର,୦୧/୦୭(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଗୁରୁବାର ଦିନ ଆଉ ୩୪୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୫୯ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ୨୮୨ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୩୬୩ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୨୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖଣ୍ଡଗିରି ଓ ପାତ୍ରପଡାରୁ ୧୫ ଜଣ ଲେଖାଏଁ , ଆଇଆରସି ଭିଲେଜରୁ ୧୧ ଜଣ ,ମଂଚେଶ୍ୱରରୁ ୧୦ ଜଣ, ନୟାପଲ୍ଲୀ , ୟୁନିଟ୍ ୬ ଓ ସାମନ୍ତରାପୁରରୁ ୯ ଜଣ ଲେଖାଏଁ, ବରମୁଣ୍ଡା, ରସୁଲଗଡ ଓ ଶୈଳଶ୍ରୀବିହାରରୁ ୮ ଜଣ ଲେଖାଏଁ, ଡୁମଡୁମା, ୟୁନିଟ୍ ୯ ଓ ଟଙ୍କାପାଣିରୋଡ୍ ରୁ ୬ ଜଣ ଲେଖାଏଁ , ଭିଏସଏସ୍ ନଗର,ସତ୍ୟନଗର, ବଡଗଡ, ପଳାଶୁଣୀ ଓ କଳିଙ୍ଗନଗରରୁ ୫ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି।

## ଗୋରାମାଟି ସରପଞ୍ଚଙ୍କୁ ଗିରଫ ଦାବିରେ ବିଜେପି ପ୍ରତିନିଧି ଭେଟିଲେ ଏସପିଙ୍କୁ



ଭଦ୍ରକ,୦୧/୦୭ (ନି.ପ୍ର): ଗୋରମାଟି ସରପଞ୍ଚ ଓ ତାଙ୍କ ସହଯୋଗୀ ମାନଙ୍କ ଦ୍ୱାରା ପଞ୍ଚାୟତ ଅଫିସରେ ଦୁଇ ଭାଇଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣାରେ ସଂପୃକ୍ତ ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଭଦ୍ରକ ଏସ୍‌ପିଙ୍କୁ ଆଜି ବିଜେପିର ଏକ ପ୍ରତିନିଧି ଦଳ ଭେଟି ଦାବି ଜଣାଇଛନ୍ତି। ଖୁବ୍ ଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଏସପି ଚରଣସିଂ ମୀନା ଏହି ପ୍ରତିନିଧି ଦଳଙ୍କୁ କହିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଲାଞ୍ଚ ନ ଦେବାରୁ ସରପଞ୍ଚଙ୍କ ଦ୍ୱାରା ଦୁଇଭାଇଙ୍କୁ ମାଡ ମରାଯିବା ଘଟଣାରେ ଆକ୍ରମଣରେ ଶିକାର ହୋଇଥିବା ପରିବାରକୁ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନସ୍ମିତା ଖୁଣ୍ଟିଆ ତାଙ୍କୁ ନିଜ ଗ୍ରାମରେ ଯାଇ ଭେଟି ଗ୍ରାମବାସୀ ମାନଙ୍କ ସହିତ ଏ ବିଷୟରେ ଆଲୋଚନା କରିବା ସହିତ ସାବରଙ୍ଗ ଥାନାରେ ଥାନା ଅଧିକାରୀଣୀଙ୍କୁ ଭେଟି ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ଏଥି ପୂର୍ବରୁ ଦୁଇଭାଇ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ଶ୍ରୀମତୀ ଖୁଣ୍ଟିଆ ତାଙ୍କୁ ମେଡିକାଲରେ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଆଜି ଶ୍ରୀମତୀ ଖୁଣ୍ଟିଆଙ୍କ ସମେତ ଜିଲ୍ଲା ସଭାପତି ହେମନ୍ତ ପାଢ଼ୀ, ମଣ୍ଡଳ ସଭାପତି ଉତ୍ତମ ପାତ୍ର,ମାନଗୋବିନ୍ଦ ନାୟକ ପ୍ରମୁଖ ଏସପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ।

## ବସ କର୍ମଚାରୀଙ୍କୁ ରେସନ ଓ ଆର୍ଥିକ ସହାୟତା ପାଇଁ ବସ ମାଲିକ ସଂଘର ଦାବି



ବାରିପଦା,୦୧/୦୭ (ନି.ପ୍ର): କୋଭିଡ -୧୯ ମହାମାରୀ ସଙ୍କଟ ଜନୀତ ଲକଡାଉନ ଘୋଷଣା ହେତୁ ସମସ୍ତ ଯାତ୍ରୀ ପରିବହନ ସେବା ଅଟକି ରହିଛି । କୌଣସି କାମ ନଥିବାରୁ ସଂପୃକ୍ତ ବସ ଗୁଡିକର କର୍ମଚାରୀ ମାନେ ପରିବାର ଚଳାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ କୌଣସି ସରକାରୀ ବା ବେସରକାରୀ ସଂସ୍ଥାରୁ କୌଣସି ସହାୟତା ଯୋଗାଇ ଦିଆଯାଉ ନାହିଁ ଏବଂ ଦିନକୁ ଦିନ ସେମାନଙ୍କ ଅବସ୍ଥା ବିଗିଡିବାରେ ଲାଗିଛି । ସେହି ବସ କର୍ମଚାରୀ ମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ବସ ମାଲିକ ସଂଘପକ୍ଷରୁ ଦାବି କରିଆସୁଛି । କିନ୍ତୁ ଏପର୍ଯ୍ୟନ୍ତ ପରିବହନ କର୍ମଚାରୀ ମାନଙ୍କ କୌଣଷି ଦାବୀ ପୂରଣ ହୋଇନାହିଁ । ତେଣୁ ବସ କର୍ମଚାରୀ ମାନଙ୍କୁ ରାସନ ଯୋଗାଣ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା, ବସ କର୍ମଚାରୀ ମାନଙ୍କୁ ୫ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବା ଏବଂ ବସ ମାଲିକ ମାନଙ୍କୁ ଋଣ କିସ୍ତି ପରିଶୋଧ ଆଦିରେ ରିହାତି ପ୍ରଦାନ କରାଯିବା ପାଇଁ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଏବଂ ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କୁ ବସ ମାଲିକ ସଂଘ ପକ୍ଷରୁ ଦାବୀପତ୍ର ପ୍ରଦାନ କରାଯାଇ ଥିବାର ଜଣାଯାଇଛି ।

## ଜଗତସିଂହପୁର ଜିଲ୍ଲାରେ କରୋନା ଗ୍ରାଫ ନିମ୍ନଗାମୀ
### ୩ସଂଖ୍ୟାରୁ ୨ସଂଖ୍ୟାରେ ପହଁଚିଲା ସଂକ୍ରମିତଙ୍କ ସଂଖ୍ୟା

ପାରାଦୀପ,୦୧/୦୭ (ନି.ପ୍ର): ଦୀର୍ଘଦିନ ହେବ ଜଗତସିଂହପୁର ଜିଲ୍ଲାରେ କୋଭିଡ-୧୯ ବା କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇ ୩୫୦ରୁ ଉର୍ଦ୍ଧ୍ୱରେ ପହଁଚିଥିଲା । ଧିରେ ଧିରେ ଏହି ଦୁଇରୁ ଶତକ ମଧ୍ୟରେ ପହଁଚି ଜୁନ ୩୦ ତାରିଖ ବୁଧବାର ଦିନ ସଂକ୍ରମିତଙ୍କ ସଂଖ୍ୟା ନିମ୍ନଗାମି ହୋଇ ୬୦ସଂଖ୍ୟାରେ ପହଁଚିଛି । ତେବେ ସଂପ୍ରତି ୯୨୬ଟି ଆକ୍ଟିଭ କେସ୍ ଥିବାବେଳେ ୧୩୭ ଜଣ ସୁସ୍ଥ ହୋଇଛନ୍ତି । ବୁଧବାର ଦିନ ସଂକ୍ରମିତଙ୍କ ମଧ୍ୟରୁ ବାଲିକୁଦାରୁ ୬, ବିରିଡିରୁ ୫, ଏରସମା ୩, କୁଜଙ୍ଗ ୭, ନାଉଗାଁ ୫, ତିର୍ତ୍ତୋଲ ୪, ରଘୁନାଥପୁର ୮, ଜଗତସିଂହପୁର ବ୍ଲକ ୯, ଜଗତସିଂହପୁର ୟୁଏଲବି ୮ ଓ ପାରାଦୀପ ୟୁଏଲବିରୁ ୫ ଜଣ ଚିହ୍ନଟ ହୋଇଥିବା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ପ୍ରକାଶ । ତେବେ ଜଗତସିଂହପୁର ଜିଲ୍ଲାରୁ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଥିବା ସାଧାରଣରେ ସାମାନ୍ୟ ଆସ୍ୱସ୍ତି ପ୍ରକାଶ ପାଇଛି ।

## ଜିଲ୍ଲା ରେଡକ୍ରସ ତରଫରୁ 'ଡକ୍ଟର୍ସ ଦିବସ' ଉପଲକ୍ଷେ କରୋନା ସଚେତନତା ସୃଷ୍ଟି



ବାଲେଶ୍ୱର,୦୧/୦୭ (ନି.ପ୍ର): ଜିଲ୍ଲା ରେଡକ୍ରସ ତରଫରୁ 'ଡକ୍ଟରସ ଦିବସ' ଉପଲକ୍ଷେ ଗୋଧିବସା, ନୁଆବଜାର, ଗଳାପୋଲ , ଅରଡ ବଜାର ବସ୍ତି ବାସିନ୍ଦା ମାନଙ୍କୁ କରୋନା ବାବଦରେ ସଚେତନତା ସୃଷ୍ଟି କରାଯାଇଥିଲା । ଆଗାମୀ ଦିନରେ ପୋଲିସ, ପ୍ରଶାସନ ଓ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ସହିତ ମିଶି ବାଲେଶ୍ୱର ଜିଲ୍ଲାରେ କରୋନା ପ୍ରଭାବ ପ୍ରଶମିତ ନିମନ୍ତେ ରେଡକ୍ରସ ଉଦ୍ୟମ କରିବା ସକାଶେ ନିଷ୍ପତ୍ତି ନିଆଗଲା। ମହାମାରୀ ସମୟରେ ଡ଼ାକ୍ତର ମାନଙ୍କ ଭୂମିକାକୁ ପ୍ରଶଂସା କରିବା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସି ଡି ଏମ ଓ ଡ଼ାକ୍ତର ଦୁଲାଲସେନ ଜଗଦେବ, ଏ ଡି ଏମ ଓ ଡ଼ାକ୍ତର ମୃତ୍ୟୁଞ୍ଜୟ ମିଶ୍ର , ଡ଼ାକ୍ତର ଶୁଭଜିତ୍ ଗିରି ଙ୍କୁ ଜିଲ୍ଲା ରେଡକ୍ରସ ତରଫରୁ ସଭର୍ଦ୍ଧତି କରାଯାଇଥିଲା। ଏହି ସଭାରେ ରେଡକ୍ରସ ଚେୟାରମେନ ଅନ୍ତର୍ଯାମି ପ୍ରଧାନ ସମସ୍ତ ପରିଚୟ ଦେଇ ଥିବା ବେଳେ କୋଷାଧକ୍ଷ ରାଜେଶ ବେହେରା, ସଭ୍ୟ ଲମ୍ବୋଦର ନାୟକ,କମଳ ଲୋଚନ ଦାସ, ରଂଜନ ପ୍ରଧାନ, ସାଗରିକା ମହାନ୍ତି, ଉପେନ୍ଦ୍ର ଭଞ୍ଜ, ଅମୃତାଂଶୁ ପଟ୍ଟନାୟକ, ପ୍ରଶାନ୍ତି ପଣ୍ଡା, ଅମୂଲ୍ୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଅବୈତନିକ କାର୍ଯ୍ୟକାରି ସମ୍ପାଦକ ଗଣେଶ୍ୱର ରାଉତ କାର୍ଯ୍ୟକ୍ରମ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ଦିନରେ ରେଡକ୍ରସ ତରଫରୁ ସ୍ୱାସ୍ଥ୍ୟ ଶିବିର ଆୟୋଜିତ କରାଗଲେ ସମସ୍ତ ପ୍ରକାର ସହଯୋଗ ମିଳିବ ବୋଲି ଉଭୟ ସି ଡି ଏମ ଓ ଡ଼ାକ୍ତର ଜଗଦେବଓ ଏବଂ ଏ ଡି ଏମ ଓ ଡ଼ାକ୍ତର ମିଶ୍ର ପ୍ରତିଶୃତି ଦେଇଥିଲେ ।

## ରାଜ୍ୟସ୍ୱ ଅମଲାଙ୍କୁ କରୋନା ଯୋଦ୍ଧା ଘୋଷଣା ପାଇଁ ଦାବି

କେନ୍ଦ୍ରାପଡା,୦୧/୦୭ (ନି.ପ୍ର): ଓଡିଶା ରାଜସ୍ୱ ଅମଳା ସଂଘର କାର୍ଯ୍ୟକାରିଣୀ ଦ୍ୱାରା ଗୃହୀତ ପ୍ରସ୍ତାବ ଅନୁଯାୟୀ ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଳା ମାନଙ୍କୁ କରୋନା ଯୋଦ୍ଧା ଘୋଷଣା ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରଙ୍କ ଠାରେ ଦାବି କରାଯାଇଛି । କେନ୍ଦ୍ରାପଡା ଜିଲ୍ଲା ରାଜସ୍ୱ ଅମଳା ସଂଗର ସଭାପତି ଦୀନବନ୍ଧୁ ରଥ, ସଂପାଦକ ରମେଶ ଚନ୍ଦ୍ର ପାଣି, କାର୍ଯ୍ୟକାରୀ ସଭାପତି ମନୋଜ କୁମାର ବେହେରା, ପୁରୁଷୋତମ ଦାସଙ୍କ ସମେତ ଅନ୍ୟ ଅମଳା ମାନେ ଏ ସମ୍ବନ୍ଧୀୟ ଦାବିପତ୍ର କୁ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କ ଜରିଆରେ ପ୍ରଦାନ କରିଛନ୍ତି ।

## ଭଦ୍ରକ ମୁସଲିମ ଜମାତ ତରଫରୁ ୩ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଭଦ୍ରକ,୦୧/୦୭ (ନି.ପ୍ର): ଭଦ୍ରକ ୧୪ ମହଲା ମୁସଲିମ ଜମାତ ତରଫରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୩ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାକୁ ଭଦ୍ରକ ମୁସଲିମ ଜମାତର ସଭାପତି ଜନାବ ହାଜୀ ଅବଦୁଲ ବାରୀଙ୍କ ସଭାପତିତ୍ୱ ଏବଂ ମାଷ୍ଟର ମୁସ୍ତାକ ଗୌହର ସଂଚାଳନା କରିଥିଲେ । ସମ୍ମାନିତ ଅତିଥିଭାବେ ଅଧ୍ୟାପକ ନାସିର ବକ୍ସ ଓ ୟୁନାନୀ ମେଡ଼ିକାଲର ମୁଖ୍ୟ ଡ଼ାକ୍ତର ହକିମୁଦ୍ଦିନ ଖାଁ ଯୋଗଦାନ କରିଥିଲେ। ଏହି ସଭାରେ ମାଟ୍ରିକ ରେଜଲ୍ଟରେ ଏ-୧ ଏବଂ ଏ-୨ ହୋଇଥିବା ୩ଜଣ ଛାତ୍ରୀଙ୍କୁ ଉତ୍ତରିୟ ପୁଷ୍ପଗୁଚ୍ଛ ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ପୁରୁଣା ବଜାର ସ୍ଥିତ ଛଡ଼ାକମହଲା ନିବାସୀ ସୁରଜ ଖାନଙ୍କ ୫୫୩ ନମ୍ବର ରଖିଥିବା ଝିଅ ହୀନା କାଦରୀ (ଜିଲ୍ଲାସ୍କୁଲ) ଏ-୧ ହୋଇ ଥିବାରୁ ତାଙ୍କୁ ୭୦୦୦ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା ଏବଂ ତାଙ୍କର ମୂଳ ଲକ୍ଷ୍ୟ ଭବିଷ୍ୟତରେ ଆଇ.ଏ.ଏସ୍ ହେବା ପାଇଁ ଅଛି ବୋଲି ସମ୍ବର୍ଦ୍ଧନାର ଉତ୍ତରରେ ସେ ପ୍ରକାଶ କରିଥିଲେ। ପୁରୁଣା ବଜାର ଦୁର୍ଗାପୁର ନିବାସୀ ସେକ ଅବଦୁଲ ରଜାଙ୍କ ୫୦୩ ନମ୍ବର ରଖିଥିବା ଝିଅ ସାନିଆ ସ୍ୱାହିଦ(ଏସ୍.ବି.ଏମ୍ ସ୍କୁଲ) ଏ-୨ ହୋଇଥିବାରୁ ୬୦୦୦ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା ଏବଂ ତାଙ୍କର ମୂଳ ଲକ୍ଷ ଭବିଷ୍ୟତରେ ଡ଼ାକ୍ତର ହେବେ। ପୁରୁଣା ବଜାର କାଜି ମହଲା ଅଧିବାସୀ ସେକ ଉମର ଅଲ୍ଲିଙ୍କ ୫୦୩ ନମ୍ବର ରଖିଥିବା ଝିଅ ସାନା କାଦରୀ (ଏନ୍.ସି ହାଇସ୍କୁଲ) ଏ-୨ ହୋଇଥିବାରୁ ୬୦୦୦ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା ଏବଂ ତାଙ୍କର ମୂଳ ଲକ୍ଷ ଭବିଷ୍ୟତରେ ଡ଼ାକ୍ତର ହେବେ। ଏହି ସମ୍ବର୍ଦ୍ଧନା ସଭାରେ ଭଦ୍ରକ ମୁସଲିମ ଜମାତର ସଭ୍ୟ ମହମ୍ମଦ ଜକାଓଲ୍ଲା, ସେକ ଏନାମ ମହମ୍ମଦ, ଅବଦୁଲ ମୁକିତ ଖାଁ, ସେକ ସିରାଜୁଦ୍ଦିନ, କୟୁମ ଅଲ୍ଲି ସାହା, ହାଜୀ ଅନୱ୍ୱର ହୋସେନ, ସବ୍ବିର ଅଲି, ତବାରକ ଅଲି, ମତଲୁବ ଅଲି, ଜମିଲ ଅଖତର ଖାନ, ସେର ଖାଁ, ରେଜାଏ ରସୁଲ, ହବିବୁଲ୍ଲା ଖାଁ, ମୁକ୍ତାର ଅହେମଦ ରସିଦ, ଶେଖ ହବିବୁଲ୍ଲା, ମିର୍ଜା ଫରିଦ, ମିର୍ଜା ଏକ୍ରାମ, ଜାଓେଦ ଅଖତର, ସେଖ ସମଦାନି, ମିଡ଼ିଆ ସେଲର ସଂଯୋଜକ ଶେଖ ଅନୱ୍ୱର, ଅବୁହୋସେନ ପ୍ରମୁଖ ଏବଂ ଛାତ୍ରୀଙ୍କ ପିତାମାତା, ବୁଦ୍ଧିଜୀବି ଯୋଗଦାନ କରି ଛାତ୍ରୀ ମାନଙ୍କୁ ଭବିଷ୍ୟତରେ ମୂଳ ଲକ୍ଷ୍ୟକୁ ଯିବା ପାଇଁ ଉତ୍ସାହିତ କରାଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo